

ଘୁଞ୍ଚିପାରେ 'ପରମସୁନ୍ଦରୀ' ରିଲିଜ୍ ଡେଟ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-356 ♦BHUBANESWAR ♦TUESDAY ♦24 JUNE 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୨ ♦ସଂଖ୍ୟା-୩୫୬ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୪ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଟେଷ୍ଟ ଶତକରେ ୱିକେଟକିପରଙ୍କ ରେକର୍ଡ

■ **ଲିଡ୍ସ, ୨୩।୬ (ଏଜେନ୍ସି):** ୱିକେଟ୍ ରକ୍ଷକ ଭାବେ ଗୋଟିଏ ଟେଷ୍ଟର ଦୁଇଟି ଇନିଂସରେ ଶତକ ହାସଲ କରି ଋଷଭ ପନ୍ତ୍ ଭାରତ କ୍ରିକେଟ୍ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ବିଶ୍ୱରେ ଜଣେମାତ୍ର ୱିକେଟରକ୍ଷକ ଭାବେ ଜିମ୍ବାୱେର ପୂର୍ବତନ ଅଧିନାୟକ ଆଣ୍ଡି ଫ୍ଲାୱାର ଦକ୍ଷିଣ ଆଫ୍ରିକା ବିପକ୍ଷ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ଏବେ ପନ୍ତ୍ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରି ଫ୍ଲାୱାରଙ୍କ ସହ ସମକକ୍ଷ ହୋଇପାରିଛନ୍ତି। ଇଂଲଣ୍ଡର ଲିଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ପନ୍ତ୍ ୧୩୪ ରନ୍ ଓ ଦ୍ୱିତୀୟ ଇନିଂସରେ

**ଫ୍ଲାୱାରଙ୍କ ସମକକ୍ଷ ହେଲେ ଋଷଭ ପନ୍ତ୍**

୧୧୮ ରନ୍ କରିଛନ୍ତି। ଏହା ଫଳରେ ସେ ପ୍ରଥମ ଭାରତୀୟ ୱିକେଟ ରକ୍ଷକ ଭାବେ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଏବଂ ଇଂଲଣ୍ଡ



ମାଟିରେ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ତାଙ୍କ ପୂର୍ବରୁ ୬ଜଣ ଭାରତୀୟ ଦେଶ ଓ ବିଦେଶରେ ଗୋଟିଏ ଟେଷ୍ଟରେ ୨ଟି ଶତକ

**ଗୋଟିଏ ଟେଷ୍ଟର ଦୁଇଟି ଇନିଂସରେ ଶତକ**

ହାସଲ କରିଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ୬୮ଟି ଟେଷ୍ଟ ଖେଳି ମଧ୍ୟ କେହି ଏପରି ସଫଳତା ପାଇ ନ ଥିଲେ।

ଏଠାରେ ଭାରତର ଦ୍ୱିତୀୟ ଇନିଂସରେ ମଧ୍ୟ ଲୋକେଶ ରାହୁଲ ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ପନ୍ତ୍ ଓ ରାହୁଲ ଚତୁର୍ଥ ୱିକେଟ ଭାଗିଦାରୀରେ ୧୯୫ ରନ୍ ଉଠାଇ ଭାରତକୁ ମଜଭୁତ ସ୍ଥିତିରେ ପହଞ୍ଚାଇଛନ୍ତି। ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍ ଓ ଋଷଭ ପନ୍ତ୍ ଶତକ ହାସଲ କରିଥିଲେ। ଗୋଟିଏ ଟେଷ୍ଟରେ ୫ଜଣ ଖେଳାଳି ଶତକ ହାସଲ କରି ଭାରତର କ୍ରିକେଟ ଇତିହାସରେ ଆଉ ଏକ ରେକର୍ଡ ସୃଷ୍ଟି କରିଛନ୍ତି।

# ଘନଉଛି ବିଶ୍ୱଯୁଦ୍ଧ

## ସିରିଆରେ ଥିବା ଆମେରିକାର ସାମରିକ ଘାଟି ଧ୍ୱଂସକଲା ଇରାନ୍

■ **ତେହେରାନ, ୨୩।୬ (ଏଜେନ୍ସି):** ଇରାନ-ଇସ୍ରାଏଲ୍ ଯୁଦ୍ଧରେ ହସ୍ତକ୍ଷେପ ଓ ଇରାନ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣ ମଧ୍ୟପ୍ରାଚ୍ୟ ସ୍ଥିତିକୁ ଅଶାନ୍ତ କରିଛି। ଇରାନର ତିନି ପରମାଣୁ ଘାଟି ଫୋର୍ଡର୍, ନାଟାଞ୍ଜ ଓ ଇସଫାହାନ ଉପରେ ଆମେରିକା ବଙ୍କର ବଷ୍ଟର ବି-୨ ବୋମା ପ୍ରୟୋଗ କରି ଧ୍ୱଂସର ପ୍ରତିଶୋଧ ନେଇ ଇରାନ୍ କ୍ଷେପଣାସ୍ତ୍ର ମାଡ଼ କରି ସିରିଆରେ ଆମେରିକୀୟ ସାମରିକ ଘାଟିକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛି। ସୂଚନା ଅନୁସାରେ ସୋମବାର (ଜୁନ୍୨୩) ରେ ସିରିଆର ପଶ୍ଚିମ ପ୍ରାନ୍ତର ହାସାକା ପ୍ରଦେଶରେ ଅବସ୍ଥିତ ଆମେରିକୀୟ ଘାଟି ଉପରେ ଇରାନ୍ ପ୍ରଚଣ୍ଡ ଆକ୍ରମଣ କରିଛି। ଇରାନର ଏହି ଆକ୍ରମଣ ପରିସ୍ଥିତିକୁ ଅଧିକ ସଙ୍କଟଜନକ କରିଛି। ସେହିପରି ଇରାନ୍ ଆମେରିକାରେ ନିଜର ସ୍ଲିପର

- ଇସ୍ରାଏଲ୍ ଆକ୍ରମଣରେ ଇରାନର ୧୫ ଲଢୁଆ ବିମାନ ନଷ୍ଟ
- ରୁଷ ରାଷ୍ଟ୍ରପତି ପୁତିନ୍‌ଙ୍କ ସହଯୋଗ ଲୋଡ଼ିଲେ ଇରାନ୍ ରାଷ୍ଟ୍ରପତି
- ଇରାନୀ ସ୍ଲିପରସେଲ୍ ଆକ୍ରମଣ ଭୟରେ ନ୍ୟୁୟର୍କରେ ହାଇ ଆଲର୍ଟ
- ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ସହ ସବୁ ସମ୍ପର୍କ ଛିନ୍ନ: ଇରାନ
- ପ୍ରତି କ୍ଷେପଣାସ୍ତ୍ର ମାଡ଼ର ଗୋଟିଗୋଟି ହିସାବ ଦିଆଯିବ: ଇସ୍ରାଏଲ



ସେଲ୍‌କୁ ସକ୍ରିୟ କରିଥିବା ସୂଚନା ମିଳିବା ପରେ ନ୍ୟୁୟର୍କ ସହରରେ ହାଇ ଆଲର୍ଟ ଜାରି କରାଯାଇଛି। ଅନ୍ୟପକ୍ଷରେ ଉଭୟ ଇରାନ୍ ଓ ଇସ୍ରାଏଲ୍ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଇରାନ୍‌ର ବିଭିନ୍ନ ବିମାନବନ୍ଦର ଓ ସାମରିକ ଘାଟି ଉପରେ ଆକ୍ରମଣ କରି ଇସ୍ରାଏଲ୍ ୧୫ ଲଢୁଆ ବିମାନ ଧ୍ୱଂସ କରିଛି।ଇସ୍ରାଏଲ୍ ଡ଼ିଫେନ୍ସ ଫୋର୍ସ (ଆଇଡ଼ିଏଫ୍) ଇରାନର ପଶ୍ଚିମ, ପୂର୍ବ ମଧ୍ୟଭାଗରେ ଥିବା ୬ଟି ସାମରିକ ବିମାନବନ୍ଦର ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ଏହି ଆକ୍ରମଣରେ ରନୱେ ଓ ଭୂତଳ ବଙ୍କରରେ ଥିବା ପ୍ରାୟ ୧୫ଟି ଏଫ୍-୧୪, ଏଫ୍-୫ ଓ ଏଏଚ୍-୧ ଯୁଦ୍ଧ ବିମାନ ନଷ୍ଟ ହୋଇଛି। ଏହା ସହିତ ବିମାନଗୁଡ଼ିକରେ ଆକାଶରେ ଇନ୍ଧନ ଭର୍ତ୍ତି କରୁଥିବା ଅନ୍ୟଏକ ସାମରିକ ବିମାନ ମଧ୍ୟ ଧ୍ୱଂସ ପାଇଛି। ଇରାନ୍ ଏହି ବିମାନଗୁଡ଼ିକୁ ଇସ୍ରାଏଲ୍ ଉପରେ ଆକ୍ରମଣ ପାଇଁ ବ୍ୟବହାର କରୁଥିବା ସୂଚନା ପାଇ ଆଇଡ଼ିଏଫ୍ ସମ୍ପୃକ୍ତ ବିମାନକୁ ନିଶାଣ କରିଥିବା ସୂଚନା ଦେଇଛି। ଇସ୍ରାଏଲ୍‌ର ଆକ୍ରମଣ ପରେ ଇରାନର ଏହି ସାମରିକ ବିମାନବନ୍ଦରଗୁଡ଼ିକରୁ ▶ପୃଷ୍ଠା-୭

### ଯାଜପୁରରେ ହଟଚମଟ

## ଦିଲ୍ଲୀ ଯୁବତୀଙ୍କୁ ଅସଦାଚରଣ

■ **ଦଶରଥପୁର, ୨୩।୬ (ସମିସ):** ଗାଁ ପରିବେଶ, ପରମ୍ପରା, ସଂସ୍କୃତି, ଚାଳିଚଳଣି ଜାଣିବା ପାଇଁ ସାଙ୍ଗ ସହ ସୁଦୂର ଦିଲ୍ଲୀରୁ ଛୁଟି ଆସିଥିଲେ। କିନ୍ତୁ ତାଙ୍କ ସହ ଏଠାରେ ଅସଦାଚରଣ ଭଳି ଅଘଟଣ ଯେ ଘଟିବ, ତାହା ସେ କେବେ କଳ୍ପନା କରିନଥିଲେ। ଦୁର୍ବୃତ୍ତଙ୍କ ଅସଦାଚରଣ ଯେତିକି କଷ୍ଟ ଦେଲା, ତା'ଠାରୁ ଅଧିକ କଷ୍ଟକର ଥିଲା ପୁଲିସ୍‌ର ବ୍ୟବହାର ଓ ନିଷ୍କ୍ରିୟତା। ବାନ୍ଧବୀଙ୍କ ସହ ଯାଜପୁର ଜିଲ୍ଲା ଦଶରଥପୁର ବୁଲି ଆସିଥିବା ଦିଲ୍ଲୀର ଉକ୍ତ ଯୁବତୀଜଣଙ୍କ ହେଲେ, ଲିଜା ଶର୍ମା (ଛଦ୍ମନାମ)। ଦଶରଥପୁର ଅଞ୍ଚଳର ସାଙ୍ଗ ସୁମିତ୍ରା ସାହୁ (ଛଦ୍ମନାମ)ଙ୍କ ସହ ସେ ଯାଜପୁର ବୁଲି ଆସିଥିବା ବେଳେ ତାଙ୍କ ସହ ଏହି ଆପରାଧିକ ଘଟଣା ଘଟିଛି। ଦୁଇ ଦୁର୍ବୃତ୍ତ ଉଭୟଙ୍କୁ ଅସଦାଚରଣ କରିବା ସହ

- ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବତୀଙ୍କ ସମ୍ପର୍କୀୟ ଗୁରୁତର
- ସାଙ୍ଗ ସହ ଗାଁ ବୁଲି ଆସିଥିଲେ
- ଦୁର୍ବୃତ୍ତଙ୍କ ଅସଦାଚରଣଠାରୁ ବଳିଗଲା ପୁଲିସ୍‌ର ନିଷ୍କ୍ରିୟତା

ସୁମିତ୍ରାଙ୍କ ସଂପର୍କୀୟ ଭାଇଙ୍କୁ ନିସ୍ତୁକ ମାଡ଼ ମାରି ଦରମରା କରିଛନ୍ତି।

ଅପରପକ୍ଷେ, ମହିଳାଙ୍କ ପାଇଁ ଓଡ଼ିଶା ସୁରକ୍ଷିତ ନୁହେଁ ବୋଲି କିଛି ଦିନ ତଳେ ନିଜ ନାଗରିକଙ୍କ ପାଇଁ ଆମେରିକା ଜାରି କରିଥିବା ନିର୍ଦ୍ଦେଶାବଳୀକୁ ଏହି ଘଟଣା ସତ ପ୍ରମାଣିତ କରିଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନାନୁଯାୟୀ, ଗତ ୨୧ ତାରିଖରେ ସୁମିତ୍ରାଙ୍କ ବାପାଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ▶ପୃଷ୍ଠା-୭

### ସୂଚନା ଦେଲେ ପ୍ରେମ୍ ପଟ୍ଟନାୟକ

## ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ନବୀନ

■ **ଭୁବନେଶ୍ୱର, ୨୩।୬ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ସୋମବାର ନବୀନଙ୍କ ବଡ଼ଭାଇ ତଥା ବିଶିଷ୍ଟ ଶିଳ୍ପପତି ପ୍ରେମ୍ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ଏକ ଭିଡିଓ ବାର୍ତ୍ତା ଜାରି କରି ପ୍ରେମ୍ ପଟ୍ଟନାୟକ କହିଛନ୍ତି ଯେ ଅସ୍ତ୍ରୋପଚାର ପରେ ନବୀନଙ୍କ

**ପ୍ରାର୍ଥନା ପାଇଁ ରାଜ୍ୟବାସୀଙ୍କୁ ଜଣାଇଲେ କୃତଜ୍ଞତା**

ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ସେ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ଏବଂ ନିରୀକ୍ଷଣରେ ଅଛନ୍ତି। ବର୍ତ୍ତମାନ ସେ କିଛି କିଛି ଚଲାବୁଲା ମଧ୍ୟ କରୁଛନ୍ତି। ଏହି ଅବସରରେ ନବୀନଙ୍କ ପାଇଁ ଚିନ୍ତା ପ୍ରକଟ କରିଥିବା ଓ ପ୍ରାର୍ଥନା କରିଥିବା ରାଜ୍ୟବାସୀଙ୍କୁ ପ୍ରେମ୍ କୃତଜ୍ଞତା ଜଣାଇଛନ୍ତା। ଏହାସହିତ ରାଜ୍ୟବାସୀଙ୍କ ମଙ୍ଗଳକାମନା ଯୋଗୁଁ ନବୀନ ପଟ୍ଟନାୟକ ▶ପୃଷ୍ଠା-୭



### ଗୋପାଳପୁର ଗଣଦୁଷ୍କର୍ମ ମାମଲା

## କ୍ରାଇମ୍‌ବ୍ରାଞ୍ଚ ହାତରେ ଡିଜିଟାଲ ପ୍ରମାଣ

■ **ଭୁବନେଶ୍ୱର, ୨୩।୬ (ସମିସ):** ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ତଦନ୍ତ ବେଳେ କ୍ରାଇମ୍‌ବ୍ରାଞ୍ଚ ହାତରେ ଲାଗିଛି ଡିଜିଟାଲ ପ୍ରମାଣ। ଯାହାକି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ସହାୟକ ହେବ। ସିସିଟିଭି ଫୁଟେଜ ଓ ମୋବାଇଲରୁ ମିଳିଛି ବଳିଷ୍ଠ ପ୍ରମାଣ। କ୍ରାଇମ୍ ସିନ୍ ସିସିଟିଭିରେ କଏଦ ହୋଇଥିବା ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର। ଅଭିଯୁକ୍ତଙ୍କୁ ଦଣ୍ଡ ଦେବାକୁ ଯଥେଷ୍ଟ ପ୍ରମାଣ ରହିଛି। କଠୋରରୁ କଠୋର ଦଣ୍ଡ ପାଇଁ ସବୁ

- ମୋବାଇଲରେ ଭିଡିଓ କରିଥିଲେ ଅଭିଯୁକ୍ତ
- ଆଖପାଖର ସିସିଟିଭି ଫୁଟେଜ୍ ସଂଗ୍ରହ

ପ୍ରୟାସ ହେବ। ଘଟଣାକୁ ମୋବାଇଲରେ ଭିଡିଓ କରିଥିଲେ ଅଭିଯୁକ୍ତ। ଏହି ଘଟଣାରେ ପୋଲିସ ୧୦ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କର ମୋବାଇଲ୍ ଜବତ କରି ଫରେନ୍‌ସିକ ଲ୍ୟାବ୍‌କୁ ପଠାଯାଇଛି। ଆବଶ୍ୟକ ▶ପୃଷ୍ଠା-୭

## ନିଜଆଡୁ ମାମଲା ରୁଜୁ କଲେ ଏନ୍‌ଏଚ୍‌ଆର୍‌ସି

■ **ଭୁବନେଶ୍ୱର,୨୩।୬(ସମିସ):** ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଘଟଣାର ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଏନ୍‌ଏଚ୍‌ଆର୍‌ସି ନିଜଆଡୁ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ଡିଜିଙ୍କୁ ଆୟୋଗ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ କହିଛନ୍ତି। ଏଥିସହ ମାମଲାର ତଦନ୍ତ ସ୍ଥିତି, ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଏବଂ ତାଙ୍କୁ ଦିଆଯାଇଥିବା କ୍ଷତିପୂରଣ / ପରାମର୍ଶ ସମ୍ପର୍କରେ ସବିଶେଷ ସୂଚନା ରିପୋର୍ଟରେ ଉଲ୍ଲେଖ କରିବାକୁ କୁହାଯାଇଛି।

### କୁଆଡ଼େ ଗଲା 'ବିକଶିତ ଗାଁ ବିକଶିତ ଓଡିଶା'


## ଉଦ୍‌ଘାଟନର ଚାରି ମାସ ପରେ ବି ଆରମ୍ଭ ହୋଇନି କାମ

■ **ବଲାଙ୍ଗିର,୨୩।୬(ସମିସ):** 'ବିକଶିତ ଗାଁ ବିକଶିତ ଓଡିଶା' ନାମରେ ଲୋକଙ୍କୁ ଲଲିପପ୍ ଧରାଇଦେଲେ ରାଜ୍ୟ ସରକାର। ଫେବୃଆରୀରେ ଆରମ୍ଭ କଲେ ଯୋଜନା; କିନ୍ତୁ ଆଜି ଯାଏଁ ଆରମ୍ଭ ହୋଇନାହିଁ ଗୋଟିଏ ବି ପ୍ରକଳ୍ପ। ବଲାଙ୍ଗିର ଜିଲ୍ଲାର ୧୪ ଟିବ୍ଲକ୍‌ରେ ପ୍ରାୟ ସମାନ ଅବସ୍ଥା। ଆଜି ଯାଏଁ ଗୋଟିଏ ବି କାମ ଆରମ୍ଭ ହୋଇନଥିବା ବେଳେ କେବେ ତାହା ଆରମ୍ଭ ହେବ ତାକୁ ନେଇ ଉଠିଛି ପ୍ରଶ୍ନ। ସ୍ଥାନୀୟ ଜନପ୍ରତିନିଧି ଏନେଇ ପ୍ରଶ୍ନ ଉଠାଇବା ଆରମ୍ଭ କରିଥିବା ବେଳେ ବହୁ ଆଡମ୍ବର ଲଘୁକ୍ରିୟା ଭଳି 'ବିକାଶିତ ଗାଁ ବିକଶିତ ଓଡିଶା' ଯୋଜନା ଏବେ

**ଫେବୃଆରୀ ୫ରେ ଉଦ୍‌ଘାଟିତ ହୋଇଥିଲା ଯୋଜନା**

ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। ଏହି ଯୋଜନା ଆରମ୍ଭ ନହେବା ପଛରେ ରାଜନୈତିକ ହସ୍ତକ୍ଷେପ ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି।

ପୂର୍ବ ସରକାର ନିର୍ବାଚନ ପୂର୍ବରୁ ଗ୍ରାମ୍ୟ ବିକାଶ ପାଇଁ ଆରମ୍ଭ କରିଥିଲେ 'ଆମ ଓଡିଶା ନବୀନ ଓଡିଶା' ଯୋଜନା। ଏହି ଯୋଜନାରେ ଗାଁ ଟୁଙ୍ଗି ଠାରୁ ଆରମ୍ଭ କରି ରାସ୍ତା କାମ ପର୍ଯ୍ୟନ୍ତ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ବିଭାଗୀୟ ସୂଚନା ଅନୁସାରେ, ପୂର୍ବ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଉକ୍ତ ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଲେଖାଏଁ ଅନୁଦାନ ଦିଆଯାଉଥିଲା। ଏହିକ୍ରମରେ ୨୦୨୩-୨୪ ଆର୍ଥିକ ▶ପୃଷ୍ଠା-୭

## ମୋ ଜୀବନ ପ୍ରତି ବିପଦ: ତେଜପ୍ରତାପ

ପାଟନା, ୨୩।୬(ଏଜେନ୍ସି): ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ନିଜ ଜୀବନ ପ୍ରତି ବିପଦ ଅଛି ବୋଲି ଅଭିଯୋଗ ଆଣି ହଇଚଇ ସୃଷ୍ଟି କରିଛନ୍ତି। ଷଡ଼ଯନ୍ତ୍ର କରି ମୋତେ ପାର୍ଟି ଅର୍ଥାତ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ରୁ ବହିଷ୍କାର କରାଯାଇଛି। ମୋ ବ୍ୟକ୍ତିଗତ ଜୀବନକୁ ନେଇ ଲୋକେ ଆକ୍ଷେପ କରୁଛନ୍ତି। ଏହାକୁ କେହି ବରଦାସ୍ତ କରିବେ ନାହିଁ। ଯଦି ମୋ ଉପରେ



ଏଭଳି ଚାପ ପ୍ରୟୋଗ କରାଯାଏ, ତେବେ ଆଇନର ଆଶ୍ରୟ ନେବି ବୋଲି ସେ କହିଛନ୍ତି। ଆରଜେଡି ଓ ପରିବାରରୁ ବାହର କରିଦିଆଯିବା ପରେ ସେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଛନ୍ତି। ମୁଁ ଡରିବା ଲୋକ ନୁହଁ ଓ ମୁକାବିଲା କରିବାକୁ ପ୍ରସ୍ତୁତ। ମୋ ବରୋଧରେ ଷଡ଼ଯନ୍ତ୍ର କରିଥିବା ୪-୫ ଜଣ ଲୋକ ନାମ ପଦାକୁ ଆଣିବି। ମୋତେ ଅନ୍ୟାୟ ଭାବେ ପାର୍ଟି, ପରିବାର ଓ ସଂଗଠନରୁ ବାହର କରିଦିଆଯାଇଛି। କେବେ କାହାର ଅମଙ୍ଗଳ ଚିନ୍ତା କରିନାହିଁ। ସବୁବେଳେ ମାତାପିତାଙ୍କର ସମ୍ମାନ କରିଛି। ମୋ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବି। ସାନ ଭାଇ ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ମୋର ଆଶୀର୍ବାଦ ରହିଛ ବୋଲି ସେ କହିଛନ୍ତି।

## ପୁଣି ମୋଦୀଙ୍କୁ ପ୍ରଶଂସା କଲେ ଥରୁର୍

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଗୋଟେପଟେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଡ଼ା ସମାଲୋଚନା କରିଥିବା ବେଳେ ଅନ୍ୟପଟେ କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା ଶଶି ଥରୁର ପୁଣି ଥରେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଏକ ଇଂରାଜୀ ଖବରକାଗଜରେ ସ୍ତମ୍ଭ ଲେଖି ସେ ମୋଦିଙ୍କୁ ଦେଶର ଅମୂଲ୍ୟ ସମ୍ପଦ ବୋଲି କହିଛନ୍ତି। ମୋଦୀଙ୍କ ଶକ୍ତି, ଗତିଶୀଳତା



ଓ ଇଚ୍ଛାଶକ୍ତି ହିଁ ତାଙ୍କୁ ଦେଶର ଏକ ପ୍ରମୁଖ ସମ୍ପତ୍ତି ଭାବେ ଗଢ଼ି ତୋଳିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଜବାବରେ ଭାରତର କାର୍ଯ୍ୟାନୁଷ୍ଠାନ ସ୍ୱରୂପ କରାଯାଇଥିବା ଅପରେସନ ସିନ୍ଦୂର ପରେ ବିଶ୍ୱରେ ବିଭିନ୍ନ ଦେଶକୁ ପଠାଯାଇଥିବା ଭାରତୀୟ ପ୍ରତିନିଧିମଣ୍ଡଳୀର ଅଭିଜ୍ଞତା ନେଇ ସେ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲେ। ଏହା ଦ୍ୱାରା ଭାରତ କୂଟନୈତିକସ୍ତରରେ ମଧ୍ୟ ସାରା ବିଶ୍ୱରେ ନିଜର ବର୍ତ୍ତା ପହଞ୍ଚାଇବାରେ ସଫଳ ହୋଇଥିଲା। ଉଲ୍ଲେଖଥାଉ କି, ଥରୁରଙ୍କ ନେତୃତ୍ୱରେ ସର୍ବଦଳୀୟ ସଂସଦୀୟ ପ୍ରତିନିଧିମଣ୍ଡଳୀ ଆମେରିକାର ସମେତ ଗୁଏନା, ପାନାମା, କଲମ୍ବିଆ, ବ୍ରାଜିଲ ଗସ୍ତ କରି ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲା। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ଏହି ସର୍ବଦଳୀୟ ସଂସଦୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବା ଏକ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିଛି ବୋଲି ସେ କହିଛନ୍ତି।

## ଜଗନମୋହନଙ୍କ ବିରୋଧରେ ଏଫ୍ଆଇଆର୍

ହାଇଦରାବାଦ୍, ୨୩।୬(ଏଜେନ୍ସି): ଆନ୍ଧ୍ରପ୍ରଦେଶ ପୂର୍ବତନ ମୁଖମନ୍ତ୍ରୀ ଜଗମୋହନ ରେଡ୍ଡୀଙ୍କ ବିରୋଧରେ ହିଟ୍ ଆଣ୍ଡ ରନ୍ ମାମଲାରେ ଏଫ୍ଆଇଆର ଦାଏର କରାଯାଇଛି। ଗୁଣ୍ଟୁର ଜିଲ୍ଲା ଏସ୍‌ପି ଏସ୍ ସତୀଶ କୁମାର ରବିବାର ରାତିରେ ଏକ ସାମ୍ବାଦିକ ସମ୍ମଳନୀରେ ଏନେଇ ସୂଚନା ଦେଇଛନ୍ତି। ଜଗମୋହନ କାର ୫ ଦିନ ତଳେ ଏକ ରୋଡ ଶୋ ଅବସରରେ ଜଣେ ୫୩ ବର୍ଷୀୟ ବ୍ୟକ୍ତିଙ୍କ ଉପରେ ମାଡିଯାଇଥିଲା। ହସ୍ପିଟାଲ ନେବା ବେଳେ ତାଙ୍କୁ ମୃତ୍ୟୁ ହୋଇଥିଲା। ଏହି ମୃତ ବ୍ୟକ୍ତିଙ୍କ ନାମ ଚିଲି ସିଙ୍ଗିଆ ବୋଲି କୁହାଯାଇଛି। ସେ ଜଗନମୋନହଙ୍କ ପାଟି ୱାଇଆରଏସ୍‌ସିପିର କର୍ମୀ ଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ



ଭାଇରାଲ ହୋଇଥିଲା ଓ ଏହା ସାମ୍ନାକୁ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି। ଗତ ୧୮ ତାରିଖରେ ଏହି ଘଟଣା ଘଟିଥିଲା। ଜଗନ ପାଲନାଡୁ ଜିଲ୍ଲାରେ ରେଣ୍ଟାପଲ୍ଲା ଗାଁରେ ଜଣେ ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ପରିବାର ଲୋକଙ୍କୁ ଭେଟିବାକୁ ଯାଉଥିଲେ। ଏହି କାର୍ଯ୍ୟକର୍ତ୍ତା ଗତ ବର୍ଷ ପୁଲିସ୍ ପ୍ରତାଡ଼ନାର ଶିକାର ହୋଇ ଆତ୍ମହତ୍ୟା କରିଥିଲେ। ଜଗନ ତାଙ୍କ ସମର୍ଥନ ରୋଡ ଶୋ'ର ଆୟୋଜନ କରିଥିଲେ। ସିଙ୍ଗିଆ ଜଗନଙ୍କ ଗାଡି ଉପରେ ଫୁଲ ପକାଇଥିବା ବେଳେ ତଳେ ପଡ଼ିଯାଇଥିଲେ ଓ ଗାଡି ତାଙ୍କ ଉପରେ ଚଢିଯାଇଥିଲା। ଜଗନଙ୍କୁ ମାତ୍ର ୩ଟି ଗାଡ଼ି ନେବାର ଅନୁମତି ଦିଆଯାଇଥିଲା। କିନ୍ତୁ ତାଙ୍କ ରୋଡ ଶୋରେ ୩୦ଟି ଗାଡ଼ି ସାମିଲ ଥିଲା। ମୃତକଙ୍କ ପତ୍ନୀଙ୍କ ଅଭିଯୋଗ ପରେ ଜଗନଙ୍କ ବରୋଧରେ ମାମଲା ରୁଜୁ କରାଯାଇଛି ବୋଲି ସତୀଶ କହିଛନ୍ତି।

## ବିଧାନସଭା ଉପନିର୍ବାଚନ

# ଗୁଜରାଟ, ପଞ୍ଜାବରେ ଆପ୍‌ର ବାଜିମାତ୍

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଦେଶର ୪ଟି ରାଜ୍ୟରେ ଅନୁଷ୍ଠିତ ୫ଟି ବିଧାନସଭା ଉପନିର୍ବାଚନର ଫଳାଫଳ ହସ୍ତଗତ ହୋଇଛି। ଏଥିରେ ଆମ ଆଦମୀ ପାର୍ଟି (ଆପ୍) ସଫଳତା ନେଇ ସାରା ଚର୍ଚ୍ଚା ଆରମ୍ଭ ହୋଇଛି। ବିଜେପି ଶାସିତ ରାଜ୍ୟ ଗୁଜରାଟର ବିସାଭଦାର ଓ ପଞ୍ଜାବର ଲୁଧିଆନାରେ ଆପ୍ ବିଜୟ ହାସଲ କରିଛି। ଗୁଜରାଟର ଅନ୍ୟଏକ ସିଟ୍ କଡ଼ିରେ ବିଜେପି ବାଜି

■ **ବିଜେପି, ତୃଣମୂଳ, କଂଗ୍ରେସକୁ ଗୋଟିଏ ଲେଖାଏ ସିଟ୍**









ମାରିଥିବା ବେଳେ କେରଳରେ ନୀଲମ୍ବୁର ସିଟ୍‌ରେ କଂଗ୍ରେସ ନେତୃତ୍ୱରେ ୟୁଡିଏଫ୍ ବିଜୟୀ ହୋଇଛି। ସେହିପରି ପଶ୍ଚିମବଙ୍ଗର କାଲିଗଞ୍ଜ ନିର୍ବାଚନ ମଣ୍ଡଳୀରେ ତୃଣମୂଳ କଂଗ୍ରେସ ବାଜି ମାରିଛି। ଆପ୍ ଦୁଇଟି, ବିଜେପି, ତୃଣମୂଳ କଂଗ୍ରେସ, କଂଗ୍ରେସ ଗୋଟିଏରେ ଲେଖାଏ ସିଟ୍‌ରେ ବାଜି ମାରିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ପରାଜୟ ପରେ ଏହି ବିଜୟ ଆମ ଆଦମୀ ପାର୍ଟି ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି।

କଡ଼ି ବିଧାନସଭା (ଗୁଜରାଟ)ରେ ବିଜେପି: ଏହି ସିଟ୍‌ରେ ବିଜେପିର ରାଜେନ୍ଦ୍ର ଚାବଡା (୯୯୭୨୭) ୩୯, ୪୫୪ ଭୋଟ୍‌ରେ କଂଗ୍ରେସର ରାମଶ ଚାବଡ଼ା (୬୦୨୯୦)ଙ୍କୁ ପରାସ୍ତ କରିଛନ୍ତି। ଫଳରେ ୨୦୧୭ରୁ ବିଜେପି ଏହି ସିଟ୍‌କୁ ବଜାୟ ରଖିବାରେ ସଫଳ ହୋଇଛି। ୨୦୨୨ ନିର୍ବାଚନରେ କର୍ଶନ ସୋଲାଙ୍କି ବିଜୟୀ ହୋଇଥିଲେ। ସେ ମୃତ୍ୟୁ ବରଣ କରିଥିବା ବେଳେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା।

ବିସାଭଦର (ଗୁଜରାଟ)ରେ ଆପ୍: ଏହି ସିଟ୍‌ରେ ଆପର ଗୋପାଳ ଇଟାଲିଆ ୧୭, ୫୫୪ ଭୋଟ୍‌ରେ ବିଜେପିର କିର୍ତ୍ତୀ ପଟେଲଙ୍କୁ ପରାସ୍ତ କରିଛନ୍ତି। ଗୋପାଳ ୭୫, ୯୪୨ ଓ କିର୍ତ୍ତୀ ୫୮, ୩୮୮ ଭୋଟ ପାଇଥିଲେ। ୨୦୨୨ରେ ଭୁପେନ୍ଦ୍ର ଭାୟାନୀ ବିଜୟୀ ହୋଇଥିଲେ। ସେ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଥିଲେ। ଫଳରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା।

ଲୁଧିଆନା (ପଞ୍ଜାବ)ରେ ଆପ୍: ପଞ୍ଜାବର ଏହି ନିର୍ବାଚନ ମଣ୍ଡଳୀରେ ଆପ ବିଜୟୀ ହେବା ସହ ସିଟ୍ ବଜାୟ ରଖିବାକୁ ସକ୍ଷମ ହୋଇଛି। ଆପ୍‌ର ସଞ୍ଜୀବ ଆରୋରା ୧୦, ୬୩୭ ଭୋଟ୍‌ରେ କଂଗ୍ରେସର ଭାରତ ଭୂଷଣ ଆଶୁଙ୍କୁ ପରାସ୍ତ କରିଛନ୍ତି। ସଞ୍ଜୀବ ୩୫, ୧୭୯ ଓ ଭାରତ ୨୪, ୫୪୨ ଭୋଟ୍ ହାସଲ କରିଥିଲେ। ଗତ ନିର୍ବାଚନରେ ବିଜୟୀ ହୋଇଥିବା ଆପ୍‌ର ଗୁରପ୍ରୀତ ଗୋଗି ମୃତ୍ୟୁବରଣ କରିଥିବାର ଉପ ନିର୍ବାଚନ ହୋଇଥିଲା।

ନିଲାମ୍ବର (କେରଳ)ରେ କଂଗ୍ରେସ: ଏହି ନିର୍ବାଚନ ମଣ୍ଡଳୀରେ ଆର୍ଯ୍ୟଦାନ ସୌକତ ୧୧, ୦୭୭ ଭୋଟ୍‌ରେ ସିପିଆଇଏମ୍‌ର ଏମ୍ ସ୍ୱରାଜଙ୍କୁ ପରାସ୍ତ କରିଛନ୍ତି। ଆର୍ଯ୍ୟଦାନ ୭୭, ୭୩୭ ଭୋଟ୍ ପାଇଥିବା ବେଳେ ସ୍ୱରାଜ ୬୬, ୬୬୦ ଭୋଟ ପାଇଛନ୍ତି। ସ୍ୱାଧିନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା ପିଭି ଅନୱର ଇସ୍ତଫା ଦେବା ଫଳରେ ଉପନିର୍ବାଚନ ହୋଇଥିଲା। ଅନୱର ଏବେ କେରଳର ତୃଣମୂଳ କଂଗ୍ରେସର ମୁଖ ଭାବେ ଦାୟିତ୍ୱରେ ଅଛନ୍ତି।

କାଲିଗଞ୍ଜ (ପଶ୍ଚିମବଙ୍ଗ)ରେ ତୃଣମୂଳ: ଏହି ସିଟ୍‌ରେ ଶାସକ ଦଳ ତୃଣମୂଳ କଂଗ୍ରେସର ଅଲିଫା ଅହମ୍ମଦ ୫୦, ୦୪୯ ଭୋଟ୍‌ରେ ବିଜେପିର ଆଶିଷ ଘୋଷଙ୍କୁ ପରାସ୍ତ କରିଛନ୍ତି। ଅଲିଫା ୧୦, ୨୭୫୯ ଭୋଟ୍ ପାଇଥିବା ବେଳେ ଆଶିଷ ୫୨, ୭୧୦ ଭେଟ ପାଇଛନ୍ତି। ସିଟିଂ ଏମ୍‌ଏଲ୍‌ଏ ତୃଣମୂଳର ନାସିରୁଦ୍ଦିନ ଅହମ୍ମଦ ମୃତ୍ୟୁବରଣ କରିବା ପରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା।

## ସିରିଆର ଚର୍ଚ୍ଚରେ ଆତ୍ମଘାତୀ ବିସ୍ଫୋରଣ; ୨୨ ମୃତ



ଦାମାସକସ୍, ୨୩।୬(ଏଜେନ୍ସି): ସିରିଆ ରାଜଧାନୀ ଦାମାସକସ୍‌ରେ ଏକ ଚର୍ଚ୍ଚରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ରବିବାର ରାତି ହୋଇଥିବା ଏହି ଘଟଣାରେ ଅତିକମ୍‌ରେ ୨୨ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୬୩ ଜଣ ଆହତ ହୋଇଛନ୍ତି। ଗ୍ରୀକ ଆର୍ଥୋଡକ୍ସ ସେଣ୍ଟ ଏଲିଆସ ଚର୍ଚ୍ଚରେ ପ୍ରାର୍ଥନା ଅବସରରେ ଲୋକ ଯୋଗ ଦେବା ପରେ ଏହି ଘଟଣା ଘଟିଥିଲା। ଆଇଏସ୍‌ଆଇଏସ୍‌ର ଜଣେ ଆତଙ୍କବାଦୀ ଚର୍ଚ୍ଚରେ ଧସେଇ ପସିବା ପରେ ପ୍ରଥମେ ଫାୟାରିଂ କରିଥିଲେ ଓ ପରେ ବୋମା ଫୁଟାଇ ନିଜକୁ ଉଡାଇ ଦେଇଥିଲେ। ଏହି ଆକ୍ରମଣ ଭାରତୀୟ ସମୟ ଅନୁସାରେ ରାତିରେ ହୋଇଥିଲା। ଏହି ଆତଙ୍କବାଦୀ ସହ ଜଣେ ବନ୍ଧୁକଧାରୀ ମଧ୍ୟ ଥିଲା। ସେ ମଧ୍ୟ ଲୋକ ଉପରେ ଗୁଳି ବର୍ଷା କରିଥିଲା। କିନ୍ତୁ ବିସ୍ଫୋରଣ ଘଟାଇ ନଥିଲା। ସେତେବେଳେ ଚର୍ଚ୍ଚରେ ପାଖାପାଖି ୧୫୦ରୁ ୩୫୦ ଲୋକ ଥିଲେ। ସୁରକ୍ଷାକର୍ମୀ ଯାଞ୍ଚ ପ୍ରକ୍ରିୟାର ଆରମ୍ଭ କରିଥିବା ବେଳେ ଚର୍ଚ୍ଚକୁ ଘେରାଉ କରାଯାଇଛି। ଏହି ଆତଙ୍କବାଦୀ ଆକ୍ରମଣକୁ ସିରିଆ ସରକାର ନନ୍ଦା କରିଛନ୍ତି।

# ପହଲଗାମ୍ ଆତଙ୍କୀକୁ ଚିହ୍ନିଲେ ଗିରଫ ଅଭିଯୁକ୍ତ

ଶ୍ରୀନଗର, ୨୩।୬(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ୩ ଜଣ ଆତଙ୍କୀଙ୍କ ମଧ୍ୟରୁ ଜଣକର ପରିଚୟ ମିଳିଛି। ରବିବାର ନ୍ୟାସନାଲ ଇନଭେଷ୍ଟିଗେଟିଂ ଏଜେନ୍ସି (ଏନ୍‌ଆଇଏ) ଦ୍ୱାର ଗିରଫ୍ ହୋଇଥିବା ଦୁଇ ଅଭିଯୁକ୍ତ ଏହି ଆତଙ୍କବାଦୀମାନଙ୍କ ମଧ୍ୟରୁ ଜଣକୁ ଚିହ୍ନି ପାରିଛନ୍ତି ଓ ଏହାର ନାମ ସୁଲେମାନ ଶାହା ବୋଲି କହିଛନ୍ତି। ତେବେ ବାକି ଦୁଇଜଣ ଆତଙ୍କବାଦୀଙ୍କ ପରିଚୟ ମଳିପାରି ନାହିଁ ବୋଲି କୁହାଯାଇଛି। ପହଲଗାମ ଆକ୍ରମଣ ପରେ କେତେକ ଆତଙ୍କବାଦୀଙ୍କ ଚିତ୍ର ସାମ୍ନାକୁ ଆସିଥିଲା। ଏମାନେ ହେଲେ ହାସିମ ମୁଶା, ତହ୍ଲା ଭାଇ ଓ ଜୁନେଦ। ସୁଲେମାନ ଏହି ଆତଙ୍କବାଦୀ ନେଟୱର୍କର ଅଂଶବବିଶେଷ ବୋଲି କୁହାଯାଇଛି। ଅବଶ୍ୟ ଜୁନେଦ୍ ଗତବର୍ଷ ଏନକାଉଣ୍ଟରେ ମୃତ୍ୟୁବରଣ କରିଥିଲା। ଜୁନେଦର ମୋବାଇଲ ଫୋନ୍‌ରେ ବାକି ୩ ଆତଙ୍କୀଙ୍କ ଫଟୋ ମିଳିଥିଲା। ଏଥିରେ ସୁଲେମାନ ଶାହାର ଫଟୋ ମଧ୍ୟ ଥିଲା। ସୁଲେମାନଙ୍କୁ କେତେକ ପୀଡିତ ପରିବାର ଲୋକ ଚିହ୍ନିବାରେ ସଫଳ ହୋଇଛନ୍ତି। ରବିବାର ପହଲଗାମ ଆତଙ୍କବାଦୀ ଆକ୍ରମଣକାରୀଙ୍କୁ ଶରଣ ଦେଇଥିବା ଦୁଇଜଣ ବ୍ୟକ୍ତିଙ୍କୁ ଏନ୍‌ଆଇଏ ଗିରଫ୍ କରିଥିଲା। ଏହି ଦୁଇଜଣ ହେଲେ ପରଭେଜ ଅହମ୍ମଦ ଜୋଠାର ଓ ବସିର ଅହମ୍ମଦ ଜୋଠାର।

## ଜ୍ୟୋତିଙ୍କ ହାଜତ ଆଉ ୧୪ ଦିନ ବଢ଼ିଲା

ହିସାର, ୨୩।୬(ଏଜେନ୍ସି): ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟକରୁଥିବା ଅଭିଯୋଗରେ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାହ୍ଲୋତ୍ରାଙ୍କ ବିଚାର ବିଭାଗୀୟ ହାଜତକୁ ଆହୁରି ୧୪ ଦିନ ବୃଦ୍ଧି କରାଯାଇଛି। ସୋମବାର ହିସାର କୋର୍ଟରେ ଭିଡିଓ କନଫୋରେନ୍ସିଂ ଜରିଆରେ ହୋଇଥିବା ଶୁଣାଣିରେ ଜ୍ୟୋତିଙ୍କୁ ହାଜର କରାଯାଇଥିଲା।



ଏବେ ଏହି ମାମଲାର ପରବର୍ତ୍ତିରି ଶୁଣାଣି ଜୁଲାଇ ୭ରେ ହେବ। ଉଲ୍ଲେଖଥାଉ କି, ମେ ୧୬ରେ ଜ୍ୟୋତିଙ୍କୁ ତାଙ୍କ ଘରେ ପୁଲିସ୍ ଗିରଫ କରିଥିଲା। ଗିରଫ ହେବା ପରେ ତାଙ୍କ ୯ ଦିନ ପୁଲିସ ରିମାଣ୍ଡରେ ରହିବାକୁ ପଡ଼ିଥିଲା। ଏହାପରେ ତାଙ୍କୁ ଜୁନ୍ ୨୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ କୋର୍ଟ ପଠାଇଥିଲେ। ଏହା ପୂର୍ବରୁ ଜ୍ୟୋତିଙ୍କ ଜାମିନ ଆବେଦନକୁ ତଳ କୋର୍ଟ ପ୍ରତ୍ୟାଖାନ କରିଥିଲେ। ପାକିସ୍ତାନ ଏଜେଣ୍ଟଙ୍କ ସମ୍ପର୍କରେ ଆସି ଜ୍ୟୋତି ସମ୍ବେଦନଶୀଳ ସୂଚନା ପାକିସ୍ତାନକୁ ଦେଉଥିବାର ଅଭିଯୋଗ ହୋଇଥିଲା। ଏବେ ସେ ସେସନ କୋର୍ଟରେ ଜାମିନ ଆବେଦନ କରିବେ ଓ ଏ ନେଇ ଆଇନଗତ ବିକଳ୍ପ ଉପରେ ବିଚାର କରିବେ ବୋଲି ଜ୍ୟୋତିଙ୍କ ଓକିଲ କୁମାର ମୁକେଶ କହିଛନ୍ତି। ଜ୍ୟୋତିଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗ ମିଛ ବୋଲି ସେ କହିଛନ୍ତି। ୟୁଟ୍ୟୁବ୍‌ରେ ଜ୍ୟୋତିଙ୍କ ୩.୭୭ ଲକ୍ଷ ଫଲୋଅର ଥିଲେ। କିନ୍ତୁ ସେ ଗିରଫ୍ ହେବାର ଅର୍ଥାତ ୧୮ ତାରିଖରେ ତାଙ୍କ ଫଲୋଅର ସଂଖ୍ୟାରେ ୪ ହଜାର ବୃଦ୍ଧି ହୋଇଥିଲା।

## ବିଜେପି ବିଧାୟକଙ୍କୁ ବସିବାକୁ ନ ଦେବାରୁ ବ୍ୟକ୍ତିଙ୍କୁ ମାଡ଼

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ବନ୍ଦେ ଭାରତ ଟ୍ରେନ୍‌ରେ ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଦିଲ୍ଲୀ- ଭୋପାଳ ବନ୍ଦେ ଭାରତ ଟ୍ରେନ୍‌ରେ ବିଜେପିର ଜଣେ ବିଧାୟକଙ୍କୁ ସିଟ୍‌ରେ ବସିବାକୁ ନ ଦେବା ଫଳରେ ଜଣେ ବ୍ୟକ୍ତିଙ୍କୁ ନିର୍ମମ ଭାବେ ମାଡ଼ ମରାଯାଇଛି। ଗୁରୁବାର ଏହି ଘଟଣା ଘଟିଥିଲା। ଉତ୍ତରପ୍ରଦେଶ ଝାନ୍‌ସିର ବିଜେପି ବିଧାୟକ ରାଜୀବ ସିଂ ପତ୍ନୀ ଓ ପୁଅ ସହ ନିଜ ନିର୍ବାଚନ ମଣ୍ଡଳୀ ଝାନସୀକୁ ଯାତ୍ରା କରୁଥିଲେ। ରାଜୀବଙ୍କୁ ଡବାରେ ପଛରେ ସିଟ୍ ମିଳିଥିବା ବେଳେ ତାଙ୍କ ପରବାର ସଦସ୍ୟଙ୍କୁ ଆଗରେ ସିଟ୍ ମିଳିଥିଲା। କିନ୍ତୁ ପତ୍ନୀ ଓ ପୁଅ ପାଖ ସିଟ୍‌ରେ ବସିଥିବା ବ୍ୟକ୍ତି ରାଜୀବଙ୍କ ସହ ସିଟ୍ ଅଦଳ ବଦଳ

### ବନ୍ଦେ ଭାରତ ଟ୍ରେନ୍‌ରେ ଅଘଟଣ

କରିବାକୁ ରାଜି ହୋଇ ନଥିଲେ। ଏଥିରେ ରାଜୀବଙ୍କ କେତେକ ସମର୍ଥକ ଉତ୍କ୍ଷୀପ୍ତ ହୋଇ ବ୍ୟକ୍ତିଜଣଙ୍କୁ ମାଡ଼ ମାରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପାଖାପାଖି ୧୨ ଜଣ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସିଟ୍‌ରେ ବସିଥିବା ବେଳେ ମୁଥ ମାରିଥିଲେ। ଏପରି ବ୍ୟକ୍ତିଙ୍କୁ ସେମାନେ ଚପଲ୍‌ରେ ମଧ୍ୟ ବାଡେଇଥିଲେ ଓ ତାଙ୍କ ନାକରୁ ରକ୍ତ ବାହରିଥିବାର ଦେଖାଯାଇଥିଲା।

## ଇସ୍ରାଏଲ-ଇରାନ ଯୁଦ୍ଧ ରୋକିବାକୁ ପ୍ରଧାନମନ୍ତ୍ରୀ ପ୍ରୟାସ କରନ୍ତୁ: ଖଡ୍‌ଗେ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖଡ଼ଗେ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆକ୍ଷେପ କରି ମନ୍ତବ୍ୟ ଦେଇଛନ୍ତି। ଆମ ପ୍ରଧାନମନ୍ତ୍ରୀ ନିଜକୁ ବିଶ୍ୱଗୁରୁ ବୋଲି ପରିଚୟ ଦେଉଥିବା ବେଳେ ଇସ୍ରାଏଲ ଓ ଇରାନ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଛି। ଏହି ଯୁଦ୍ଧକୁ ରୋକିବାକୁ ଆମେ ଦେଶ ତଥା ପ୍ରଧାନମନ୍ତ୍ରୀ ପ୍ରୟସା କରିବା ଉଚିତ ବୋଲି ସେ ମତ ଦେଇଛନ୍ତି। ଆପଣ



ବିଶ୍ୱ ଗୁରୁ ହୁଅନ୍ତୁ କି ଘରର ଗୁରୁ ହୁଅନ୍ତୁ। ସେଥିରେ କିଛି ଯାଏ ଆସେ ନାହିଁ। ଲୋକଙ୍କୁ ପେଟ୍ରୋଲ, ଡିଜେଲ, ଖାଦ୍ୟ, ପୋଷାକ ଓ ମୁଣ୍ଡ ଉପରେ ଛାତ ଆବଶ୍ୟକ। ପ୍ରଧାନମନ୍ତ୍ରୀ ଏହି ସବୁ ମୌଳିକ ଆବଶ୍ୟକତା ପୂରଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଇରାନ ସବୁବେଳେ ଭାରତକୁ ବିଭିନ୍ନ ମାମଲାରେ ସମର୍ଥନ ଦେଇଆସିଛି। ପୁଣି ଇରାନ ମଧ୍ୟ ଭାରତ ଏକ ପୁରୁଣା ବନ୍ଧୁ ରାଷ୍ଟ୍ର ରୂପେ ବେଶ୍ ଜଣାଶୁଣା। ଭାରତ ୫୦ ପ୍ରତିଶତ ଇନ୍ଧନ ଇରାନଠାରୁ ପାଇଥାଏ। ତେଣୁ ଭାରତ ଏହି ଯୁଦ୍ଧରେ ଇରାନକୁ ଖୋଲାଖୋଲି ଭାବେ ସମର୍ଥନ ଦେବା ଉଚିତ ବୋଲି କର୍ଣ୍ଣାଟକ ରାୟଚୁରରେ ଏକ ଜନସଭାରେ ଭାଷଣ ଦେବା ଅବସରରେ ଖଡଗେ କହିଛନ୍ତି। ପ୍ରଧାନମନ୍ତ୍ରୀ ସବୁବେଳେ ବିପକ୍ଷକୁ ଅପମାନିତ କରିବାକୁ ପ୍ରୟାସ କରିଆସିଛନ୍ତି ଓ ବିପକ୍ଷ ପ୍ରତି ତାଙ୍କର ଆଦୌ ସମ୍ମାନ ନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଭାରତୀୟ ସେନାବାହିନୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରି ପାକିସ୍ତାନକୁ କଡ଼ା ଜବାବ ଦେଇଛି। ତେବେ ମୋଦୀ ବ୍ୟକ୍ତିଗତ ଭାବେ ଏହାର ଶ୍ରେୟ ନେବାକୁ ଚେଷ୍ଟିତ ଥିଲେ ବୋଲି ଖଡଗେ କହିଛନ୍ତି।



## ବୈଷୟିକ ତ୍ରୁଟି କାରଣରୁ ୩ ବିମାନର ଉଡ଼ାଣ ବାତିଲ୍

ଇନ୍ଦୋର, ୨୩।୬(ଏଜେନ୍ସି): ଦେଶରେ ବୈଷୟିକ ତ୍ରୁଟି କାରଣରୁ ଏୟାରଲାଇନ୍ସର ବିମାନଗୁଡିକର ଉଡାଣ ବାତିଲ ହେବା ପ୍ରକ୍ରିୟା ଜାରି ରହିଛି। ସୋମବାର ଏକ ଏୟାର ଇଣ୍ଡିଆ ବିମାନ ଓ ଇଣ୍ଡିଗୋ ବିମାନରେ ସମସ୍ୟା ଦେଖାଦେଇଥିଲା। ସେହିପରି ରବିବାର ପକ୍ଷୀ ମାଡ ହେବା କାରଣରୁ ଏୟାର ଇଣ୍ଡିଆ ଏକ ବିମାନ ଉଡାଣା ବାତିଲ ହୋଇଥିଲା। ଜୟପୁର ବିମାନ ବନ୍ଦରରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବମାନ ଜୟପୁରରୁ ଦୁବାଇ ଯିବାର କାର୍ଯ୍ୟକ୍ରମ ଥିଲା। ତେବେ ଟେକ୍‌ଅଫ୍ କରିବାର ଠିକ୍ ପୂର୍ବରୁ କକ୍‌ପିଟ୍‌ରେ ବୈଷୟିକ ତ୍ରୁଟି ଦେଖା ଦେଇଥିଲା। ଫଳରେ ରନୱେରୁ ବିମାନକୁ ପାଇଲଟ ଫେରାଇ ଆଣିଥିଲେ। ଏଥିରେ ୧୩୦ ଯାତ୍ରୀ ବସିଥିଲେ। ୫ ଘଣ୍ଟାର ପ୍ରୟାସ ପରେ ମଧ୍ୟ ବିମାନ ଠିକ୍ ହୋଇ ନଥିଲା। ଫଳରେ ବିମାନର ଉଡାଣକୁ ରଦ୍ଦ କରିବାକୁ ହୋଇଥିଲା।

ସେହିପରି ଇନ୍ଦୋରରୁ ଭୁବନେଶ୍ୱର ଯିବାକୁ ଥିବା ଇଣ୍ଡିଗୋ ବିମାନ ୬ଇ ୬୩୩୨ ଟେକନିକାଲ ପ୍ରୋବ୍ଲେମ ଯୋଗୁଁ ରନୱେରୁ ପଛକୁ ଫେରିଥିଲା। ଏହି ବିମାନରେ ୮୦ ଜଣ ଯାତ୍ରୀ ଥିଲେ। ବିମାନରେ ସାମାନ୍ୟ ବୈଷୟିକ ତ୍ରୁଟି ଥିଲା ବୋଲି ଏୟାରପୋର୍ଟ ଟର୍ମିନାଲ ମ୍ୟାନେଜର ସୂଚନା ଦେଇଛନ୍ତି। ଏହାକୁ ଠିକ୍ କରାଯିବା ପରେ ବିମାନ ଭୁବନେଶ୍ୱର ଯାଇଥିଲା। ବିମାନ ପାଖାପାଖି ଅଢେଇ ଘଣ୍ଟ ରନୱେ ଉପରେ ଛିଡ଼ା ହୋଇଥିଲା।

ସେହିପରି ତିରୁବନନ୍ତପୁରମରୁ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନର ଉଡାଣକୁ ବାତିଲ କରାଯାଇଛି। ଏହି ବିମାନ ଲ୍ୟାଣ୍ଡି କରିବା ପରେ ସେଥିରେ ପକ୍ଷୀ ମାଡ ହୋଇଥିବାର ଆଶଙ୍କା କରାଯାଉଥିଲା। ଫଳରେ ବିମାନର ଯାଞ୍ଚ୍ କରାଯାଇଥିଲା। ଫଳରେ ଉଡାଣକୁ ରଦ୍ଦ କରାଯାଇଥିଲା। ଫଳରେ ଯାତ୍ରୀମାନଙ୍କୁ ହୋଟେଲରେ ରହିବାର ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କୁ ପଇସା ରିଫଣ୍ଡ କିମ୍ବା ନୁଆ ବୁକିଂ ଦିଆଯାଉଛି। ରବିବାର ରାତିରେ ମଧ୍ୟ ଇନ୍ଦୋରୁ ଦିଲ୍ଲୀ ଯିବାକୁ ଥିବା ବିମାନର ଉଡାଣକୁ ମଧ୍ୟ ବାତିଲ କରାଯାଇଥିଲା।

# କନିଷ୍କ ବିମାନ ଦୁର୍ଘଟଣାକୁ ପୂରିଲା ୪୦ ବର୍ଷ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାକୁ ଦୁଇସପ୍ତାହ ପୁରି ନଥିବା ବେଳେ କନିଷ୍କ ବିମାନ ଦୁର୍ଘଟଣାର ବିଭୀଷିକାକୁ ଏବେ ଲୋକ ମନେ ପକାଇଛନ୍ତି। ଆଜିକୁ ଠିକ୍ ୪୦ ବର୍ଷ ତଳେ ଭାରତ କନିଷ୍କ ବିମାନ ଏୟାର ଇଣ୍ଡିଆ ଫ୍ଲାଇଟ୍ ୧୮୨ର ଦୁର୍ଘଟଣା ହୋଇଥିଲା। ସେତେବେଳେ ଏହି ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଥିଲା। ୧୯୮୫ ଜୁନ୍ ୨୩ ସକାଳେ ଏହ ବିମାନ କାନାଡର ମଣ୍ଟ୍ରିଲରୁ ବାହାର ଲଣ୍ଡନ ପରେ ଦିଲ୍ଲୀ ଓ ମୁମ୍ବାଇ ଆସିବାର କାର୍ଯ୍ୟକ୍ରମ ଥିଲା। ତେବେ ଆତଙ୍କବାଦୀଙ୍କ ବୋମ ବିସ୍ଫୋରଣ ଯୋଗୁଁ ଏହା ଆଟଲାଣ୍ଟିକ ମହାସାଗରରେ ଖଣ୍ଡଖଣ୍ଡ ହୋଇ ଖସି ପଡ଼ିଥିଲା।ଏହି ବିମାନ ଦୁର୍ଘଟଣା ପଛରେ କନାଡ଼ାରେ ରହୁଥିବା ଖଲିସ୍ଥାନୀ ଆତଙ୍କବାଦୀଙ୍କ ହାତଥିଲା। ଅପରେସନ ବ୍ଲୁଷ୍ଟାର'ର ପ୍ରତିଶୋଧ ସ୍ୱରୂପ କାନାଡାରେ ଥିବା ଚରମପନ୍ଥୀ ସଂଗଠନ ବାବର ଖାଲସା ଏହି ଦୁର୍ଘଟଣା କରାଇଥିଲା। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ମୃତାହତ ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହା ଆତଙ୍କବାଦୀ କାର୍ଯ୍ୟକଳାପର ସବୁଠାରୁ ଘୃଣ୍ୟ ନମୁନା ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଆତଙ୍କବାଦକୁ ବରଦାସ୍ତ ନ କରିବାକୁ ଜୟଶଙ୍କର କହିଛନ୍ତି।

ଏଥିରେ ୩୨୯ ଜଣ ମୃତ୍ୟୁବରଣ କରିଥିଲେ। ଏମାନଙ୍କ ମଧ୍ୟରେ ୩୦୭ ଜଣ ଯାତ୍ରୀ ଓ ୨୨ କ୍ରୁ ମେମ୍ବର ସାମିଲ ଥିଲେ। ଏହା ବୋଇଂ ୭୪୭ ବିମାନ ଥିଲା ଓ ଏହାକୁ ଏୟାର ଇଣ୍ଡିଆ ମହରାଜା କନିଷ୍କ ନାମ ଅନୁସାରେ ନାମକରଣ କରିଥିଲା। ସକାଳ ୭ଟାରେ ପାଇଲଟ୍ ନରେନ୍ଦ୍ର ସିଂହ ହଂସ ଆୟର୍ଲାଣ୍ଡ ବାୟୁସୀମାରେ ପ୍ରବେଶ କରିବାକୁ ଅନୁମତି ମାଗିଥିଲେ। ଅନୁମତି ମିଳିବା ପରେ ଲଣ୍ଡନ ଆଉ ୪୫ ମିନିଟ ବାକିଥିଲା। କନିଷ୍କ ୩୧ ହଜାର ଫୁଟ ଉଚ୍ଚରେ ଉଡୁଥିବା ବେଳେ ବିମାନ କର୍ଗୋ ହୋଲ୍ଡରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ୧୪୧ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବିମାନର ଧ୍ୱଂସାବଶେଷ ସମୁଦ୍ରର ୬, ୭୦୦ ଫିଟ୍ ତଳକୁ ଖସିଥିଲା। ମୃତକଙ୍କ ମଧ୍ୟରେ ନବଜାତ ଶିଶୁ ମଧ୍ୟ ରହିଥିଲେ। ୧୯୭ ମୃତଦେହ ଗଭୀର ସମୁଦ୍ରରେ ହଜିଯାଇଥିଲା। ମୃତକଙ୍କ ମଧ୍ୟରେ କାନାଡାର ୨୬୮, ବ୍ରିଟେନର ୨୭, ଭାରତର ୨୨ କ୍ରୁ ମେମ୍ବର ଓ ଅନ୍ୟ ୧୨ ଜଣ ଲୋକଥିଲେ।

## କର୍କଟ ପୀଡ଼ିତା ମହିଳାଙ୍କୁ ଅଳିଆଗଦାରେ ଫୋପାଡ଼ିଲେ ନାତି

ମୁମ୍ବାଇ, ୨୩।୬(ଏଜେନ୍ସି): ମୁମ୍ବାଇରେ ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି। କର୍କଟ ରୋଗରେ ପୀଡିତା ଜଣେ ୬୦ ବର୍ଷୀୟା ମହିଳାଙ୍କୁ ତାଙ୍କ ନାତି ଡଷ୍ଟବିନ୍‌ରେ ଫୋପାଡି ଚାଲିଯାଇଛନ୍ତି। ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଏହି ମହିଳାଙ୍କ ନାମ ଯଶୋଧା ଗାଏକ୍ୱାଡ। ଶନିବାର ସିଟି ଆରେ କଲୋନୀରେ ପୁଲିସ ଯଶୋଦାଙ୍କୁ ଅଳିଆ ଗଦାରେ ପାଇବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ନାତି ତାଙ୍କୁ ଅଳିଆ ଗଦାରେ ଛାଡି ଚାଲିଯାଇଛି ବୋଲି ଯଶୋଦା କହିଛନ୍ତି। ସକାଳେ ମହିଳାଙ୍କୁ ଠାବ କରାଯାଇଥିଲେ ମଧ୍ୟ ସନ୍ଧ୍ୟା ୫.୩୦ରେ ପୁଲିସ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। କେତୋଟି ହସ୍ପିଟାଲ ତାଙ୍କୁ ଭର୍ତ୍ତି କରିବାକୁ ମନା କରିବା ପରେ ପୁଲିସ ତାଙ୍କୁ କୁପେର ହସ୍ପିଟାଲରେ ଭର୍ତ୍ତି କରିଥିଲା। ମହିଳା ଜଣା ଚର୍ମ କର୍କଟ ରୋଗରେ ପୀଡିତ ବୋଲି ଜଣାଯାଇଛି। ମହିଳା ଜଣକ ତାଙ୍କୁ ଦୁଇଟି ଠିକଣା ପୁଲିସକୁ ଦେଇଛନ୍ତି। ଗୋଟିଏ ମାଲଦାର ହୋଇଥିବା ବେଳେ ଅନ୍ୟଟି କାଣ୍ଡିଭାଲି ବୋଲି ଜଣାଯାଇଛି।

## ଏସ୍‌ସି/ଏସ୍‌ଟି ଆକ୍ଟ କେସ୍‌ରେ ଫସିଲେ ଇଣ୍ଡିଗୋର ୩ ଅଧିକାରୀ

ଗୁରଗାଓଁ, ୨୩।୬(ଏଜେନ୍ସି): ହରିୟାଣା ଗୁରଗାଓଁରେ ଇଣ୍ଡିଗୋ ଏୟାର ଲାଇନ୍ସର ଏକ ଟ୍ରେନି ପାଇଲଟ୍ ବିମାନର ଜଣେ କ୍ୟାପଟେନଙ୍କ ସମେତ ୩ ଜଣ ବ୍ୟକ୍ତିଙ୍କ ବିରୋଧରେ ଏସ୍/ଏସଟି ଆକ୍ଟ ଅନୁସାରେ ଏଫଆଇଆର ଦାଏର କରାଇଛନ୍ତି। ଏକ ବୈଠକରେ ଜାତିସୂଚକ ଶବ୍ଦ କହିବା ସହ ଅପମାନିତ କରାଯାଇଥିବାର ଅଭିଯୋଗ ଆଣିଛନ୍ତି ଟ୍ରେନି ପାଇଲଟ। ଜାତିଆଣା ଆକ୍ଷେପ କରିବା ସହ ତୁମେ ବିମାନ ଉଡାଇବାକୁ ଯୋଗ୍ୟ ନୁହଁ ଓ ଫେରିଯିବା ସହ ଚପଲ ସିଲାଇ କର ବୋଲି କ୍ୟାପ୍‌ଟେନ କହିଥିବା କଥା ଟ୍ରେନି ପାଇଲଟ ଜଣକ ଅଭିଯୋଗ ଆଣିଛନ୍ତି। ଗୁରଗାଓଁରେ ବୈଠକ ପରେ ଟ୍ରେନି ପାଇଲଟ ଜଣକ ବେଙ୍ଗାଲୁରୁରେ ପୁଲିସ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି। ଏହି ମାମଲାରେ ତଦନ୍ତ ଆରମ୍ଭ କରାଯାଇଛି। ତେବେ ଏହି ଅଭିଯୋଗ ମିଛ ବୋଲି ଏୟାର ଲାଇନ୍ସ ତରଫରୁ କୁହାଯାଇଛି। କିନ୍ତୁ ଆଇନଗତ ପ୍ରକ୍ରିୟରେ ସହଯୋଗ କରିବାକୁ ଏୟାର ଲାଇନ୍ସ ପ୍ରତିଶ୍ରୁତି ଦେଇଛି। ସେପଟେ ଅଭିଯୁକ୍ତଙ୍କୁ ପଚାର ଉଚରା କରିବାକୁ ଆମେ ଡାକିବୁ ବୋଲି ଗୁରଗାଓଁ ପୁଲିସ କହିଛି।

## ଘଣା ଲାଗିହେଲେ ମହାପ୍ରଭୁ

ପୁରୀ,୨୩।୬ (ସମିସ): ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କୁ ଖଳିଲାଗି ହୋଇଛି। ରବିବାର ପତିମହାପାତ୍ର ଏବଂ ଦଇତାପତି ସେବାୟତ ମହାପ୍ରଭୁଙ୍କ ସୁସ୍ଥ ହେବାର ଖବର ଗଜପତି ମହାରାଜାଙ୍କୁ ପ୍ରଦାନ କରିବା ସହ ଶୃଙ୍ଖଳିତ ରଥଯାତ୍ରା ନେଇ ଆଲୋଚନା କରିଥିଲେ। ତ୍ରୟୋଦଶୀରେ ଘଣାଲାଗି ଲାଗି କରାଯାଇଛି। ପାଟରା ସେବକଙ୍କଠାରୁ

### ଆଜି ବନକଲାଗି

ଆସିଥିବା ନାଗନାଗୁଣୀ ଘଣା ଦାରୁବିଗ୍ରହଙ୍କ ଶରୀର (ପେଟ)ରେ ଲାଗି କରାଯାଇ ଗଡ଼ାବସ୍ତ୍ର ଦିଆଯାଇ ସିଲ୍ କରାଯାଇଥିଲା। ଏହି ନୀତି ବଢ଼ିବା ପରେ ଅଣସର ଶୁଦ୍ଧସୁଆରଙ୍କ ଘରୁ ଘଣ୍ଟ, ଛତା, କାହାଳୀ ସହ ଖଳି ହାଣ୍ଡି ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଶୁଦ୍ଧସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୁପା ପିଙ୍ଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଏହାପରେ ଶ୍ରୀମୁଖ ଓଡା କପଡ଼ା ପକାଯାଇଥିଲା। ଏହି ନୀତି ସମ୍ପନ୍ନ ପରେ ଦତ୍ତମହାପାତ୍ରଙ୍କ ଘରୁ ଖଡ଼ି ପ୍ରସାଦ ଅଣାଯାଇ ଲାଗି କରାଯାଇଥିଲା। ପତିମହାପାତ୍ର ସଂସ୍କାର କରିବା ପରେ ଦତ୍ତମହାପାତ୍ର ସେବକମାନେ ଖଡ଼ିଲାଗି କରିଥିଲେ। ଏହାପରେ ଅଣସର ଦ୍ୱାର ବନ୍ଦ କରାଯାଇ ଦଶାବତାର ଠାକୁରଙ୍କ ଆଳତି, ଅବକାଶ ଓ ଭୋଗମଣ୍ଡପ ବଢ଼ିଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ମହାପ୍ରଭୁଙ୍କ ବନକଲାଗି କରାଯିବ।

# ବଢୁଛି ଦୁଷ୍କର୍ମ; ଓଡ଼ିଶା ଅସୁରକ୍ଷିତ

## ସରକାର ବେଫିକର; ମନ୍ତ୍ରୀ ବେପରୁଆ

ଭୁବନେଶ୍ୱର,୨୩।୬(ସମିସ): ଆଇନ ଶୃଙ୍ଖଳା ଦୃଷ୍ଟିରୁ ଓଡ଼ିଶା ସମେତ ୬ଟି ରାଜ୍ୟକୁ ଆସିବା ବେଳେ ସତର୍କତା ଅବଲମ୍ବନ କରିବାକୁ ନିଜ ନାଗରିକଙ୍କୁ ଆମେରିକା ପ୍ରଶାସନର ମାର୍ଗଦର୍ଶିକା ରାଜ୍ୟ ରାଜନୀତିକୁ ଉଷ୍ମ କରିଛି। ମାତ୍ର ବର୍ଷଟିଏ ମଧ୍ୟରେ ଓଡ଼ିଶାର ଆଇନ ଶୃଙ୍ଖଳା ଏବଂ ମହିଳା ସୁରକ୍ଷା ଏମିତି ଅନିୟନ୍ତ୍ରିତ ହେବା ଘଟଣାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହି ସ୍ଥିତିରେ ରାଜ୍ୟ ସରକାର ନିଜ ଦାୟିତ୍ୱକୁ ତୁଲାଇବା ଓ ସୁସ୍ଥ ପରିବେଶ ପାଇଁ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ବେପରୁଆ ମନ୍ତବ୍ୟ ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ସରକାରଙ୍କ ନିରବତା, ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ କିମ୍ଭୁତକିମାକାର ଟିପ୍ପଣୀ ରାଜ୍ୟର ଛବିକୁ ଅଧିକ ମଳିନ କରିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଆମେରିକାର ମାର୍ଗଦର୍ଶିକା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଭାରତବର୍ଷର ଦ୍ରୁତଗତିରେ ହେଉଥିବା ବିକାଶକୁ ଆମେରିକା ହୁଏତ ଭୟ କରୁଛି। ସେଥିପାଇଁ ଆମେରିକା ପକ୍ଷରୁ ଏପରି ମନ୍ତବ୍ୟ ଦିଆଯାଇଛି। ଓଡ଼ିଶାକୁ ଆସୁଥିବା ଆମେରିକୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଅତି ନଗଣ୍ୟ। ଆମ ରାଜ୍ୟରେ ଆମେରିକା ଆଶଙ୍କା କରୁଥିବା ସ୍ଥିତି ନାହିଁ। ତାଙ୍କ ଦେଶକୁ ଚଳାଇବା ପାଇଁ ସେମାନେ ଯାହା କରିବେ, ତାହାକୁ ତାଙ୍କ ଦେଶର ଲୋକେ ମାନିବେ। ଆମ ରାଜ୍ୟ ପାଇଁ ଚିନ୍ତା ମୋହନ ସରକାର କରୁଛନ୍ତି। ସେହିପରି ଦେଶ ନରେନ୍ଦ୍ର ମୋଦୀଙ୍କ ହାତରେ ସୁରକ୍ଷିତ ଅଛି। ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସହ ଓଡ଼ିଶା ସରକାର ରାଜ୍ୟର 'ଲଭର୍ସ ପଏଣ୍ଟ'ଗୁଡ଼ିକର ସୁରକ୍ଷାକୁ ସରକାର ଧ୍ୟାନ ଦିଆଯାଉଛି। ସେଠାରେ ଦୃଢ଼ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଦୁଇ ପର୍ଯ୍ୟାୟ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇସାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

- ଦେଶର ଦ୍ରୁତ ବିକାଶକୁ ଆମେରିକାର ଭୟ ଥାଇପାରେ: ପ୍ରଭାତୀ
- ଆମେରିକା ଅସୁରକ୍ଷିତ, ଆମେ ସେଠାକୁ ଯିବୁ ନାହିଁ: କୃଷ୍ଣଚନ୍ଦ୍ର
- ଉପମୁଖ୍ୟମନ୍ତ୍ରୀଙ୍କ 'ଲଭର୍ସ ପଏଣ୍ଟ' ସଂଜ୍ଞାକୁ ନେଇ ବିରୋଧୀ ଖପ୍ପା

ସେହିପରି ଦିନକ ତଳେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ଆମେରିକାର ମାର୍ଗଦର୍ଶିକାକୁ ନେଇ ବିଚିତ୍ର ଟିପ୍ପଣୀ ଦେଇଛନ୍ତି। ଆମେରିକା ଏବେ ଅସୁରକ୍ଷିତ, ସେମାନେ ଆମ ଦେଶ କଥା କ'ଣ କହୁଛନ୍ତି ବୋଲି ପ୍ରଶ୍ନ କରିବା ସହ ଶ୍ରୀ ପାତ୍ର ଆମେରିକା ଯିବେ ନାହିଁ ବୋଲି ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ମନ୍ତ୍ରୀ ଶ୍ରୀ ପାତ୍ର ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ମନ୍ତବ୍ୟକୁ ନେଇ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ନଜରରେ ଲଭର୍ସ ପଏଣ୍ଟର ସଂଜ୍ଞା କଣ, ରାଜ୍ୟରେ କେତୋଟି ଲଭର୍ସ ପଏଣ୍ଟ ଅଛି ସେ ନେଇ ଉପମୁଖ୍ୟମନ୍ତ୍ରୀ ତଥ୍ୟ ଦିଅନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି। ଏମତି ମନ୍ତବ୍ୟ ଦେଇ ଉପମୁଖ୍ୟମନ୍ତ୍ରୀ କେବଳ ନିଜ ଏବଂ ସରକାରଙ୍କ ଦାୟିତ୍ୱରୁ ଖସିଯିବାକୁ ଚାହୁଁଛନ୍ତି ବୋଲି ବିରୋଧୀ କହିଛନ୍ତି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ଏବଂ ଦାୟିତ୍ୱ ଅଟେ। ସରକାର ନିଜ ଉତ୍ତରଦାୟିତ୍ୱକୁ ବହନ କରିବାର ଆବଶ୍ୟକତା ରହିଛି ଏବଂ ଅପ୍ରିୟ ସତ୍ୟକୁ ସ୍ୱୀକାର କରିବାର ଆବଶ୍ୟକତା ରହିଛି। ମାତ୍ର ଏପରି ନକରି ଆମେରିକାକୁ ଦୋଷ ଦେବା କିମ୍ବା ଲଭର୍ସ ପଏଣ୍ଟ ପରି ଶସ୍ତା ମନ୍ତବ୍ୟ ଦେବା ଉପମୁଖ୍ୟମନ୍ତ୍ରୀଙ୍କ ପକ୍ଷେ ଆଦୌ ଗ୍ରହଣୀୟ କିମ୍ବା ସମିଚୀନ ନୁହେଁ ବୋଲି ବିରୋଧୀ କହିଛନ୍ତି।

■ କବିସୂର୍ଯ୍ୟଙ୍କ ମାଟିରେ ମୁଖ୍ୟମନ୍ତ୍ରୀଙ୍କ କାବ୍ୟିକ ସମ୍ବୋଧନ

## ଭାଷଣ ଲେଖକଙ୍କ ଅଜ୍ଞାନତା; ମୁଖ୍ୟମନ୍ତ୍ରୀ ଲଜ୍ଜିତ

ବ୍ରହ୍ମପୁର,୨୩।୬(ସମିସ): ମଙ୍ଗଳବାର ଗଞ୍ଜାମ ଜିଲ୍ଲାରେ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କାବ୍ୟିକ ସମ୍ବୋଧନକୁ ନେଇ ରୋଚକ ଚର୍ଚ୍ଚା ଜୋର୍ ଧରିଛି। 'ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ...' ପଂକ୍ତିକୁ ଗଞ୍ଜାମର ବରପୁତ୍ର କବିସୂର୍ଯ୍ୟ ବଳଦେବ ରଥ ରଚନା କରିଥିବା ନେଇ ନିଜ ବକ୍ତବ୍ୟରେ କହିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରକୃତରେ ଏହି ପଂକ୍ତିଟି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚିତ କାବ୍ୟର। କେବଳ ସେତିକି ନୁହେଁ; ମଞ୍ଚରେ ଥିବା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କ ସମେତ ଜିଲ୍ଲାର ଦୁଇ ମନ୍ତ୍ରୀ, ଦୁଇ ସାଂସଦ ଓ ଶୀର୍ଷସ୍ଥାନୀୟ ନେତୃତ୍ୱ ଉପସ୍ଥିତ ଥିଲେ ମଧ୍ୟ କେହିହେଲେ ମୁଖ୍ୟମନ୍ତ୍ରୀଙ୍କ ଏହି ତ୍ରୁଟିକୁ ସଂଶୋଧନ କରିବା ପରିବର୍ତ୍ତେ ନିରବ ରହିବାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମମାଟିରେ ତାଙ୍କ ରଚନାକୁ ନେଇ ଭ୍ରମ ସୃଷ୍ଟି କରିବା ଗଞ୍ଜାମ ଜିଲ୍ଲା ପ୍ରତି ଉପହାସ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅତୀତରେ ସତ୍ୟଭାମାପୁରରେ ଭାଷଣ ଦେବାବେଳେ ମଧୁସୂଦନ ଦାସଙ୍କୁ 'ଉତ୍କଳମଣି' ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ବୋଲି କହି ଚର୍ଚ୍ଚାକୁ ଆସିଥିଲେ। ଭାଷଣ ଲେଖୁଥିବା ବ୍ୟକ୍ତିଙ୍କ ଅଜ୍ଞାନତା ଯୋଗୁ ମୁଖ୍ୟମନ୍ତ୍ରୀ ବାରମ୍ବାର ଲଜ୍ଜିତ ହେଉଥିବା ଦେଖାଯାଉଛି। ତେଣୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ ସଭାସମିତିରେ ବରପୁତ୍ର ଓ ସାହିତ୍ୟିକମାନଙ୍କ ସଂପର୍କରେ ଟିପ୍ପଣୀ ରଖିବାବେଳେ ତରବର ନ ହୋଇ ସଠିକ୍ ତଥ୍ୟ ରଖିବା ଉଚିତ୍ ବୋଲି ମତପ୍ରକାଶ ପାଇଛି।

# ରାଜକନିକାରେ ବେଲଗାମ୍ ଝାଡ଼ାବାନ୍ତି

ରାଜକନିକା, ୨୩।୬(ସମିସ): ଯାହା ଅନୁମାନ କରାଯାଉଥିଲା, ଶେଷରେ ସେୟା ହିଁ ହେଲା। ରାଜକନିକା ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବଢ଼ି ଚାଲିଛି। ନା ରହିଲା ଆଗୁଆ ସତର୍କତା, ନା ଆକ୍ରାନ୍ତ ପାଉଛନ୍ତି ସଠିକ୍ ଚିକିତ୍ସା ସେବା। ରାଜ୍ୟରେ ସୃଷ୍ଟି ହୋଇଥିବା ଡାଇରିଆ ମୁକାବିଲା ପାଇଁ ମୁଖ୍ୟ ଶାସନ ସଚିବଙ୍କ କଡ଼ା ଚେତାବନୀ ପରେ ବି ରାଜକନିକାରେ ଏହାର କୌଣସି ସତର୍କତାକୁ ଆଦୌ ଗୁରୁତ୍ୱ ଦିଆଯାଉ ନଥିବାରୁ ଆଜି ୨୦ରୁ ଅଧିକ ଆକ୍ରାନ୍ତ ମେଡିକାଲରେ ପହଞ୍ଚିଛନ୍ତି। ଏକାବେଳକେ ଏତେସଂଖ୍ୟକ ରୋଗୀ ଭର୍ତ୍ତି ହେବାରୁ ଶଯ୍ୟା ଅଭାବ ପଡ଼ିଛି। ଫଳରେ ରୋଗୀଙ୍କୁ ତଳେ ଶୁଆଇ ଚିକିତ୍ସା କରାଯାଉଛି। ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବରୁ ଗତ ୨୦ ତାରିଖ ଦିନ ଓଳାଭର ଅଞ୍ଚଳର ଗୋବିନ୍ଦପୁର ଗ୍ରାମର ଭାନୁମତୀ ସାହୁଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା କଥାକୁ ସ୍ୱାସ୍ଥ୍ୟ ବିଭାଗ ଶ୍ୱାସଜନିତ ମୃତ୍ୟୁ କହି ଟାଳିଦେବା ପରେ ଆଜି ସ୍ଥିତି ବିଗିଡ଼ିଛି।



ଆଜି ରାଜକନିକା ବ୍ଲକ୍‌ର ବିଭିନ୍ନ ଗାଁରୁ ୨୦ରୁ ଅଧିକ ଝାଡ଼ାବାନ୍ତି ରୋଗୀ ମେଡିକାଲରେ ପହଞ୍ଚିବା ପରେ ବି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘଟଣାକୁ ହାଲୁକା ଭାବେ ନେଇଛି। ଏ ସମ୍ପର୍କରେ ମେଡିକାଲ ଅଫିସରଙ୍କୁ ପଚାରିବାକୁ ଚେଷ୍ଟା କରିଥିଲେ ବି ତାହା ସମ୍ଭବ ହୋଇନାହିଁ। ତେବେ ରାଜକନିକା ମେଡିକାଲରେ ଭିତ୍ତିଭୂମି ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯିବା ପରେ ବି ଶଯ୍ୟା ସଂଖ୍ୟା ୧୬ରେ ସୀମିତ ରହିଛି। ୧୬ ଶଯ୍ୟା ବିଶିଷ୍ଟ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଟି ଶଯ୍ୟା ପ୍ରସୂତିଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ବଳକା ୯ ଶଯ୍ୟାକୁ ସାଧାରଣ ଶଯ୍ୟା ଭାବେ ବ୍ୟବହାର କରାଯାଉଛି।

ରାଜ୍ୟରେ ବର୍ତ୍ତମାନ ଡାଇରିଆର ପ୍ରାଦୁର୍ଭାବ ବଢୁଥିବା ବେଳେ ଏହି ପ୍ରତିକୂଳ ପରିସ୍ଥିତିରେ ରାଜକନିକା ବ୍ଲକ୍ ମୁଖ୍ୟାଳୟ ଚିକିତ୍ସା କେନ୍ଦ୍ରରେ ରୋଗୀ ଶଯ୍ୟା ବିନା ତଳେ ପଡ଼ି ରହିବା ଆମ ବିକଶିତ ସ୍ୱାସ୍ଥ୍ୟସେବାକୁ ପ୍ରମାଣ କରୁଛି। ଏଠାରେ ସବୁ ସମୟରେ ଡାକ୍ତର ରହୁ ନଥିବା ବେଳେ କର୍ମଚାରୀଙ୍କ ମଧ୍ୟରେ ରହୁନି ସେବା ମନୋଭାବ। ଏମିତି ସ୍ଥିତିରେ କେବଳ କାଗଜକଲମରେ ଚାଲୁଥିବା ସ୍ୱାସ୍ଥ୍ୟ ସେବାକୁ ତାଚ୍ଛଲ୍ୟ କରିଛନ୍ତି ନୂଆଗାଁ ରୋଗୀଙ୍କ ସମ୍ପର୍କୀୟ ଚମ୍ପା ମଲିକ। ବ୍ଲକ୍ ମୁଖ୍ୟାଳୟର ଏଭଳି ଅବସ୍ଥା ଥିବା ବେଳେ ଗ୍ରାମାଞ୍ଚଳରେ ଥିବା ଓଳାଭର, କଣ୍ଡିଆ, କୋଇଲିପୁର ଓ କାଟଣା ପିଏଚସି କଥା ପଚାରେ କିଏ? ବଦଳିଆ ଡାକ୍ତର ଓ କର୍ମଚାରୀରେ ଦଶନ୍ଧି ଧରି ଚାଲିଆସୁଥିବା ଏଭଳି ସମସ୍ୟାର ସୁଧାର ଆଣି ଡାଇରିଆ ସ୍ଥିତିରେ ଅଧିକ ସମ୍ବେଦନ ହେବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ସିଡିଏମଓ ଓ ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ସାଇବର ଅପରାଧ: ରାଜ୍ୟପାଳଙ୍କ ଉଦ୍‌ବେଗ

ଭୁବନେଶ୍ୱର,୨୩।୬(ସମିସ): ଦିନକୁ ଦିନ ରାଜ୍ୟରେ ସାଇବର ଠକେଇ ମାମଲା ବଢୁଛି । ୨୦୨୪ରେ ସାଇବର ଠକେଇ ପୂର୍ବବର୍ଷ ଅପେକ୍ଷା ୧୪୦ ପ୍ରତିଶତ ବୃଦ୍ଧି ପାଇଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରଖିଥିବା ତଥ୍ୟ ଅନୁସାରେ ୨୦୨୪ରେ ୪୧୫.୯୦ କୋଟି ଟଙ୍କା ସାଇବର ଅପରାଧୀ ରାଜ୍ୟରୁ ଲୁଟିଛନ୍ତି। ପୂର୍ବବର୍ଷ ଏହି ପରିମାଣ ମାତ୍ର ୭୯.୪୪ କୋଟି ରହିଥିଲା। ୨୦୨୩ ତୁଳନାରେ ୨୦୨୪ରେ ୪୦୦ ପ୍ରତିଶତ ଠକେଇ ବଢ଼ିଛି। ୨୦୨୪ରେ ସାଇବର ଠକେଇ ସଂକ୍ରାନ୍ତ ୧ହଜାର ୫୫୩ଟି ମାମଲା ପୁଲିସ ରୁଜୁ କରିଥିବାବେଳେ୯୧ଜଣଙ୍କୁ ଗିରଫ କରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ସାଇବର ଠକେଇ ମାମଲା ବୃଦ୍ଧିକୁ ନେଇ ରାଜ୍ୟପାଳ ହରିବାବୁ କମ୍ଭମପାଟି ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଏ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଛନ୍ତି ।



ରାଜଭବନ ପରିସରରେ ସାଇବର ଠକେଇ ସଂକ୍ରାନ୍ତ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟପାଳ କହିଛନ୍ତି ଯେ ଡିଜିଟାଲ ପ୍ରଯୁକ୍ତି ବିଦ୍ୟା ବିକଶିତ ହେବା ଏବଂ ଇଣ୍ଟରନେଟ୍ ଉପରେ ଆମର ନିର୍ଭରଶୀଳତା ବୃଦ୍ଧି ପାଇବା ସହିତ ଭର୍ଚୁଆଲ କ୍ଷେତ୍ରରେ ଥିବା ବିପଦଗୁଡ଼ିକ ମଧ୍ୟ ବୃଦ୍ଧି ପାଉଛି। ବ୍ୟକ୍ତିଗତ ସ୍ମାର୍ଟ ଫୋନ ଏବଂ ବ୍ୟାଙ୍କିଂ ସିଷ୍ଟମରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ଜାତୀୟ ପ୍ରତିରକ୍ଷା ନେଟ୍‌ୱାର୍କ ପର୍ଯ୍ୟନ୍ତ ସବୁକିଛିକୁ ଟାର୍ଗେଟ୍ କରି ସାଇବର ଆକ୍ରମଣ ବାରମ୍ବାର ହେଉଛି। ଏହି ଆକ୍ରମଣ ଆର୍ଥିକ କ୍ଷତି, ତଥ୍ୟ ଚୋରି, ସମ୍ମାନ ହାନି ଏବଂ ଜାତୀୟ ସୁରକ୍ଷା ପ୍ରତି ବିପଦ ମଧ୍ୟ ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ସୁରକ୍ଷିତ ଅନଲାଇନ୍ ବ୍ୟବହାର ବିଷୟରେ ଶିକ୍ଷା ଏବଂ ସଚେତନତା ଜରୁରୀ ହୋଇପଡିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଆଇଜି ବିନୟତୋଷ ମିଶ୍ର, ସିବି-ସିଆଇଡିର ବରିଷ୍ଠ ଅଧିକାରୀ ରୀତେଶ ମହାପାତ୍ର , ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ଏସ୍‌ଟିଏଫ ଡିଆଇଜି ପିନାକ ମିଶ୍ରଙ୍କ ବହୁ ଅଧିକାରୀ ଯୋଗ ଦେଇଥିଲେ ।

## ବଜ୍ରାଘାତରେ ଭାଙ୍ଗିଲା ମହିମାଗାଦି ମୁଖଶାଳା ଦଧିନଉତି

ଯୋରନ୍ଦା,୨୩।୬(ସମିସ): ବଜ୍ରାଘାତରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମା ଗାଦିମନ୍ଦିର ପୂର୍ବ ମୁଖଶାଳାର ଦଧିନଉତି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ରବିବାର ରାତି ପ୍ରାୟ ସାଢ଼େ ୧ଟାରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଗାଦି ମନ୍ଦିର ପୂର୍ବପାର୍ଶ୍ୱ ମୁଖଶାଳା ଦଧିନଉତି ବଜ୍ରପାତରେ ଭାଙ୍ଗିଯାଇଥିବା ସୋମବାର ସକାଳେ ଜଣାପଡ଼ିଥିଲା। ଆର୍ଥି ନ ଥିବାରୁ ବଜ୍ରପାତରେ ବାରମ୍ବାର ମନ୍ଦିର କ୍ଷତିଗ୍ରସ୍ତ ହେଉଛି। ଗତ ୧୫ ବର୍ଷ ମଧ୍ୟରେ ଗାଦି ମନ୍ଦିରରେ ୩ ଥର ବଜ୍ରାଘାତ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଗାଦି ମନ୍ଦିର ୨ୟ ବେଢ଼ା ଚତୁଃପାର୍ଶ୍ୱରେ ୪ଟି ମୁଖଶାଳା ଓ ସୁଉଚ୍ଚ ପଥର ପ୍ରାଚୀର କାର୍ଯ୍ୟ ୧୯୨୨ରୁ ୧୯୨୬ ମସିହା ମଧ୍ୟରେ ଶେଷ ହୋଇଥିଲା। ଦୀର୍ଘ ବର୍ଷ ହେଲା ନିର୍ମାଣ ହୋଇଥିଲେ ମଧ୍ୟ କୌଣସି କ୍ଷତି ହୋଇ ନ ଥିଲା। କିନ୍ତୁ ୨୦୧୫ରେ ବଜ୍ରାଘାତରେ ଗାଦି ମନ୍ଦିର ସପ୍ତଫେଣି କ୍ଷତିଗ୍ରସ୍ତ ହୋଇଥିଲା।



ବଳ୍କଳଧାରୀ ମହିମା ସମାଜ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ମୁଖ୍ୟମନ୍ଦିର ଆର୍ଥି କରାଯାଇଥିଲା। ପୁନଶ୍ଚ ୨ବର୍ଷ ପରେ ମନ୍ଦିରର ପଶ୍ଚିମ ମୁଖ୍ୟଦ୍ୱାର ମୁଖଶାଳାର ଦଧିନଉତି ବଜ୍ରପାତରେ ଆଂଶିକ କ୍ଷତି ହୋଇଥିଲା। ରବିବାର ରାତିରେ ପୁଣି ବଜ୍ରପାତ ଘଟି ପୂର୍ବ ମୁଖଶାଳାର ଦଧିନଉତି ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ବଜ୍ରପାତର ପ୍ରକୋପ ଏତେ ଅଧିକ ଥିଲା ଯେ ଗାଦି ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ରାମ ଦାସଙ୍କ ଗୋଟିଏ

### ୧୫ ବର୍ଷ ମଧ୍ୟରେ ୩ ଥର

କାନକୁ ଠିକ୍‌ରେ ଶୁଭୁନାହିଁ। ମହିମାଗାଦିର ଛୋଟ ଛୋଟ ମନ୍ଦିର ଓ ମୁଖଶାଳାଗୁଡ଼ିକରେ ସରକାରଙ୍କ ପକ୍ଷରୁ ଆର୍ଥି ବ୍ୟବସ୍ଥା କରାଯିବା ପାଇଁ ମହିମା ଧର୍ମଧାମ ବିକାଶ ପରିଷଦ, ମହିମା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ଯୋଗାଣ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।

ଏ ସମ୍ପର୍କରେ ବଳ୍କଳଧାରୀ ମହିମା ସମାଜ ସମ୍ପାଦକ ବାବା ନିତ୍ୟାନନ୍ଦ ଦାସ ଓ ବରିଷ୍ଠ ସନ୍ନ୍ୟାସୀ ଦୀନବନ୍ଧୁ ଦାସ କହିଛନ୍ତି ଗାଦି ମନ୍ଦିରରେ ଦୀର୍ଘ ୧୫ ବର୍ଷ ହେଲା ଆର୍ଥି ହୋଇଥିଲା। ଆଜି ଘଟଣା ପରେ ଇଞ୍ଜିନିୟରଙ୍କୁ ଡକାଯାଇ ମରାମତି କରାଯିବ ବୋଲି କହିଛନ୍ତି।

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଅନୁଗୋଳ, ୨୩।୬ (ସମିସ): ଅନୁଗୋଳ ଥାନା ଅଞ୍ଚଳରେ ଗତ ୨୦୨୧ ମସିହାରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ଘଟଣାର ଆଜି ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଆଡହକ ଏବଂ ସେସନ ଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ମାମଲାର ବିଚାର କରି ଦୋଷୀକୁ ୨୦ ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ କିଶୋରନଗର ଥାନା ତୁରୁଡ଼ା ଗ୍ରାମର ପ୍ରଜାରଞ୍ଜନ ରାଉଳ ଓରଫ୍ ରାଜା।


ସୂଚନାନୁଯାୟୀ, ନାବାଳିକାଜଣଙ୍କ ଘରେ ଏକାକୀ ଥିବା ବେଳେ ପ୍ରଜାରଞ୍ଜନ ତାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିଲା। ଯିବାବେଳେ ନାବାଳିକାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ ହଜାର ଟଙ୍କା ଏବଂ ଘରେ ଥିବା ୨ଲକ୍ଷ ଟଙ୍କା ନେଇଯାଇଥିଲା। ଏସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

## ୨୫ରେ ଲଘୁଚାପ; ବଢ଼ିବ ବର୍ଷା

ଭୁବନେଶ୍ୱର,୨୩।୬(ସମିସ): ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ମୌସୁମୀ ଜନିତ ନିମ୍ନ ଚାପରେଖା ଯୋଗୁଁ ଉତ୍ତର ଓଡ଼ିଶାରେ ବର୍ଷା ପାଇଁ ପାଗ ଅନୁକୂଳ କରାଇଛି। ଏଥିପାଇଁ ମଙ୍ଗଳବାର ସୁଦ୍ଧା ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ନୟାଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼, ଢେଙ୍କାନାଳ ଜିଲ୍ଲାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ରହିଛି। ଏହାସହିତ ଗଞ୍ଜାମ, ରାୟଗଡ଼ା, ଗଜପତି, ମାଲକାନଗିରି, କୋରାପୁଟର କିଛି ଜାଗାରେ ପ୍ରବଳ ବର୍ଷା ହୋଇପାରେ। ଆଗାମୀ ୩-୪ଦିନ ଓଡ଼ିଶାରେ ବିଭିନ୍ନ ଜିଲ୍ଲା ମାନଙ୍କରେ ବିଭିନ୍ନ ଜିଲ୍ଲାରେ ଭାରି ବର୍ଷା ସମ୍ଭାବନା ଥିବା ବେଳେ ୨୫-୨୬ ବେଳକୁ ଏକ ଲଘୁଚାପ ପ୍ରଭାବରେ ବର୍ଷାର ପ୍ରଭାବ ଆହୁରି ବଢ଼ିବା ଆଶଙ୍କା ରହିଛି। ସୋମବାର ଦାରିଙ୍ଗବାଡ଼ିରେ ସର୍ବାଧିକ ୬୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବଲାଙ୍ଗିର ୪୫, କୋରାପୁଟ ୨୩, ଗୋପାଳପୁର ୨୧, ଢେଙ୍କାନାଳ ୧୪ ଓ ନବରଙ୍ଗପୁରରେ ୧୨ ମିମି ବର୍ଷା ରେକର୍ଡ କରାଯାଇଛି।




ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।"



✓ ଧରମ୍ ସିଂ ଜୀ
ଧରାସ୍ପର୍ଶ: ୨୨.୧୨.୧୯୩୫, ସର୍ଗବାସ: ୧୩.୦୬.୨୦୨୫
ଚରମ୍ପା, ଭଦ୍ରକ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ
ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଆପଣଙ୍କ ସ୍ନେହର :-
ଅଶୋକ କୁମାର, ମଦନ ମୋହନ ଗୁପ୍ତା, ବିଜୟ କୁମାର ଗୁପ୍ତା
ରତନ ଲାଲ ଗୁପ୍ତା, ଗୀତା ଗୁପ୍ତା, ବନ୍ଧୁ ଓ ଗୁପ୍ତା ପରିବାରବର୍ଗ


# ବିଜେପି ଶାସନରେ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ: ବିଜେଡି

ଭୁବନେଶ୍ୱର,୨୩।୬(ସମିସ): ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳାଙ୍କ ଉପରେ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ । ଏହି ସମୟରେ ଆମେରିକାର 'ଅସୁରକ୍ଷିତ ଓଡ଼ିଶା' ମାର୍ଗଦର୍ଶିକା ରାଜ୍ୟକୁ ସାରା ବିଶ୍ୱରେ ନିନ୍ଦିତ କରିଛି। ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ଓ ବର୍ଷ ପୂର୍ତ୍ତିରେ ନିଜ ସଫଳତାର ଡିଣ୍ଡିମ ପିଟୁଥିବା ରାଜ୍ୟ ବିଜେପି ସରକାରଙ୍କ ମୁହଁରେ ଏହା କାଳି ବୋଲି ଦେଇଛି । ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହୋଇଛି। ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବିରେ ଆସନ୍ତା ଜୁଲାଇ ମାସ ପ୍ରଥମ ସପ୍ତାହରୁ ବିଜୁ ମହିଳା ଜନତା ଦଳ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଦଳ ଘୋଷଣା କରିଛି।

ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଓବିସି ସେଲ୍‌ର ଆବାହକ ଡ଼ ଅରୁଣ କୁମାର ସାହୁ , ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ ମହିଳା ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଡ଼ ସାହୁ କହିଛନ୍ତି ଯେ ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଚରମ ଅବହେଳା କରୁଥିବାରୁ ଓଡ଼ିଶା ଆଜି ବିଶ୍ୱରେ ଲଜ୍ଜିତ ଓ ନିନ୍ଦିତ । ଆମେରିକାର ପକ୍ଷରୁ ନିକଟରେ ଜାରି କରାଯାଇଥିବା ମାର୍ଗଦର୍ଶିକାରେ ଓଡ଼ିଶାକୁ ଅସୁରକ୍ଷିତ ବୋଲି କୁହାଯାଇଛି। ଏହି ରାଜ୍ୟଗୁଡ଼ିକରେ ଅଧିକ ସଂଖ୍ୟାରେ ମହିଳାମାନେ ଦୁଷ୍କର୍ମର ଶିକାର ହେଉଥିବା ଓ ଉଗ୍ରବାଦ ଉପଦ୍ରବ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବାରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଆମ ରାଜ୍ୟ ପାଇଁ ଲଜ୍ଜା ଓ ଅପବାଦ ଆଣିଛି। ରାଜ୍ୟରେ ଏକ ଦୁର୍ବଳ ସରକାର ଥିବାରୁ ଅପରାଧୀମାନେ ନିର୍ଭୟରେ ଅପରାଧ ଘଟାଉଛନ୍ତି। ଏ ସମ୍ପର୍କରେ ବିଜେଡି ବାରମ୍ବାର ସରକାରଙ୍କୁ ଚେତାଇଛି, ମାତ୍ର ସରକାର କେବଳ ଉତ୍ସବରେ ମାତିଛନ୍ତି।



- ଆମେରିକାର ମାର୍ଗଦର୍ଶିକା ଓଡ଼ିଶାକୁ ବିଶ୍ୱରେ ନିନ୍ଦିତ କରିଛି
- ବିଜେପି ସରକାର ମୁହଁରେ କାଳି ବୋଲି ଦେଲା ଆମେରିକା

ଓଡ଼ିଶା ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ ଓ ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଦେଶର ପ୍ରଥମ ରାଜ୍ୟ ଭାବେ ସ୍ଥାନ ପାଇବା ଓଡ଼ିଶା ପାଇଁ ଲଜ୍ଜାର ବିଷୟ ବୋଲି ସେ କହିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପ୍ରଶଂସା ସାଉଁଟି ଥିବାବେଳେ ଏବେ ବିଜେପି ସରକାର ରାଜ୍ୟ ପାଇଁ ନିନ୍ଦା ଓ ଅପବାଦ ଆଣୁଛନ୍ତି। ବିଧାନସଭାରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶ୍ୱେତପତ୍ର ଅନୁଯାୟୀ ୨୦୨୪ରେ ୩୦୫୪ ଦୁଷ୍କର୍ମ ହୋଇଛି; ଯାହା ପୂର୍ବ ବର୍ଷ ତୁଳନାରେ ୮ ପ୍ରତିଶତ ଅଧିକ। ସେହିପରି ଆଜି ନିଜେ ଓଡ଼ିଶାର ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ଓଡ଼ିଶାରେ ସାଇବର ଅପରାଧ ବୃଦ୍ଧି ପାଇଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟର ୯୫ ପ୍ରତିଶତ ଲୋକ ସରକାରୀ ଯୋଜନା ବିଷୟରେ ଅବଗତ ନାହାନ୍ତି ବୋଲି ରାଜ୍ୟପାଳଙ୍କ ମନ୍ତବ୍ୟ ସରକାରଙ୍କ ଅପାରଗପଣିଆକୁ ପଦାରେ ପକାଇଛି। ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ଅନୁରୂପ ଭାବରେ ଟୁକୁନି ସାହୁ କହିଛନ୍ତି ଯେ ନବୀନ ସରକାରଙ୍କ ସମୟରେ ମହିଳା ମାନଙ୍କ ସମ୍ମାନ ବୃଦ୍ଧି ପାଇଁ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ଏକ୍ସପୋଜର ଭିଜିଟ କାର୍ଯ୍ୟକ୍ରମରେ ବିଦେଶ ଭ୍ରମଣ କାର୍ଯ୍ୟକ୍ରମ କରାଯାଉଥିଲା। କିନ୍ତୁ ବିଜେପି ସରକାର ଆସିବା ପରେ ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ବିଜୁ ମହିଳା ଜନତା ଦଳ ପକ୍ଷରୁ ଜୁଲାଇ ମାସ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି ।

# ଜିଲ୍ଲା ସ୍କୁଲରେ ବିଜ୍ଞାନ ପଢ଼ାଇଲେ ରାଜସ୍ୱ ମନ୍ତ୍ରୀ




ସମ୍ବଲପୁର, ୨୩।୬ (ସମିସ)

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୋମବାରଦିନ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲକୁ ଯାଇ ସେଠାରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପାଠ ପଢ଼ାଇଥିଲେ। ଶ୍ରୀ ପୂଜାରୀ ଅଚାନକ ଆଜି ଜିଲ୍ଲା ସ୍କୁଲରେ ପହଞ୍ଚି ବିଜ୍ଞାନ ପାଠପଢ଼ା ଚାଲିଥିବାବେଳେ ପଛରେ ଯାଇ ବସିଥିଲେ। ଏହାପରେ ସେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନରେ ରାସାୟନିକ ପ୍ରକ୍ରିୟା, ଭୂଗୋଳରେ ଗ୍ରହ ଉପଗ୍ରହ ଏବଂ ଇତିହାସରେ ମହାତ୍ମା ଗାନ୍ଧୀଙ୍କ ନୀତି ଆର୍ଶ ଏବଂ ସକ୍ରେଟିସଙ୍କ ବିଷୟରେ କିଛି ପ୍ରଶ୍ନ ପଚାରିବାସହ ମାର୍ଗଦର୍ଶନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ଧନକଉଡ଼ା ଭାରପ୍ରାପ୍ତ ବିଇଓ କରନ ଶର୍ମା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ବିଜ୍ଞାନ ଶ୍ରେଣୀରେ ଶିକ୍ଷକ ବହୁତ ସରଳ ଭାଷାରେ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ପଢ଼ାଉଥିଲେ ଏବଂ ଯେଉଁ ପ୍ରଶ୍ନୋତ୍ତର ହେଉଥିଲା ଛାତ୍ରଛାତ୍ରୀ ତାହାର ଉତ୍ତର ଦେଉଥିଲେ।

ରାଜସ୍ୱ ମନ୍ତ୍ରୀଙ୍କ ଅନୁଯାୟୀ, ଏହି ବିଦ୍ୟାଳୟରେ ସେ ଛାତ୍ର ଜୀବନର ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ପାଠ ପଢ଼ିଥିଲେ। ଜୀବନରେ ଆଗକୁ ବଢ଼ିବା ପାଇଁ ଜଣେ ଛାତ୍ରର ଯେଉଁ ମୂଳଦୁଆ ଦରକାର, ସେହି ଭିତ୍ତିଭୂମି ତିଆରି କରିବା ଜାଗା ତାଙ୍କ ପାଇଁ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ। ଅତୀତରେ ବହୁତଥର ଆସିଥିବାବେଳେ ମନ୍ତ୍ରୀ ହେବାପରେ ଏହା ତାଙ୍କର ପ୍ରଥମଥର। ବିଦ୍ୟାଳୟକୁ ଆସି ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହ ସେ ବାର୍ତ୍ତାଳାପ କରିଛନ୍ତି। ଜାତୀୟ ଶିକ୍ଷା ନୀତି (ଏନ୍ଇପି) ୨୦୨୦ କେତେଦୂର କାର୍ଯ୍ୟକାରୀ ହୋଇଛି ତାହା ଅବଗତ ହେବାକୁ ସେ ଆସିଥିଲେ। ଜିଲ୍ଲା ସ୍କୁଲ ଏକ ହେରିଟେଜ୍ ସ୍କୁଲ। ଦେଶର ସ୍ୱାଧୀନତାରେ ଝାସ ଦେବାପାଇଁ ମଧ୍ୟ କ୍ରାନ୍ତିକାରୀମାନେ ଏହି ସ୍କୁଲରୁ ଜନ୍ମ ନେଇଥିଲେ। ଏହି ସ୍କୁଲରୁ ପାଠପଢ଼ି ବହୁ ବଡ଼ ବଡ଼ ରାଜନେତା, ବହୁ ପଦସ୍ତ ଅଧିକାରୀ ସୃଷ୍ଟି ହୋଇଛନ୍ତି। ଏହି ସ୍କୁଲର ସମସ୍ୟା, ଆବଶ୍ୟକତା ତଥା ଏହି ସ୍କୁଲକୁ ହେରିଟେଜ୍ ସ୍କୁଲରେ ପରିଣତ କରିବା ପାଇଁ ଅଗ୍ରଗତି କେତେ ହେଲା ତାହା ଜାଣିବାକୁ ଆସିଥିଲି ବୋଲି କହିଛନ୍ତି। ମତେ ମଣିଷ କରିଥିବା ଶିକ୍ଷାନୁଷ୍ଠାନ ପ୍ରତି ମୋର ଉତ୍ତର ଦାୟିତ୍ୱ ରହିଛି। ତନ୍ମଧ୍ୟରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ରହିଛି ବୋଲି ମନ୍ତ୍ରୀ ସୁରେଶ ପୂଜାରୀ ମତବ୍ୟକ୍ତ କରିଛନ୍ତି।

ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପଟ୍ଟନାୟକପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଠାକାର କୁନିକୁନି ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ କଥାବାର୍ତ୍ତା କରିଥିଲେ। ଏହାପରେ ସେ ମଧ୍ୟାହ୍ନ ଭୋଜନର ମାନ ପରୀକ୍ଷଣ ସକାଶେ ଶିଶୁମାନଙ୍କ ସହ ବସି ନିଜେ ଖାଇଥିଲେ।



ଖରିଫ ଧାନଚାଷ ପାଇଁ ଜମି ପ୍ରସ୍ତୁତି ପରେ ତଳିପକା ଆରମ୍ଭ

# ଅଧାରେ ଅଟକିଛି ଜବରଦଖଲ ଉଚ୍ଛେଦ

**ସମ୍ବଲପୁର, ୨୩।୬ (ସମିସ) :** ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୨୬ (ପୂର୍ବର ୱାର୍ଡ ନଂ.୮ ଅଂଶ) ଏ.ଏନ୍. ଗୁହା ଲେନ୍‌ର ମୁଖ୍ୟରାସ୍ତାରେ ଥିବା ମୋହନ ପାନଦୋକାନଠାରୁ ଆର୍ଯ୍ୟ ସମାଜକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ଡା. ଈଶାନ୍ ନାୟକଙ୍କ ବାସଭବନ ସମ୍ମୁଖସ୍ଥ ଗଳି ରହିଛି। ଏହି ଗଳିର ପ୍ରବେଶଦ୍ୱାରରେ ଗତ ପ୍ରାୟ ୪୦ ବର୍ଷ ହେବ ଜନୈକ ବ୍ୟକ୍ତି ପ୍ରାୟ ୪ରୁ ୫ ଫୁଟ ଜବରଦଖଲ କରିଛନ୍ତି। ଏହି ରାସ୍ତାରେ ନାଳ ତିଆରି ସକାଶେ ମହାନଗର ନିଗମ କର୍ତ୍ତୃପକ୍ଷ ମାପଚୁପ ସହ ଘର ମାଲିକଙ୍କ ସହ ଆଲୋଚନା କରିଥିଲେ। ଗତ ୧୩ ତାରିଖ ଘର ମାଲିକଙ୍କ ଉପସ୍ଥିତି ଓ ସହମତି ଏବଂ ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁ, ରାଜସ୍ୱ ବିଭାଗ ଅମିନ, ଏନ୍‌ଫୋର୍ସମେଣ୍ଟ ଟିମ୍, ଠିକାଦାର, ପୁଲିସ ଉପସ୍ଥିତିରେ ଉକ୍ତ ପାଚେରୀ ଭାଙ୍ଗିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ, ତାହା ସେହିଦିନଠାରୁ ସେଭଳି ଅବସ୍ଥାରେ ପଡ଼ିରହିଛି। ଆଜି ଠିକାଦାର ସଂସ୍ଥାର ଶ୍ରମିକମାନେ ବାକିଥିବା ଅଂଶ ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରିବାକୁ ଯାଉଥିବାବେଳେ ଘର ମାଲିକ ମନା କରିଦେଇଥିବା ସୂଚନା ମିଳିଛି।



ସୂଚନାଯୋଗ୍ୟ ଯେ, ବର୍ଷାଜଳ ଆର୍ଯ୍ୟ ସମାଜ ରାସ୍ତା ଓ ଆଖପାଖ ଅଞ୍ଚଳରେ ଜମା ହୋଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଥାଏ। ଏଥିସକାଶେ ମହାନଗର ନିଗମ ପକ୍ଷରୁ ବର୍ଷାଜଳ ନିଷ୍କାସନ ପାଇଁ ମୋହନ ପାନଦୋକାନରୁ ଆର୍ଯ୍ୟସମାଜ ପର୍ଯ୍ୟନ୍ତ ରାସ୍ତାରେ ଥିବା ନାଳରୁ ତିନୋଟି ଉପ-ନାଳ ତିଆରି କରି ଟାଙ୍ଗନା ନାଳାକୁ ନାଳ ସଂଯୋଗ କରାଯିବାକୁ ଯୋଜନା କରାଯାଇଛି। ତନ୍ମଧ୍ୟରେ ଡା. ଈଶାନ ନାୟକଙ୍କ ଘର ସମ୍ମୁଖସ୍ଥ ଏହି ଗଳିରେ ପ୍ରଥମ ଉପ-ନାଳ ନିର୍ମାଣ କରାଯିବ। ତେବେ, ଏହି ରାସ୍ତାଟି ଜବରଦଖଲ ଯୋଗୁଁ ସଂକୁଚିତ ରହିଛି। ମାତ୍ର ୭ ଫୁଟ୍‌ର ରାସ୍ତା ହୋଇଥିବାରୁ ଏଠାରେ ନାଳ ତିଆରି ସମ୍ଭବପର ନୁହେଁ। ଏଥିପାଇଁ ଅଞ୍ଚଳବାସୀ ଜବରଦଖଲ ଉଚ୍ଛେଦ କରି ରାସ୍ତା ସମ୍ପ୍ରସାରଣ କରିବାସହ ନାଳ ତିଆରି ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ମୋହନ ପାନଦୋକାନରୁ ଆର୍ଯ୍ୟସମାଜ ପର୍ଯ୍ୟନ୍ତ ରାସ୍ତାରେ ପେଭର ବ୍ଲକ ବିଛାଇବା ଏବଂ ତିନୋଟି ଉପ-ନାଳ ସଂଯୋଗ ସକାଶେ ହୋଇଥିବା ଯୋଜନା ପାଇଁ ୪୦ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି।

ଆଜି ଅଞ୍ଚଳବାସୀ ଆବଶ୍ୟକ ମାପଚୁପ ସହ ଏହି ରାସ୍ତାରେ ଥିବା ଜବରଦଖଲ ତୁରନ୍ତ ଉଚ୍ଛେଦ କରିବାସହ ଉପ-ନାଳ ତିଆରି କରିବାପାଇଁ ମହାନଗର ନିଗମ ଆୟୁକ୍ତଙ୍କଠାରେ ଦାବି ଜଣାଇଛନ୍ତି।

## ଆଇଆଇଏମ୍ ସମ୍ବଲପୁରରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ



**ସମ୍ବଲପୁର, ୨୩।୬ (ସମିସ):** ଆଇଆଇଏମ୍ ସମ୍ବଲପୁରଠାରେ ଉଚ୍ଚ ଶିକ୍ଷା ପରିଷଦ ଓଡ଼ିଶା ଏବଂ ଆଇଆଇଏମ୍ ସମ୍ବଲପୁର ସହଭାଗିତାରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମଟି ଗତ ୨୧ ଜୁନ୍‌ରୁ ଆରମ୍ଭ ହୋଇଥିବାବେଳେ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରୁ ବାଣିଜ୍ୟ ବିଭାଗର ଅଧ୍ୟାପକ ମାନେ ଯୋଗ ଦେଇଛନ୍ତି। ଆଜିକାର ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଯୋଗ ଦେଇଥିଲେ। ପ୍ରତିଦିନ ଅଧିବେଶନ ମାନଙ୍କରେ ଜାତୀୟ ଶିକ୍ଷା ନୀତି (ଏନ୍ଇପି) ୨୦୨୦ର ନିୟମ ଅନୁଯାୟୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ସୂଚନା ମିଳିଛି।

## ଦୁଷ୍କର୍ମକାରୀକୁ ୧୨ ବର୍ଷ ଜେଲ

**ସମ୍ବଲପୁର, ୨୩।୬(ସମିସ):** ୨୦୧୫ ମସିହାର ଏକ ଦୁଷ୍କର୍ମ ଅଭିଯୋଗର ବିଚାରକରି ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ଅଭିଯୁକ୍ତ ରବି ପ୍ରଧାନକୁ ୧୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା ରାୟ ଶୁଣାଇଛନ୍ତି। ଜୋରିମାନା ଅନାଦେୟ ହେଲେ ଅଭିଯୁକ୍ତ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବ।

ସୂଚନା ଅନୁଯାୟୀ, ଘଟଣାଟି ୨୦୧୪ ମସିହାରେ ଘଟିଥିଲା। ଅଭିଯୁକ୍ତ ରବି ପ୍ରଧାନ ପିଡ଼ିତାକୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖୁଥିଲା। ଫଳରେ ପିଡ଼ିତା ଗର୍ଭବତୀ ଗର୍ଭବତୀ ହୋଇଥିଲେ। ଗର୍ଭବତୀ ହେବାର ଆଠ ମାସ ସମୟରେ ପିଡ଼ିତା ବିବାହ ପାଇଁ କହିବାରୁ ଅଭିଯୁକ୍ତ ମନା କରିଥିଲା। ତାହାପରେ ପିଡ଼ିତା ପରିବାର ଓ ଗ୍ରାମବାସୀ ଏହାକୁ ନେଇ ଏକ ସଭା କରିଥିଲେ। ଏହାପରେ ଅଭିଯୁକ୍ତ ପିଡ଼ିତାଙ୍କୁ ନେଇ ରେଢ଼ାଖୋଲରେ ଏକ ଭଡ଼ାଘରେ ରଖିଥିଲା। କିଛିଦିନ ରହିବା ପରେ ଅଭିଯୁକ୍ତ ପିଡ଼ିତାଙ୍କୁ ଏକାକୀ ଛାଡ଼ି ଚାଲିଯାଇଥିଲା। ଅଭିଯୁକ୍ତ ରବି ପ୍ରଧାନ ବୌଦ୍ଧ ଜିଲ୍ଲାକୁ ଯାଇ ସେଠାରେ ଆଉ ଜଣେ ମହିଳାଙ୍କୁ ବିବାହ କରି ରହୁଥିଲା। ଏହାପରେ ପିଡ଼ିତା ଚାରମାଲ ଥାନାରେ ୧୫-୫-୨୦୧୫ରେ ଅଭିଯୋଗ କରିଥିଲେ। ପୁଲିସ ଚାରମାଲ ଥାନାରେ କେସ ନଂ. ୪୫/୨୦୧୫ରେ ଏକ ମାମଲା ରୁଜୁ କରିଥିଲା। ଚାରମାଲ ଥାନାଧିକାରୀ ଘଟଣାର ତଦନ୍ତ କରି ଦଫା ୩୭୬ (୨)(ଏ) ଏବଂ ୬ ପୋକ୍‌ସୋ ଆକ୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ପୋକ୍‌ସୋ ବିଚାରପତି ଅଭିଲାଷ ସେନାପତି ମୋଟ ୧୮ ଜଣଙ୍କ ସାକ୍ଷ୍ୟପ୍ରମାଣ ଏବଂ ତଥ୍ୟ ଅନୁଯାୟୀ ଅଭିଯୁକ୍ତ ରବି ପ୍ରଧାନକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତକୁ ୧୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ପିଡ଼ିତାକୁ ଅନୁକମ୍ପା ରାଶି ଭାବରେ ୧୫ ଲକ୍ଷ ଟଙ୍କା ଦେବାପାଇଁ ବିଚାରପତି ଜିଲ୍ଲା ଆଇନ ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ଏହି ମାମଲାଟି ପରିଚାଳନା କରୁଥିଲେ।

## ହିଣ୍ଡାଲ୍‌କୋ ପକ୍ଷରୁ ହୀରାକୁଦ କଲେଜ ଶ୍ରେଣୀଗୃହର ପୁନରୁଦ୍ଧାର

**ସମ୍ବଲପୁର/ହୀରାକୁଦ, ୨୩।୬ (ସମିସ) :** ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ହୀରାକୁଦ କଲେଜ ଶ୍ରେଣୀଗୃହର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରେଣୀଗୃହକୁ ପୁନରୁଦ୍ଧାର କରି ଛାତ୍ରଛାତ୍ରୀଙ୍କ ବ୍ୟବହାର ଉପଯୋଗୀ କରାଯାଇଛି। ହିଣ୍ଡାଲକୋ ଗ୍ରୁପ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଅଭିଜିତ, ମାନବ ସମ୍ବଳ ମୁଖ୍ୟ ଓଡ଼ିଶା କ୍ଲଷ୍ଟର ଏବଂ ଖଣିଜ ଡ. କ୍ରୀଷ୍ଣା ପାଢ଼ୀ, ହିଣ୍ଡାଲକୋର ୟୁନିଟ୍ ହେଡ ଦେବାଶିଷ ମଲ୍ଲିକ, ହୀରାକୁଦ କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ହେଧ, ଓଡ଼ିଶା କ୍ଲଷ୍ଟର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶିବ ମହାପାତ୍ରଙ୍କ ଉପସ୍ଥିତିରେ ଆଜି ଏହା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ହିଣ୍ଡାଲକୋ ସିଏସଆର୍ ବିଭାଗ ମୁଖ୍ୟ ସୁକାନ୍ତ ମହାପାତ୍ର, ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଜୟଶ୍ରୀ ରାଓ, ସରୋଜ ଆଚାର୍ଯ୍ୟ, ମିଳନ ସାହୁ ଓ ସନ୍ତୋଷ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ମାନବ ସମ୍ବଳ ମୁଖ୍ୟ ଓଡ଼ିଶା କ୍ଲଷ୍ଟର ଏବଂ ଖଣିଜ ଡ. କ୍ରୀଷ୍ଣା ପାଢ଼ୀ କହିଥିଲେ ଯେ ହୀରାକୁଦ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ହିଣ୍ଡାଲକୋ ସଦା ସର୍ବଦା କାର୍ଯ୍ୟ କରୁଛି। ବିଶେଷକରି ଶିକ୍ଷା କ୍ଷେତ୍ରରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାପାଇଁ ଚେଷ୍ଟା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସେ ମତପ୍ରକାଶ କରିଥିଲେ। ଏହି କ୍ରମରେ ହିଣ୍ଡାଲକୋ ଦ୍ୱାରା କଲେଜର ବିଦ୍ୟାର୍ଥୀ ମାନଙ୍କ ପାଇଁ ତିଆରି କରାଯାଉଥିବା ଇ-ପୁସ୍ତକାଗାର କାର୍ଯ୍ୟକୁ ତଦାରଖ କରି ଶୀଘ୍ର ସମାପ୍ତ କରି ପିଲାଙ୍କ ପାଠପୋଯୋଗୀ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ସୁମିତ୍ରା ପଣ୍ଡା, କଲେଜର ଅଧ୍ୟାପକ ଅଧ୍ୟାପିକା ତଥା ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।




## ରୋଟାରୀ ତାଲିମ ଶିବିର ଉଦ୍‌ଯାପିତ



**ସମ୍ବଲପୁର, ୨୩।୬(ସମିସ):** ରୋଟାରୀ କ୍ଲବ୍ ଅଫ୍ ସମ୍ବଲପୁର ଗ୍ରେଟର ତତ୍ତ୍ୱାବଧାନରେ ରୋଟାରୀ ଜିଲ୍ଲା ୩୨୬୧ (ଓଡ଼ିଶା, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼) ର ନବନିର୍ବାଚିତ ପଦାଧିକାରୀମାନଙ୍କ ପାଇଁ 'ଆଗାଜ ମୈତ୍ରତା କା' ଦିନିକିଆ ରୋଟାରୀ ତାଲିମ ଶିବିର ସମ୍ବଲପୁରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ଉଦ୍ଦେଶ୍ୟ ଥିଲା ରୋଟାରୀ ବର୍ଷ ୨୦୨୫-୨୬ ର କାର୍ଯ୍ୟଯୋଜନା ଏବଂ ସାମାଜିକ ଲକ୍ଷ୍ୟକୁ ରୂପରେଖ ଦେବା। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ରୋଟାରିଆନମାନେ ସାମାଜିକ ପରିବର୍ତ୍ତନର ପଥରେ ଦୃଢ଼ ଚିନ୍ତାଧାରା ଏବଂ ଶକ୍ତିରେ ପରିପୂର୍ଣ୍ଣ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରଶାନ୍ତ ରଥଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ତାଲିମ ଅଧିବେଶନର ନେତୃତ୍ୱ ଆଗାମୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ଅମିତ ଜୟସ୍ୱାଲ ନେଇଥିଲେ, ସେ ଜୁଲାଇ ମାସରୁ ତାଙ୍କର କାର୍ଯ୍ୟକାଳ ଆରମ୍ଭ କରିବେ। ଶ୍ରୀ ଜୟସ୍ୱାଲ ୫୧, ୦୦୦ ଚାରାରୋପଣ ଏବଂ ୨, ୫୦୦ ୟୁନିଟ୍ ରକ୍ତ ସଂଗ୍ରହ କରିବାର ସଂକଳ୍ପ ନେଇଥିଲେ। ରୋଟାରୀର ସାତଟି ମୁଖ୍ୟ କେନ୍ଦ୍ରବିନ୍ଦୁ କ୍ଷେତ୍ର-ପରିବେଶ, ଜଳସଂରକ୍ଷଣ, ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ଯୁବ ବିକାଶ ଏବଂ ସମାଜସେବା ଅଧୀନରେ ଆଗାମୀ ବର୍ଷ ପାଇଁ ଯୋଜନା ଉପସ୍ଥାପନ କରାଯାଇଥିଲା। ପୂର୍ବତନ ପ୍ରଦେଶ ଗଭର୍ଣ୍ଣରବୃନ୍ଦ ହରଜିତ ସିଂହ ହୁରା, ଡା. ଅଶୋକ ସିଂହ, ଶମ୍ଭୁ ଜଗତରାମ, ଏଫ୍ ସି ମହାନ୍ତି ପ୍ରମୁଖ ବିଭିନ୍ନ ଦିଗ ଉପରେ ଆଲୋକପାତ କରି ମାର୍ଗଦର୍ଶନ କରିଥିଲେ। ଜିଲ୍ଲା ମହାସଚିବ ସୁଶୀଲ ରାମଦାସ ଅଗ୍ରୱାଲ ରକ୍ତଦାନ ଶିବିର ଆୟୋଜନ, ଆଗାମୀ ପ୍ରାଦେଶିକ ରାଜ୍ୟପାଳ (୨୦୨୬-୨୭) ଆଲମ ସିଂହ ରୂପ୍ରା କ୍ଲବ ପ୍ରଶାସନକୁ ସୁଦୃଢ଼ କରିବା ଏବଂ ଜିଲ୍ଲା ମିଡିଆ ସହ-ଅଧ୍ୟକ୍ଷ ସଂହିତା ଚାନ୍ଦ ଗଣମାଧ୍ୟମ ପରିଚାଳନା ଉପରେ ବକ୍ତବ୍ୟ ରଖିଥିଲେ। କ୍ୟାମ୍ପ ଅଧ୍ୟକ୍ଷ ପ୍ରଶାନ୍ତ ରଥ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର ସମ୍ପାଦକ ସୁମିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟରର ସଭାପତି ବିଲାଲ ମଲ୍ଲିକ, ସଚିବ ସୁନୀଲ ନାୟକ, ପରଭେଜ ଅଲ୍ଲୀ ଖାନ, ମନୋରଞ୍ଜନ ସାହୁ, ତୃଷ୍ଣା ବାଗ, ବଳଦେବ ପଣ୍ଡା, ଘନଶ୍ୟାମ ମେହେର ପ୍ରମୁଖ ବହୁ ସଭ୍ୟସଭ୍ୟା ଆୟୋଜନରେ ସହଯୋଗ କରିଥିଲେ।

## ଯୁଯୋମୁରାରେ ଜବରଦଖଲ ଉଚ୍ଛେଦ

**ସମ୍ବଲପୁର, ୨୩।୬ (ସମିସ):** ସମ୍ବଲପୁର ଜିଲ୍ଲା ଯୁଯୋମୁରା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆଜି ଯୁଯୋମୁରା ବ୍ଲକଅଫିସ ଛକ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଯୁଯୋମୁରା ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁଯୋମୁରା ପୋଲିସ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଉଭୟ ସ୍ଥାନରେ ଜବରଦଖଲ କରି ନିର୍ମାଣ କରିଥିବା ବ୍ୟକ୍ତିମାନଙ୍କୁ ପୂର୍ବରୁ ଜବରଦଖଲ ହଟାଇବାକୁ ନୋଟିସ ଜାରି କରାଯାଇଥିଲା। ନୋଟିସ ଅବଧି ସରିବା ପରେ ଆଜି ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି।

## Ph.D Degree

ରସାୟନ ବିଜ୍ଞାନରେ ଡକ୍ଟରେଟ ଲାଭ



ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀମତୀ ପ୍ରଣିତା ପଣ୍ଡା ,ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକରୁ ରସାୟନବିଜ୍ଞାନରେ କୃତିତ୍ୱ ସହ ଡକ୍ଟରେଟ (Ph.D ) ଉପାଧି ଲାଭ କରିଛନ୍ତି | ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର Dr.Smruti Prava Das ଙ୍କ ତତ୍ତ୍ୱାବଧାନରେ " Novel Technological Applications for a Green and sustainable Environment Using non -thermal plasmas " ଉପରେ ଗବେଷଣା କରିଥିବା ତାଙ୍କ ସନ୍ଦର୍ଭଟି Prof . V .L .Matha(Professor, Sabitribai Phule , Pune University, Pune) ଏବଂ Prof. K.Ramachandran (UGC Professor, Bharathiar University, Tamilnadu ) ଙ୍କ ଦ୍ୱାରା ମୂଲ୍ୟାୟନ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଡ଼ ପ୍ରଣିତା ପଣ୍ଡା ବାଲେଶ୍ୱର ଜିଲ୍ଲା ଭୋଇସାହି ଗ୍ରାମ ନିବାସୀ ଶ୍ରୀଯୁକ୍ତ ବିଜୟ ପ୍ରକାଶ ପଣ୍ଡା (Retd. Army) ଓ ଶ୍ରୀମତୀ ହରିପ୍ରିୟା ପଣ୍ଡାଙ୍କର କନିଷ୍ଠା କନ୍ୟା ଓ ରେମୁଣା ଗ୍ରାମ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଗୁଣନିଧି ସେନାପତି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ରମାମଣି ମହାପାତ୍ର ଙ୍କର କନିଷ୍ଠ ପୁତ୍ରବଧୂ ଓ ଶ୍ରୀଯୁକ୍ତ ଶୁଭବ୍ରତ ସେନାପତିଙ୍କ ସହଧର୍ମିଣୀ ଅଟନ୍ତି। ଗବେଷଣାରେ ତାଙ୍କର ଏହି ଅପାର ସଫଳତା ପାଇଁ Dr.Panda ନିଜର ଗାଇଡ଼ ପ୍ରଫେସର Dr.Smruti Prava Das , ରେଭେନ୍ସା ବିଶ୍ୱବିଦ୍ୟାଳୟ , ନିଜର ପରିବାର ବର୍ଗ ଓ ଭଗବାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପିଏଚ୍‌ଡି ଲାଭ



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkela ରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurda ର Prof. (Dr.) Bibhuti Bhusana Panigrahi ଏବଂ I.G.I.P.S, Bhubaneswar ର Prof. (Dr.) Manoj Kumar Pani ଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet By Using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE college of Pharmacy, Raipur ଏବଂ Dr. Rakesh Gupta, Vaish institute of pharmaceutical education, Rohtak, Haryana ଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R, Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଦେଶର ଅନେକେ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଣାତ୍ମକ ପତ୍ରିକା ପ୍ରକାଶକ ସଂସ୍ଥା ରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶ ରେ ପ୍ରତିଷ୍ଠା ଲାଭ କରିଛନ୍ତି । ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ ପିଙ୍ଗୁଆ, ଢେଙ୍କାନାଳ ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଯୁକ୍ତ ଦୁଃଶାସନ ବେହେରା ଏବଂ ଶ୍ରୀମତୀ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀ ଜଗନ୍ନାଥ, ଝଙ୍କଡ ବାସିନୀ ମା ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି ।

### କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

# ସମ୍ବଲପୁର ଓ ଦେବଗଡ଼କୁ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ରାଶି ପ୍ରଦାନ କରିବାକୁ ଅନୁରୋଧ କଲେ ଧର୍ମେନ୍ଦ୍ର

ସମ୍ବଲପୁର, ୨୩।୬ (ସମିସ)



୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସମ୍ବଲପୁର ମହାନଗମ ନିଗମ (ଏସଏମସି) ଓ ଦେବଗଡ଼ ପୌରପାଳିକାକୁ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ପ୍ରଦାନ କରିବା ସମ୍ପର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଲୋଚନା କାଳରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଥିଲେ, ଓଡ଼ିଶାର ସମ୍ବଲପୁର ଓ ଦେବଗଡ଼କୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଞ୍ଚଦଶ ଅର୍ଥ କମିଶନରେ ପୌର ସଂସ୍ଥାକୁ ଦିଆଯାଉଥିବା ଅର୍ଥ ଦିଆଯାଇନାହିଁ। ସମ୍ବଲପୁର ଏବଂ ଦେବଗଡ଼ ଆର୍ଥିକ, ଶିକ୍ଷାଗତ, ଶିଳ୍ପ ଏବଂ ସାଂସ୍କୃତିକ ଉନ୍ନତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ପଞ୍ଚଦଶ ଅର୍ଥ କମିଶନ ଅଧୀନରେ 'ମୌଳିକ ଏବଂ ସଂଯୁକ୍ତ ଅନୁଦାନ' ଏବଂ 'ସ୍ୱାସ୍ଥ୍ୟ ଅନୁଦାନ' ଏ ପର୍ଯ୍ୟନ୍ତ ନ ମିଳିବା ଯୋଗୁଁ ଅନେକ ବିକାଶମୂଳକ କାର୍ଯ୍ୟରେ ବାଧା ଉପୁଜିଛି। ସେ କହିଛନ୍ତି ସମ୍ବଲପୁର ଏବଂ ଦେବଗଡ଼ରେ ଏହି ମୌଳିକ ଅନୁଦାନ ରାଶି ଦ୍ୱାରା ପୌର ସଂସ୍ଥାରେ ରାସ୍ତା ଏବଂ ଡ୍ରେନେଜ୍ ଉନ୍ନତି, ପରିମଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ସହଜ ହେବ। ସହରାଞ୍ଚଳ ସୌନ୍ଦର୍ଯ୍ୟକରଣ, ରାସ୍ତା ଆଲୋକୀକରଣ ଏବଂ ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ ନାଗରିକ ସେବା ଏବଂ ଭିତ୍ତିଭୂମି କାର୍ଯ୍ୟ ସୁଦୃଢ ହେବ। ଏହି ଅନୁଦାନ ପୌରସଂସ୍ଥା ଗୁଡ଼ିକୁ ଅତ୍ୟାବଶ୍ୟକୀୟ ବିକାଶ କାର୍ଯ୍ୟ ଜାରି ରଖିବା ଏବଂ ନାଗରିକ ସେବାରେ ସହାୟକ ହେବ। ଏହି ବିଷୟକୁ ଦୃଷ୍ଟିରେ ରଖି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସମ୍ବଲପୁର ଓ ଦେବଗଡ଼ ୟୁଏଲବିକୁ ୧୫ତମ ଅର୍ଥ କମିଶନ ଅନୁଦାନର ସମୟସୀମା ମଧ୍ୟରେ ପ୍ରଦାନ କରିବା ପାଇଁ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି ଶ୍ରୀ ପ୍ରଧାନ।

ଏହାବ୍ୟତୀତ ଆଲୋଚନା କାଳରେ ସମ୍ବଲପୁର ଏବଂ ଦେବଗଡ଼ରେ ଲୋକମାନଙ୍କୁ ସୁଲଭ ମୂଲ୍ୟରେ କିପରି ଘର ମିଳିପାରିବ, ପିଏମ ସ୍ୱନିଧି ଯୋଜନାରେ ଉଠା ଦୋକାନୀ କିଭଳି ସହଜରେ ଋଣ ପାଇବା ସହ ସ୍ୱାବଲମ୍ବୀ ହୋଇପାରିବେ, ଇ-ବସ ଚଳାଚଳକୁ ଅଧିକ ପ୍ରୋତ୍ସାହନ ମିଳିବା ସହ ସହରରେ ବର୍ଜ୍ୟବସ୍ତୁ ପରିଚାଳନା କିପରି ବ୍ୟବସ୍ଥିତ ଭାବରେ ହେବ, ସେଦିଗରେ ଉଭୟ ମନ୍ତ୍ରୀ ଆଲୋଚନା କରିଛନ୍ତି।

# ଅସହାୟ ଶିଶୁଙ୍କ ଦେବଦୂତ ସାଜିଲେ ସିଆର୍‌ସିସି

**ବରଗଡ଼, ୨୩।୬(ସମିସ):**

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ବୈତାଳି କ୍ଲଷ୍ଟର ସିଆର୍‌ସିସି ଶ୍ରୀ ଦିବସ ସାହୁ ନିଜ କ୍ଲଷ୍ଟର ଅଧିନସ୍ଥ ବାପ ମାଁ ଛେଉଣ୍ଡ ଅନାଥ ଶିଶୁ ତଥା ବାପ ଛେଉଣ୍ଡ ଶିଶୁମାନଙ୍କ ଉଚ୍ଚତର ଶିକ୍ଷା ପାଇଁ ତଥା ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ଅହରହ ଉଦ୍ୟମ ଜାରି ରଖିଛନ୍ତି। ତାଙ୍କ ପ୍ରୟାସ ଫଳରେ ଅନେକ ଅବହେଳିତ ଶିଶୁଙ୍କ ଭବିଷ୍ୟତ ସୁଦୃଢ଼ ହେଉଛି। ବୈତାଳି କ୍ଲଷ୍ଟର ଅଧୀନସ୍ଥ ସନଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ ସମୟରେ ଜଣେ ଛାତ୍ରୀ ଝିଂସି ହାତୀ କାନ୍ଦୁଥିବା ଦେଖିଥିଲେ। ପିଲାଟିର ବାପା ଆରପାରିକୁ ଚାଲି ଯାଇଥିବା ଏବଂ ବିଧବା ମାଁ ଓ ସାନଭାଇ ସହ ନିଜ ମାମୁଁ ଘରେ ସେମାନେ ରହୁଥିବା ଶ୍ରୀ ସାହୁ ଜାଣିବାକୁ ପାଇଲେ। ଝିଂସିଙ୍କ ମାଁ ମଧ ଶାରୀରିକ ଭାବେ ଦୁର୍ବଳ ଥିବାରୁ ଆଉ ରୋଜଗାର କରିପାରୁ ନାହାନ୍ତି। ଏସବୁ ବିଷୟରେ ପ୍ରଧାନଶିକ୍ଷକ ରାଜେଶ ସୁନା



ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କପିଳେନ୍ଦ୍ର ବାଗଙ୍କ ଠାରୁ ଜାଣିବା ପରେ ସିଆର୍‌ସିସି ଶ୍ରୀ ସାହୁ ସେହି ପରିବାରକୁ ଗତବର୍ଷ ଡିସେମ୍ବରରେ ବରଗଡ଼ ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମକୁ ନେଇଥିଲେ। ସେଠାରେ ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଅନ୍ୟ ସୁବିଧା ନାହିଁ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ସେଠାରୁ ଶ୍ରୀ ସାହୁ ଝିଂସିକୁ ବାଳିକା ହଷ୍ଟେଲରେ ପାଠ ପଢ଼ାଇବା ପାଇଁ ଚେଷ୍ଟା କରିଥିଲେ। ଏନେଇ ଝାରବନ୍ଧ ବ୍ଲକ ବିଇଓ ଶୁଭମ ପତିଙ୍କୁ ଲିଖିତ ଭାବେ ଜଣାଇଥିଲେ। ପ୍ରଧାନଶିକ୍ଷକ ରାଜେଶ ସୁନାଙ୍କ ସହ ଶ୍ରୀ ସାହୁ ଗ୍ରୀଷ୍ମ ଛୁଟି ପୂର୍ବରୁ କୋତନା ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷୟିତ୍ରୀ ଜାହ୍ନବୀ ସେଠଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଫଳରେ ସୋମବାର ବିଦ୍ୟାଳୟ ଏବଂ ହଷ୍ଟେଲରେ ଝିଂସିର ନାମ ଲେଖା ହୋଇଛି। ସିଆର୍‌ସିସିଙ୍କ ଏପରି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

## ଝାରବନ୍ଧ ନୂତନ ଆତ୍ମା କମିଟି ଗଠିତ

ବରଗଡ଼, ୨୩।୬(ସମିସ): ଝାରବନ୍ଧ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଆତ୍ମା କମିଟି ଗଠନ ହୋଇଛି। ଆତ୍ମା କମିଟିର ନୂତନ ଚେୟାରମ୍ୟାନ ଭାବେ ସତ୍ୟାନନ୍ଦ ପ୍ରଧାନ ମନୋନୀତ ହୋଇଥିଲେ। ଝାରବନ୍ଧ ଆତ୍ମା କମିଟିରୁ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ କ୍ଷମାନିଧି ସାହୁ ମନୋନୀତ ହୋଇଛନ୍ତି। କମିଟିରେ ଝାରବନ୍ଧ ବ୍ଲକ ଚେୟାରମ୍ୟାନ, ଉଭୟ ଜିଲ୍ଲା ପରିଷଦଙ୍କ ସହିତ ଚାଷୀଙ୍କୁ ନେଇ ୨୨ ଜଣିଆ କମିଟି ଗଠନ ହୋଇଛି। ବୈଠକରେ ବ୍ଲକ କୃଷି ଅଧିକାରୀ ନୀତା ଶବର, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ପ୍ରମୋଦ ଶବର, ଜିଲ୍ଲା ପରିଷଦ ସନ୍ତୋଷ ବେହେରା, ଛୋଟଅନକି ସମିତି ସଭ୍ୟ ସତ୍ୟମ ପ୍ରଧାନ ପ୍ରମୁଖଙ୍କ ସମେତ ଚାଷୀ ଉପସ୍ଥିତ ଥିଲେ।



## ନବୀନଙ୍କ ଆରୋଗ୍ୟ କାମନା କରି ସମୂହ ଦୀପଦାନ



ପାଇକମାଳ, ୨୩।୬(ସମିସ): ସାଢ଼େ ୪ କୋଟି ଓଡ଼ିଶାବାସୀ ହିଁ ମୋ ପରିବାର। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ କଥା ବାରମ୍ବାର କହିଛନ୍ତି। ୨୪ ବର୍ଷ ଧରି ଲୋକଙ୍କ ପାଇଁ ସମର୍ପିତ ଭାବେ କାମ କରିଛନ୍ତି। ପ୍ରତିଦାନରେ ରାଜ୍ୟବାସୀ ମଧ ତାଙ୍କ ଉପରେ ଆଶୀର୍ବାଦ ଅଜାଡ଼ି ଦେଉଛନ୍ତି। ମୁମ୍ବାଇକୁ ଚିକିତ୍ସା ପାଇଁ ଯାଇଥିବା ନବୀନଙ୍କ ପାଇଁ ସାରା ରାଜ୍ୟବାସୀଙ୍କ ମନ ବ୍ୟାକୁଳ ରହିଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ନେତୃତ୍ୱରେ ନୃସିଂହନାଥ ପୀଠରେ ମହାପ୍ରଭୁ ଶ୍ରୀଶ୍ରୀ ନୃସିଂହନାଥ ଓ ଜଗତଜନନୀ ମାଁ ବିନ୍ଧ୍ୟବାସିନୀ ମନ୍ଦିରରେ ପୂଜାପାଠ ପରେ ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରି ଜନତା ସମୂହ ଦୀପ ଜାଳିଛନ୍ତି। ଏହି ଅବସରରେ ବିଧାୟିକା ବର୍ଷା ସିଂ ବରିହା ସମେତ ବ୍ଲକ ଅଧକ୍ଷା ଭାବନା ସିଂ, ହୃଦାନନ୍ଦ ବାରିକ, ବିଜୟ ସ୍ୱାଇଁ, ଟାଇଲ ଚନ୍ଦ୍ର ଭୋଇ, ପୂର୍ବତନ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ଗୌତମ ସିଂ, ଗିରୀଶ ଡନସନାଙ୍କ ସହିତ ଶତାଧିକ ଦଳୀୟ ତଥା ଜନସାଧାରଣ ଯୋଗ ଦେଇଥିଲେ।

## ସୋହେଲାରେ ବିଜେଡିର ପୂଜାର୍ଚ୍ଚନା

**ସୋହେଲା, ୨୩।୬(ସମିସ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅସ୍ତ୍ରୋପଚାର ସଫଳ ହେବା ଏବଂ ତାଙ୍କ ଆଶୁ ଆରୋଗ୍ୟ କାମନା କରି ସୋହେଲା ବିଜେଡି ପକ୍ଷରୁ ସ୍ଥାନୀୟ ଦୁର୍ଗା ମନ୍ଦିରଠାରେ ପୂଜା ଅର୍ଚ୍ଚନା କରାଯିବା ସହ ସାମୂହିକ ଦୀପ ଦାନ କରା ଯାଇଛି। ବିଜେଡି କର୍ମୀ ମାର୍କଣ୍ଡ ସା, ସୁବ୍ରତ ବେହେରା, ଜୀବର୍ଦ୍ଧନ ବିରିହା, ହୃଷିକେଶ ସାହୁ, ରାଜେଶ ଅଗ୍ରୱାଲ, ନିଲୁ ଝାଙ୍କର, କେଶବ ମାଝୀ ଶ୍ରୀକାନ୍ତ ସେନାପତି ପ୍ରମୁଖ ପୂଜାର୍ଚ୍ଚନା କରି ଦୀପ ପ୍ରଜ୍ୱଳନ କରିଥିଲେ।



## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

**ବରଗଡ଼, ୨୩।୬(ସମିସ):** ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ ଲୁହା, ଅତିରିକ୍ତ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାନ, ଉପଜିଲ୍ଲାପାଳ ସ୍ନେହା ଅଗୁରାଲା, ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହନ୍ତ ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ, ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକ, ବନଖଣ୍ଡ ଅଧିକାରୀ ବିକ୍ରମ



ଦେବ ପଟ୍ଟନାୟକ, ଡେପୁଟି କଲେକ୍ଟର ସୁମତି ପଣ୍ଡା ଷଡଙ୍ଗୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହାର ହୁସେନ ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୧୨୧ ଗୋଟି ଅଭିଯୋଗ ଗୃହୀତ ହୋଇଥିଲା। ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ, ୭୫ଟି, ସାମୂହିକ ଅଭିଯୋଗ ରହିଥିଲା। ୭ଟି ଅଭିଯୋଗର ତତକ୍ଷଣାତ୍ ସମାଧାନ କରି ଅନ୍ୟ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଦଧିବାମନଙ୍କ ରଥଯାତ୍ରା ପ୍ରସ୍ତୁତି



ଭଟଲି, ୨୩।୬(ସମିସ): ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ଭଟଲିର ଶ୍ରୀ ଦଧିବାମନଙ୍କ ରଥଯାତ୍ରା ଆସନ୍ତା ଜୁନ ୨୭ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଭଟଲି ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ବୈଠକରେ ମୁଖ୍ୟତଃ ଟ୍ରାଫିକ ସମସ୍ୟା, ପାର୍କିଂ ସ୍ଥଳ, ରଥଯାତ୍ରା ଦିନ ଆମିଷ ଖାଦ୍ୟ ବିକ୍ରୟ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବା, ବଡ଼ଦାଣ୍ଡରେ ଥିବା ଜବରଦଖଲକୁ ହଟାଇବା ପରି ଅନେକ ବିଷୟ ଉପରେ ଆଲୋଚନା ହୋଇଥିଲା। ରଥଯାତ୍ରା ପରିଚାଳନା କମିଟିର ଆବାହକ ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ସହକାରୀ ଜିଲ୍ଲାପାଳ ମଦନଲାଲ ପଣ୍ଡା, ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, କମିଟିର ସଭାପତି ମୋତିଲାଲ ବନଛୋର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କମିଟିର ସମ୍ପାଦକ ଏବଂ ଅନ୍ୟାନ୍ୟ ସଦସ୍ୟଙ୍କ ସହିତ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପଧାନ, ଭଟଲି ଥାନା ଅଧିକାରୀ ବିଭୂତି ଭୂଷଣ ଦଳେଇ, ଏସଡିପି ପଦାରବିନ୍ଦ ତ୍ରିପାଠୀ, ବିଭିନ୍ନ ପ୍ରେସ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକୀର୍ତ୍ତନ ସଂସ୍କୃତି ସୁରକ୍ଷା ପାଇଁ ପେନ୍‌ସନ୍‌ରୁ ଦେଲେ ୧୦ହଜାର



**ବରଗଡ଼, ୨୩।୬(ସମିସ):** ଖଜୁରଟିକ୍ରା ନେତାଜୀ ଯୁବକ ସଂଘ ପରିସରରେ ଅବସରପ୍ରାପ୍ତ ଡାକ କର୍ମଚାରୀ, କ୍ୟାନ୍‌ସର୍ ଯୋଦ୍ଧା ତଥା ଜିଲ୍ଲା ରଜକ ସେବା ସମିତିର ଅଧକ୍ଷ ଅର୍ଜୁନ ସେଟ୍ ସଂକୀର୍ତ୍ତନ ସଂସ୍କୃତିର ସୁରକ୍ଷା ପାଇଁ ନିଜ ମେ' ମାସର ପେନ୍‌ସନ୍‌ରୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଜିଲ୍ଲା ସଂକୀର୍ତ୍ତନ ପରିଷଦର ଅଶ୍ଳୀଳ ଓ ଦ୍ୱିଅର୍ଥ ବୋଧକ ସଂକୀର୍ତ୍ତନ ପରିବେଷଣକୁ ବିରୋଧରେ ଜନସଚେତନତା କାର୍ଯ୍ୟକ୍ରମରେ ପ୍ରଭାବିତ ହୋଇ ସେ ଏହି ଦାନ କରିଛନ୍ତି। ଶ୍ରୀ ସେଟ୍ ନିଜେ ଜଣେ କ୍ୟାନ୍‌ସର୍ ଯୋଦ୍ଧା। ତାଙ୍କର ବଦାନ୍ୟତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ କହିଛି। ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ଉପସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଜୟଦେବ ପଣ୍ଡା, ମୁଖ୍ୟ ଉପଦେଷ୍ଟା ଲଳିତ ଭୋଇ, ଲଳିତ ମୋହନ ପଣ୍ଡା, ମୀନକେତନ ମେହେର, ରାମଚନ୍ଦ୍ର ସାହୁ, ନୀଳ ଦେବତା, ଗୌରଚନ୍ଦ୍ର ସାହୁ, ସୁଶିଲ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର କୋଷାଧକ୍ଷ ଭରତ ପ୍ରଧାନ, ଅରୁଣ ପ୍ରଧାନ, ପଞ୍ଚାନନ ବାଗ, ଦଖଲ ବାରିକ, ହେମନ୍ତ ପ୍ରଧାନ, ତପୋବନ୍ତ ବରିହା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଏସ୍‌ସି, ଏସ୍‌ଟି କର୍ମଚାରୀ ସଂଘ କମିଟି ଗଠିତ



ପଦ୍ମପୁର, ୨୩।୬(ସମିସ): ପଦ୍ମପୁର ରାଜାଜୀ ଟାଉନହଲରେ ସୋମବାର ତଫସିଲ ଭୁକ୍ତ ଜାତି ଓ ଜନଜାତି କର୍ମଚାରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି କ୍ଷିରେଶ୍ୱର ତାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସମ୍ପାଦକ ରବିଚନ୍ଦ୍ର ବୁଡେକ, ସଂଯୋଜକ ନାରାୟଣ ମେହେର, ବେଣୁଧର ବରିହା ଓ ରାମସିଂ ଭୋଇ ମଞ୍ଚାସୀନ ଥିଲେ। ବୈଠକରେ ରାଜ୍ୟ କମିଟିର ମାର୍ଗଦର୍ଶନରେ କର୍ମଚାରୀଙ୍କ ସମସ୍ୟା ସମାଧାନ, ସମାଜର ଉନ୍ନତି ଓ ଏକତା ପାଇଁ ସମସ୍ତେ ଆଗେଇ ଆସିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାପରେ ରାଜବୋଡ଼ାସମ୍ବର ବ୍ଲକ ଏସସି ଓ ଏସଟି କର୍ମଚାରୀ ସଂଘ କମିଟି ଗଠନ କରାଗଲା। ଗୋବର୍ଦ୍ଧନ ବରିହା ସଭାପତି, ଉମେଶ ସୁନା ସମ୍ପାଦକ, ନବୀନ ରାଉତ କୋଷାଧକ୍ଷ ସମେତ ୨୪ ଜଣ ସଭ୍ୟ ରୂପେ ମନୋନୀତ ହୋଇଥିଲେ। ପରିଶେଷରେ ହରିହର ବୁଡେକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜବୋଡ଼ାସମ୍ବର ସମିତି ସଭ୍ୟ ସଂଘର ସାଧାରଣ ବୈଠକ



**ପାଇକମାଳ, ୨୩।୬(ସମିସ):** ବରଗଡ଼ ଜିଲ୍ଲା ନୃସିଂହନାଥରେ ରାଜବୋଡ଼ାସମ୍ବର ସମିତି ସଭ୍ୟ ସଂଘର ବୈଠକ ଅନୁଷ୍ଠିତ ହୋଇଛି। ସଙ୍ଘ ସଭାପତି ଠାକୁର ପ୍ରସାଦ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜବୋଡ଼ାସମ୍ବର ଅଧକ୍ଷ ରଣଜିତ ସିଂ, ଭାଇସ ଚେୟାରମ୍ୟାନ ସଂଯୁକ୍ତା ଚାନ୍ଦ, ପୂର୍ବତନ ପାଇକମାଳ ଚେୟାରମ୍ୟାନ ତଥା ଲାଟ ସଭାପତି ହୃଷୀକେଶ ବରିହା ଓ ସମସ୍ତ ସମିତି ସଭ୍ୟ ସଭ୍ୟା ଯୋଗ ଦେଇଥିଲେ। ସଙ୍ଘରେ ସମସ୍ତେ ମିଶି ନିଜ ବ୍ଲକ ଓ ପଞ୍ଚାୟତର ଉନ୍ନୟନମୂଳକ କାମ କରିବାକୁ ଆଲୋଚନା ହୋଇଥିଲା। ନୂତନ ଭାବେ ମହୁଲପାଲି ପଞ୍ଚାୟତ ସମିତି ସଭ୍ୟ ମୁରଲୀ ସାହୁ, କଂସର ସମିତି ସଭ୍ୟା, ବରିକେଲ ସମିତି ସଭ୍ୟା, ଚାରପାଲି ସମିତି ସଭ୍ୟା ସଙ୍ଘରେ ଯୋଗଦାନ କରିଥିଲେ।

## ଜାବ୍ ପକ୍ଷରୁ ରାଜ୍ୟସ୍ତରୀୟ ମିଡିଆ କର୍ମଶାଳା

**ବରଗଡ଼, ୨୩।୬(ସମିସ):**

ଭାରତରେ ସାମ୍ବାଦିକ ଓ ସାମ୍ବାଦିକତା ଗୁରୁତର ସଙ୍କଟ ଦେଇ ଗତି କରୁଥିବା ବେଳେ ସାମ୍ବାଦିକତାରେ ସୃଜନଶୀଳତା ଓ ବିଶ୍ୱସନୀୟତାର ଘୋର ଅଭାବ ଦେଖା ଦେଇଛି ବୋଲି ବରିଷ୍ଠ ସାମ୍ବାଦିକ ତଥା ରାଜ୍ୟ ସାମ୍ବାଦିକ ୟୁନିଅନ୍ (ଓୟୁଜେ)ର ସଭାପତି ପ୍ରସନ୍ନ ମହାନ୍ତି କହିଛନ୍ତି। ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଅଫ ବରଗଡ଼ (ଜାବ) ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ମିଡିଆ କର୍ମଶାଳାରେ 'ଦି ଇମ୍ପାକ୍ଟ ଅଫ ଡିଜିଟାଲ ମିଡିଆ ଅନ ଫ୍ରଣ୍ଟଲାଇନ ମିଡିଆ' ଶୀର୍ଷକ ପ୍ରସଙ୍ଗ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଅତିଥି ଭାବେ ଯୋଗଦେଇ ଶ୍ରୀ ମହାନ୍ତି କହିଥିଲେ ଯେ ସାମ୍ବାଦିକତା ଆଜି ଦଳୀୟ ମୁଖପାତ୍ର ସାଜିବାରୁ ଜନତାଙ୍କ ବିଶ୍ୱସନୀୟତା ହରାଇଛି। ଏହାଛଡ଼ା ଡିଜିଟାଲ ମିଡିଆ ପ୍ରତି ଫ୍ରଣ୍ଟଲାଇନ୍ ମିଡିଆ ଅସୂୟା ମନୋଭାବ ନରଖି ତାର ସକରାତ୍ମକ ଦିଗକୁ ଉଜାଗର କରି ଦେଖାଇବାକୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଥିଲେ।

ଅନ୍ୟତମ ବକ୍ତା ଭାବେ ସାମ୍ବାଦିକ ସତ୍ୟ ପ୍ରକାଶ ନାୟକ 'ଡିଜିଟାଲ ମିଡିଆ ପ୍ଲାଟଫର୍ମ ଏଣ୍ଡ ଜର୍ଣ୍ଣାଲିଷ୍ଟ' ଶୀର୍ଷକ ଉପରେ କହିଥିଲେ। ଡିଜିଟାଲ ମିଡିଆ



ଯୁଗରେ ସମସ୍ତେ ସମ୍ବାଦିକ ସାଜିବାରୁ ଖବରର ବିଶ୍ୱସନୀୟତା ବଡ଼ ଚ୍ୟାଲେଞ୍ଜ ହୋଇଛି। ଖବରର ମୂଳକୁ ଯାଇ ପ୍ରକୃତ ତଥ୍ୟ ପ୍ରକାଶ କରିପାରିଲେ ସାମ୍ବାଦିକ ନିଜର ମୌଳିକତା ରକ୍ଷା କରିବା ସହ ଆଦୃତ ହୋଇପାରିବ। ଅନ୍ୟତମ ଅତିଥି ବକ୍ତା ଛତିଶଗଡ଼ର ବରିଷ୍ଠ ସାମ୍ବାଦିକ ପ୍ରକାଶ ଚନ୍ଦ୍ର ହୋତା 'ଇଜ ୟୁଟ୍ୟୁବ ଏ ମିଡିଆ ଫର ବ୍ଲାକ୍‌ମେଲିଂ' ଶୀର୍ଷକ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସାମ୍ବାଦିକଙ୍କୁ ବ୍ୟବହାର କରୁଥିବା ଲୋକ ସାମ୍ବାଦିକକୁ ବ୍ଲାକ୍‌ମେଲରର ଆଖ୍ୟା ଦେଇଥାନ୍ତି। ତେବେ ସାମ୍ବାଦିକ କୌଣସି ଖବରକୁ ପ୍ରମୋଟ ନକରି ତାର ପ୍ରାସଙ୍ଗିକତା ଓ ସତ୍ୟତାକୁ ଗୁରୁତ୍ୱ ଦେବା ଦରକାର ବୋଲି ସେ କହିଥିଲେ। ଅନ୍ତର୍ଜାତୀୟ ଟ୍ରେନର ତଥା ବରିଷ୍ଠ ସାମ୍ବାଦିକ ଜୟ ପ୍ରକାଶ ହୋତା ଏହି ରାଜ୍ୟସ୍ତରୀୟ ସେମିନାରକୁ ସଂଯୋଜନା କରିଥିଲେ। ଅତୀତରେ ସାମ୍ବାଦିକତା କେତେ କଷ୍ଟକର ଥିଲା ଓ ଆଧୁନିକ ଡିଜିଟାଲ ଯୁଗରେ କେତେ ସହଜ ହୋଇଗଲାଣି ତାର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ। ଏହି ଅବସରରେ ଓୟୁଜେର ପୂର୍ବତନ ସାଧାରଣ ସମ୍ପାଦକ ଅଶୋକ ନନ୍ଦ ଓ କୋଷାଧକ୍ଷ ଅମୂଲ୍ୟ ସ୍ୱାଇଁ ଉପସ୍ଥିତ ଥିଲେ।

ଜାବ ପକ୍ଷରୁ ଆୟୋଜିତ ସାଧାରଣ ପରିଷଦ ବୈଠକ ଓ ରାଜ୍ୟସ୍ତରୀୟ ସେମିନାରର ପରିଚାଳନାରେ ସଂଘ ସଭାପତି ରବି ପଣ୍ଡା, ସାଧାରଣ ସମ୍ପାଦକ ବଦ୍ରୀ ପ୍ରସାଦ ସାହୁ, ଉପସଭାପତି ପ୍ରଭୁ ଚରଣ ମହାନ୍ତି ଓ ବ୍ୟୋମକେଶ କର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଦାଶ, ଜାତୀୟ କାଉନସିଲ ସଦସ୍ୟ ହେମନ୍ତ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ ମିଶ୍ର, ଯୁଗ୍ମ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଓ ନୀଳ ଦୀପ, ଅଫିସ ସମ୍ପାଦକ ରମଣୀ ରଞ୍ଜନ ବେହେରା, ବରଗଡ଼ ବ୍ଲକ ସଂଯୋଜକ ନେପାଳ ପ୍ରଧାନ, ସକାଳ ଖବରକାଗଜ ଜିଲ୍ଲା ପ୍ରତିନିଧି ସରୋଜ ଷଡ଼ଙ୍ଗୀ, ସୁଦାମ ପ୍ରଧାନ, ରଞ୍ଜିତ ଦାଶ, ଅର୍ଜୁନ ସାହୁ, ସତ୍ୟ ପ୍ରଧାନ, ନରେନ୍ଦ୍ର ଦାଶ, ଧିରେନ ମହାନ୍ତି, କିରଟି ସାହୁ, ଗୋପାଳ ସାହୁ, ମେଘନାଦ ସାହୁ, ପ୍ରକାଶ ରଥଙ୍କ ସମେତ ଜିଲ୍ଲା ସଂଘର ସମସ୍ତ ବ୍ଲକର ସଦସ୍ୟ ମାନେ ଯୋଗ ଦେଇଥିଲେ।

# ସମ୍ପାଦକୀୟ



ବିଜ୍ଞାନ ସଂଗଠିତ ଜ୍ଞାନର ସମାହାର; ଅପରପକ୍ଷରେ ସଂଗଠିତ ଜୀବନର ସମାହାର ହେଉଛି ପ୍ରଜ୍ଞା।
- ଇମାନୁଏଲ୍ କାଣ୍ଟ

ସକାଳ
THE SAKALA

## ଶକ୍ତି ଓ ଶାନ୍ତି

ଅଣୁଅସ୍ତ୍ର ପ୍ରସାରଣ ନିରୋଧ ଚୁକ୍ତିରେ ସ୍ୱାକ୍ଷର କରିଥିବା ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ନେଇ କ୍ରମାଗତ ଭାବେ ଆପତ୍ତି ଦର୍ଶାଇ ଆସିଛନ୍ତି ଆମେରିକା, ଇସ୍ରାଏଲ୍ ଓ ସେମାନଙ୍କ ସହଯୋଗୀ ୟୁରୋପୀୟ ରାଷ୍ଟ୍ର ସମୂହ। ଅପରପକ୍ଷରେ ସେମାନଙ୍କ ଅଭିଯୋଗ ସପକ୍ଷରେ କୌଣସି ପ୍ରମାଣ ନଥିବା ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ସ୍ପଷ୍ଟ କରିଛି। ଏହାସତ୍ତ୍ୱେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍‌ର ପ୍ରାଧାନ୍ୟ ଓ ପତିଆରା ସୁନିଶ୍ଚିତ କରିବା ଏବଂ ଇରାନ୍‌ର ତୈଳଭଣ୍ଡାର ଓ ପ୍ରାକୃତିକ ବାଷ୍ପ ଉପରେ ଏକଚାଟିଆ ଅଧିକାର ଜାହିର କରିବା ସକାଶେ ଆମେରିକାର କ୍ରମାଗତ ଉଦ୍ୟମର ପ୍ରତିଫଳନ ଘଟିଛି ସାମ୍ପ୍ରତିକ ଘଟଣାକ୍ରମରେ। ଇରାନ୍‌ରେ ନେତୃତ୍ୱ ପରିବର୍ତ୍ତନ ମାଧ୍ୟମରେ ତାହାର ପ୍ରାକୃତିକ ସମ୍ପଦକୁ ନିୟନ୍ତ୍ରଣାଧୀନ କରିବାର ଅଭିପ୍ରାୟ ଏହି ବିବାଦର ମୂଳ ମଞ୍ଜି। ଜୁନ୍ ୧୩ ତାରିଖରେ ଇସ୍ରାଏଲ୍‌ର ଅତର୍କିତ ଆକ୍ରମଣରେ ଇରାନ୍ ସେନାବାହିନୀର କେତେଜଣ ପ୍ରମୁଖ ଅଧିକାରୀ ଓ ଆଣବିକ ବୈଜ୍ଞାନିକ ନିହତ ହେବା ସହ ଇରାନ୍‌ର ଆଣବିକ କେନ୍ଦ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପରବର୍ତ୍ତୀ ପ୍ରତିଶୋଧାତ୍ମକ ଆକ୍ରମଣରେ ଇରାନ୍‌ର ବାଲାଷ୍ଟିକ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ଇସ୍ରାଏଲ୍‌ରେ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିଦ ହଜାଇ ଦେଇଛି। ଇସ୍ରାଏଲ୍‌ବାସୀ ବଙ୍କରରେ ଆଶ୍ରୟ ନେବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ଏହି ଅସହାୟ ପରିସ୍ଥିତିରେ ସାହାଯ୍ୟ କରିବା ସକାଶେ ଆମେରିକା ରବିବାର ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଯେଉଁ ପାତାଳଭେଦୀ ବୋମା ମାଡ଼ କରିଛି ତାହାର ପରିଣାମର ଭୟାବହତା ସମ୍ପର୍କରେ ଚିନ୍ତା କଲେ ମନେ ହେଉଛି ମଧ୍ୟପ୍ରାଚ୍ୟ ହିଁ ତୃତୀୟ ବିଶ୍ୱଯୁଦ୍ଧର କେନ୍ଦ୍ରସ୍ଥଳ ପାଲଟିବ।

ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଜେନେଭାରେ ଇଂଲଣ୍ଡ, ଫ୍ରାନ୍ସ ଓ ଜର୍ମାନୀ ସହ ଇରାନ୍ ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗଛି ଆଲୋଚନା କରିଥିବା ବେଳେ ଆମେରିକା ଏହି ଅତର୍କିତ ଆକ୍ରମଣ କରିଛି। ଅପ୍ୟପକ୍ଷରେ ଜି୭ ବୈଠକରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଦର୍ଶାଇ ଆମେରିକା ଫେରି ଆସିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୁରକ୍ଷା ଅଧିକାରୀଙ୍କ ସହ ଇରାନ୍ ପ୍ରସଙ୍ଗରେ ଆଲୋଚନା ପରେ ଆପୋସ ସମାଧାନ ସକାଶେ ଦୁଇସପ୍ତାହ ସମୟ ନେଇ ପୁଣି ତାହାର ଖିଲାପ କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଏହି ଯୁଦ୍ଧ ବା ସାମରିକ କାର୍ଯ୍ୟକଳାପର ଅବସାନ ପାଇଁ ଯେଉଁ ସୁଯୋଗ ଥିଲା ତାହାର ପରିସମାପ୍ତି ଘଟିଛି। ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା ପାତାଳଭେଦୀ ବୋମା ଜି ବିୟୁ-୫୭ ବୋମା ମାଡ଼ କରିବା ପରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ୍ କହିଛନ୍ତି ଯେ ଆଣବିକ ନିରସ୍ତ୍ରୀକରଣ ଚୁକ୍ତିରୁ ତାଙ୍କ ଦେଶ ଓହରି ଆସିବ। ଦେଶର ସାର୍ବଭୌମତା ଏବଂ ନାଗରିକଙ୍କ ନିରାପତ୍ତା ରକ୍ଷା ପାଇଁ ଇରାନ୍ ସାମରିକ ମୁକାବିଲା କରିବାକୁ ବାଧ୍ୟ ହେବ। ଅପରପକ୍ଷରେ ଆମେରିକାର ସର୍ବଶକ୍ତିମାନ ପାତାଳଭେଦୀ ବୋମା ଇରାନ୍ ଆଣବିକ କାର୍ଯ୍ୟକ୍ରମରେ କୌଣସି କ୍ଷତି ଘଟାଇପାରିନାହିଁ। ଏହି ଆକ୍ରମଣର ୪୮ ଘଣ୍ଟା ପୂର୍ବରୁ ୟୁରାନିୟମ ଓ ଗବେଷଣା ଯନ୍ତ୍ରପାତିକୁ ଇରାନ୍ ସ୍ଥାନାନ୍ତର କରିଦେଇଥିବା କୁହାଯାଉଛି। ତଥାକଥିତ ଶକ୍ତିଶାଳୀ ବୋମାମାଡ଼ରେ ୟୁରାନିୟମ ତେଜସ୍କ୍ରିୟ ରଶ୍ମି ବିକିରଣ ହୋଇନାହିଁ। ତେଣୁ ଆଣବିକ କେନ୍ଦ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବସବାସ କରୁଥିବା ଲୋକଙ୍କୁ ଇରାନ୍ ସରକାର ନିର୍ଭୟ ରହିବାକୁ ପରାମର୍ଶ ଦେଇଛନ୍ତି।

ଆମେରିକାର ଏହି ପ୍ରତ୍ୟକ୍ଷ ଆକ୍ରମଣ ପୂର୍ବରୁ ଇରାନ ସମ୍ଭାବ୍ୟ ବିପଦକୁ ଟାଳିବା ସକାଶେ ଯେଉଁ ପଦକ୍ଷେପ ଗ୍ରହଣ କଲା, ତାହାର ପୃଷ୍ଠଭାଗରେ ଆଉ କିଛି ମସୁଧା ନାହିଁ। ଏହାକୁ ନେଇ ନାନା କଥା ଓ ନାନା ବିଚାର ଚାଲିଛି। ଇସ୍ରାଏଲ୍‌ର ହାଇଫା ବନ୍ଦର, ରାଜଧାନୀ ତେଲ୍ ଆଭିଭ୍, ସାମରିକ ଓ ଷ୍ଟକ୍ ମାର୍କେଟ୍ କାର୍ଯ୍ୟାଳୟ ଏବଂ ମୋସାଦ୍ ମୁଖ୍ୟାଳୟ ଉପରେ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରି ଇରାନ୍ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ପାଶ୍ଚାତ୍ୟ ସମ୍ବାଦ ସରବରାହ ସଂସ୍ଥାରେ ସ୍ଥାନ ନ ପାଇଲେ ମଧ୍ୟ ଟ୍ରମ୍ପ୍ ନିକଟରେ ନିଶ୍ଚୟ ସଠିକ୍ ଖବର ଥିବ। ଇସ୍ରାଏଲ୍‌ର ଅଭେଦ୍ୟ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଆଇରନ୍ ଡୋମ୍ ଇରାନ୍‌ର କ୍ଷେପଣାସ୍ତ୍ରକୁ ଅଟକାଇ ନ ପାରିବା ସମସ୍ତଙ୍କୁ ବିସ୍ମିତ କରିଛି। ଆମେରିକାର ଆକ୍ରମଣ ପରେ ଇରାନ୍ ପୁଣି ଜୋରଦାର ଅଧିକ କ୍ଷମତାସମ୍ପନ୍ନ କ୍ଷେପଣାସ୍ତ୍ର ମାଡ଼ କରି ଇସ୍ରାଏଲ୍‌ର ବିପୁଳ କ୍ଷୟକ୍ଷତି ଘଟାଇଛି। ନେତାନ୍ୟାହୁ ଭାବିଥିଲେ ପରିସ୍ଥିତିର ଗୁରୁତ୍ୱ ଅନୁଭବ କରି ଇରାନ୍ ଚପିଯିବ। କିନ୍ତୁ ତାହା ଇସ୍ରାଏଲ୍ ସକାଶେ ଅଧିକ ବିନାଶକାରୀ ସାବ୍ୟସ୍ତ ହୋଇଛି। ମଧ୍ୟପ୍ରାଚ୍ୟର କାତାର, ଓମାନ୍, ସାଉଦୀ ଆରବ ଓ ଆରବ ଏମିରେଟ୍‌ସରେ ଥିବା ୪୦ ହଜାର ଆମରେକୀୟ ସେନା ଓ ଯୁଦ୍ଧ ବିମାନ ସମେତ ଅନ୍ୟାନ୍ୟ ସାମରିକ ସରଞ୍ଜାମ ପ୍ରତି ମଧ୍ୟ ବିପଦର ଆଶଙ୍କା ଅଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବିପୁଳ ପାଣ୍ଠି ଯୋଗାଣ ଓ ସମର୍ଥନ ବିନିମୟରେ ଇସ୍ରାଏଲ୍‌କୁ ସମର୍ଥନ ଦେବା ସହିତ ଆମେରିକା ଯୁଦ୍ଧକୁ ଓହ୍ଲାଇଛି। ନେତାନ୍ୟାହୁଙ୍କୁ ଖୁସି କରିବା ପାଇଁ ଟ୍ରମ୍ପଙ୍କ ଇଏ ଏକରକମ କାରସାଦିପୂର୍ଣ୍ଣ କାର୍ଯ୍ୟକଳାପ ନଥିଲା ତ? ଏହି ପ୍ରଶ୍ନଠାରୁ ଅଧିକ କ'ଣ ଚିନ୍ତା କରାଯାଇପାରେ? ଯଦି ଆମେରିକା ପୂର୍ଣ୍ଣ ଯୁଦ୍ଧ ପାଇଁ ରଣକ୍ଷେତ୍ରକୁ ଓହ୍ଲାଇ ପଡ଼ିବ, ତେବେ ଇରାନ୍ ସମର୍ଥନରେ ରୁଷିଆ, ଚୀନ୍ ଓ ଉତ୍ତରକୋରିଆ ସମ୍ମୁଖ ଯୁଦ୍ଧକୁ ଓହ୍ଲାଇ ଆସିବା କିଛି ବିଚିତ୍ର ନୁହେଁ। ଯେତେଦୂର ମନେ ହୁଏ ଇରାନ୍‌ର ପାଲଟା ଜବାନ୍‌ରେ ଇସ୍ରାଏଲ୍‌ର ଆଗକୁ ସ୍ଥିତି କ'ଣ ହେଉଛି ତାହାକୁ ଟ୍ରମ୍ପ ପୁଣି କିଛିଦିନ ସମୟ ଦେଇ ତାହା ଉପରେ ନିଘା ରଖିବେ। ସମ୍ପର୍କ ଦାୟରେ ସମଗ୍ର ବିଶ୍ୱକୁ ଯୁଦ୍ଧ ଘନଘଟାରେ ସାମିଲ୍ କରିବା ଔଚିତ୍ୟ ନେଇ ସେ ନିଶ୍ଚୟ ଚିନ୍ତା କରିବେ।

ଇରାନ୍‌ରେ ସଦ୍ଦାମ ହୁସେନ୍‌ଙ୍କ ନେତୃତ୍ୱ ପରିବର୍ତ୍ତନ ପାଇଁ ମିଥ୍ୟା ଆରୋପକୁ ଆଳ କରି ଆମେରିକା ଯେଉଁ ଯୁଦ୍ଧ କରିଥିଲା ତାହାକୁ ଇରାନ୍ କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରିବ। ତେବେ ସଫଳତା ହାସଲ କରିବା ଏତେ ସହଜ ହେବନି। ତିନିବର୍ଷ ଧରି ରୁଷ ୟୁକ୍ରେନ୍ ଯୁଦ୍ଧ ଚାଲିଛି। ନାଟୋ ସହଯୋଗୀମାନେ ସମସ୍ତ ପ୍ରକାର ସାମରିକ ସହଯୋଗ ଯୋଗାଉଥିଲେ ମଧ୍ୟ ୟୁକ୍ରେନ୍‌ର ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଭିଏତ୍‌ନାମଠାରୁ ଆରମ୍ଭ କରି ଆଫଗାନିସ୍ତାନ ପର୍ଯ୍ୟନ୍ତ କେଉଁଠାରେ ଜିତାପଟ ହାସଲ କରିନାହିଁ ଆମେରିକା। ବିନିମୟରେ ବିପୁଳ ଅର୍ଥ ଓ ସାମରିକ ଶକ୍ତି ଅପଚୟ କରିଛି। ଧର୍ମୀୟ ଶାସନ ବ୍ୟବସ୍ଥା ସତ୍ତ୍ୱେ ଇରାନ୍‌ବାସୀ ବେଶ୍ ପ୍ରଗତିଶୀଳ ବୈଷୟିକ ଜ୍ଞାନକୌଶଳରେ ଧୁରୀଣ। ସେମାନେ ଏବେ ରାଷ୍ଟ୍ରବାଦରେ ଉଦ୍‌ବୁଦ୍ଧ ହୋଇ ଦେଶ ପାଇଁ ଲଢ଼ିବାକୁ ବଦ୍ଧପରିକର। ସମୟ କହିବ ଏ ଯୁଦ୍ଧର ଗତି କେଉଁ ଆଡ଼କୁ ଯିବ। ଶକ୍ତି ପ୍ରୟୋଗ କରି ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠାର ଯେଉଁ ସ୍ୱପ୍ନ ନେତାନ୍ୟାହୁ ଦେଖୁଛନ୍ତି ତାହା ସାକର ହେବା ଏତେ ସହଜ ନୁହେଁ।

## କୃଷି ଓ ଖାଦ୍ୟର ଭବିଷ୍ୟତ

ଡ.ଅନ୍ତର୍ଜିତା ନାୟକ

କୃଷି କେବଳ ଖାଦ୍ୟର ମୂଳଦୁଆ ନୁହେଁ, ଏହା ହେଉଛି ସଭ୍ୟତାର ହୃଦସ୍ପନ୍ଦନ। କିନ୍ତୁ ଆଜି ସେହି ହୃଦସ୍ପନ୍ଦନ କ୍ଷୀଣ ହେବାରେ ଲାଗିଛି। ସହରାଞ୍ଚଳ ସ୍ଥାନାନ୍ତରଣ, ଜଳବାୟୁ ସଙ୍କଟ ଏବଂ ଶିଳ୍ପ ପ୍ରସାରର ଯୁଗରେ କୃଷି ହ୍ରାସ ପାଇଚାଲିଛି। ଏହାର ଫଳାଫଳ ହେଉଛି ଏକ ଦୁର୍ବଳ ଖାଦ୍ୟ ବ୍ୟବସ୍ଥା ଏବଂ ଏକ ବର୍ଦ୍ଧିତ ପୁଷ୍ଟିହୀନ ବିଶ୍ୱ। କୃଷିଯୋଗ୍ୟ ଜମି ସଙ୍କୁଚିତ ହେଉଛି ଓ ଯୁବକମାନେ କୃଷି ପରିତ୍ୟାଗ କରୁଛନ୍ତି। ମୃତ୍ତିକାର ଉର୍ବରତା ଏବଂ ଖାଦ୍ୟର ବିବିଧତା ଓ ପୁଷ୍ଟିକର ଗୁଣ ମଧ୍ୟ ହ୍ରାସ ପାଉଛି। ତେଣୁ ଖାଦ୍ୟ ଉତ୍ପାଦନ କିଏ ଓ କେଉଁଠି କରିବ ତାହା ଏକ ବଡ଼ ପ୍ରଶ୍ନ। ସେଇଦିନ ଆଉ ଦୂର ନାହିଁ, ଯେତେବେଳେ ଆମେ ନିଜ ଜୀବନ ରକ୍ଷା ପାଇଁ କାରଖାନାରେ ଯନ୍ତ୍ର ତିଆରି ଅଖାଦ୍ୟ ଉପରେ ନିର୍ଭର କରୁଥିବା।

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ୨୦୧୧-୧୨(୨୦୧୬ରେ ପ୍ରକାଶିତ) ଇନ୍‌ପୁଟ୍ ସର୍ଭେ ଅନୁଯାୟୀ, ୨୦୧୬ରେ ଜଣେ ଭାରତୀୟ କୃଷକଙ୍କ ହାରାହାରି ବୟସ ଥିଲା ୫୦.୧ ବର୍ଷ। ଏହି ସର୍ବେକ୍ଷଣ ଅନୁଯାୟୀ, ସର୍ବାଧିକ ୩୩.୭% କୃଷକ ୪୧-୫୦ବର୍ଷ ବୟସର ହୋଇଥିବା ବେଳେ ୩୩.୨% ୫୧-୬୦ବର୍ଷ ବୟସର। ଯେତେବେଳେ ଏହି ପିଢ଼ି ଅବସର ନେବାର ବୟସରେ ପହଞ୍ଚିଯିବେ ଏବଂ ପରବର୍ତ୍ତୀ ପିଢ଼ି ଚାଷ କରିବାକୁ ଚାହିଁବେ ନାହିଁ ସେତେବେଳେ ଖାଦ୍ୟ କେଉଁଠୁ ଆସିବ ବା କିଏ ଯୋଗେଇବ? କୃଷି ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରୁଥିବା ଅଧିକାଂଶ ଛାତ୍ରଛାତ୍ରୀ ଅନ୍ୟ ବୃତ୍ତିକୁ ଆପଣେଇ ନେଉଛନ୍ତି। ୨୦୧୭ ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ ପାଇଁ ଅଣ-ଲାଭକାରୀ ସଂସ୍ଥା 'ପ୍ରଥମ' ଦ୍ୱାରା ସର୍ବେକ୍ଷଣ କରାଯାଇଥିବା ୩୦,୦୦୦ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରୁ କେବଳ ୧.୨% ଯୁବକ କୃଷକ ହେବାକୁ ଆଗ୍ରହୀ। ଏଥିରୁ ଏହା ଅନୁମାନ କରାଯାଇପାରେ ଯେ ଆମେ ଏପରି ଏକ ପରିସ୍ଥିତି ଆଡ଼କୁ ଅଗ୍ରସର ହେଉଛନ୍ତି, ଯେଉଁଠି କେବଳ ମୁଷ୍ଟିମେୟ କୃଷକ ହିଁ ରହିଥିବେ। ଯେଉଁ ଦେଶ ଦିନେ କୃଷି ପ୍ରାଧାନ୍ୟ ଦେଶ ଭାବେ ପରିଚିତ ଥିଲା, ସେଇଠି ଦିନ ଆସିବ କୃଷକ ହିଁ ନଥିବେ।

୨୦୧୧ଜନଗଣନା ଅନୁଯାୟୀ, ପ୍ରତିଦିନ ୨,୦୦୦ କୃଷକ ଚାଷ ଛାଡ଼ି ଦେଉଛନ୍ତି। ଚାଷରୁ ଆୟ ଏବେ ଗୋଟିଏ ପରିବାରର ମୋଟ ଆୟର ପ୍ରମୁଖ ସ୍ଥାନ ହରାଇ ସାରିଛି। ୧୯୭୦ ମସିହାରେ, ଏକ ଗ୍ରାମୀଣ ପରିବାରର ଆୟର ତିନି-ଚତୁର୍ଥାଂଶ କୃଷି ଉତ୍ସରୁ ଆସୁଥିଲା ବେଳେ ୪୫ବର୍ଷ ପରେ ୨୦୧୫ରେ ଏହା ଏକ-ତୃତୀୟାଂଶରୁ କମ୍। ଏହାବ୍ୟତୀତ ଯଦି ଆଜିକାଲିର ଯୁବସମାଜର ଆଗ୍ରହ ଓ ଚାହିଦାକୁ ବିଶ୍ଳେଷଣ କରାଯାଏ, ତେବେ ହାତରେ କାମ ଥିବାଠାରୁ ଅଧିକ ଗୁରୁତ୍ୱ ହେଲା ହାତରେ ସ୍ମାର୍ଟ ମୋବାଇଲ ଖଣ୍ଡେ ରହିବା। ନିଜେ ଚଳିବାକୁ ବା ପରିବାରକୁ ଚଳେଇବାକୁ ପକେଟରେ ପଇସା କିମ୍ବା ଘରେ ପଛେ ଦାନା ନଥିବ, ହେଲେ ୟୁଟ୍ୟୁବ୍ ଓ ରିଲସ୍‌ରେ ମନ ଥିବ। ଗାଁ ଗହଳିରେ ମଧ୍ୟ ବାପା-ଜେଜେବାପାଙ୍କ ଦ୍ୱାରା ଛାଡ଼ି ଯାଇଥିବା କିଛି ଚାଷ ଜମି ଥିବ; କିନ୍ତୁ ସେଇଠି ଫସଲ କରିବାକୁ କାହାରି ମନ ନଥିବ। ସେଇ ଚାଷଜମିରୁ ଫାଳେ ଫାଳେ ବିକି ଖାଇ ଜୀବନ ସାରିଦେଲେ ଗଲା! ଯାହାଫଳରେ, ୨୦୧୨-୧୩ ଆର୍ଥିକ ବର୍ଷ ସୁଦ୍ଧା ୧୪୦ ନିୟୁତ ହେକ୍ଟର ଜମି କୃଷି କ୍ଷେତ୍ର ଭାବେ ବ୍ୟବହାର ହେଉଥିବା ବେଳେ ଏବେ ତାହା ଛୋଟ ଛୋଟ ଖଣ୍ଡ ଜମିରେ ବିଭକ୍ତ ହୋଇଚାଲିଛି।

ସୀମାନ୍ତ ଜମି ଅଧିଗ୍ରହଣ ସଂଖ୍ୟା (ଏକ ହେକ୍ଟରରୁ କମ୍)୧୯୭୧ ରେ ୩୬ ନିୟୁତ ରୁ ୨୦୧୧ ରେ ୯୩ ନିୟୁତକୁ ବୃଦ୍ଧି ପାଇଛି। ସୀମାନ୍ତ ଓ କ୍ଷୁଦ୍ର ଜମିଗୁଡ଼ିକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାନ୍ତ୍ରିକୀକରଣ ଓ ଜଳସେଚନ କୌଶଳ ବ୍ୟବହାର କରିବାରେ ସମସ୍ୟା ଦ୍ୱାରା ଉତ୍ପାଦକତା ହ୍ରାସ ପାଉଛି। ତା'ଛଡ଼ା, କୃତ୍ରିମ ବା ରାସାୟନିକ ସାରର ବହୁଳ ବ୍ୟବହାର ହେତୁ ମାଟିର ଉର୍ବରତା ଧୀରେ ଧୀରେ କମି ଚାଲିଛି ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ୟାକ୍ଟେରିଆ, ଫଙ୍ଗସ୍ ଓ ଆର୍କିଆ ଭଳି ଅଣୁଜୀବ, ଦିନକୁ ଦିନ ହ୍ରାସ ପାଇଚାଲିଛି। ଫଳସ୍ୱରୂପ, ମୃତ୍ତିକା ମରୁଭୂମିକରଣ ଆଡ଼କୁ ଗତିକରୁଛି, ଯେଉଁଠାରେ ମୃତ୍ତିକାର ଉତ୍ପାଦନ ଓ ଉତ୍ପାଦକତା ହ୍ରାସ ପାଇଯାଉଛି। କାଳକ୍ରମେ ସେଇସବୁ ଜମି ପଡ଼ିଆ ପଡ଼ିବ ଏବଂ ଦେଖୁ ଦେଖୁ ସେଠାରେ ବାସଗୃହ ନିର୍ମାଣ ହୋଇଯିବ। ଏବେ ଚାଷ ଜମି ସବୁ ଶାଗମାଛ ମୂଲ୍ୟରେ ବିକ୍ରି ହୋଇଯାଉଛି ଏବଂ ସେଠାରେ ବଡ଼ ବଡ଼ ଅତ୍ୟାଧୁନିକ ଆପାର୍ଟମେଣ୍ଟ ଆଖିବୁଜା ନିର୍ମାଣ ଚାଲିଛି।

କୃଷିଯୋଗ୍ୟ ଜମିର ହ୍ରାସ ଫଳରେ ଫସଲ ଉତ୍ପାଦନ ହ୍ରାସ ପାଇବ, ଯାହାଫଳରେ ଖାଦ୍ୟ ଅଭାବ ଏବଂ ପରବର୍ତ୍ତୀ ସମୟରେ ଖାଦ୍ୟ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ିବ। ଉତ୍ପାଦନରେ ଏହି ହ୍ରାସ ଖାଦ୍ୟ ମୂଲ୍ୟ ବୃଦ୍ଧି କରିପାରେ, ଯାହା ସ୍ୱଳ୍ପ ଆୟକାରୀ ପରିବାରର ମୌଳିକ ତଥା ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବାରେ ମଧ୍ୟ ସମସ୍ୟା ସୃଷ୍ଟି କରିବ। ଆଜି ଆମ ଆଳୁ-ପିଆଜ, ତେଲ-ଲୁଣ ସଂସାର ମହଙ୍ଗା ଭିଡ଼ରେ। ଚାଷଯୋଗ୍ୟ ଜମି ଯଦି ସଙ୍କୁଚିତ ହୋଇଯିବ ଏବଂ କୃଷକଙ୍କର ସଂଖ୍ୟା ହ୍ରାସ ପାଇ ଚାଲିବ, ତେବେ ବିବିଧ ଫସଲ ଅପେକ୍ଷା ଅଧିକ-ଉତ୍ପାଦିତ ମୁଖ୍ୟ ଫସଲକୁ ପ୍ରାଥମିକତା ଦିଆଯିବ, ଯାହାଫଳରେ ପୁଷ୍ଟିକର ଖାଦ୍ୟର ଉପଲବ୍ଧତା ହ୍ରାସ ପାଇବ ଏବଂ କ୍ଷୁଧା ଓ ପୁଷ୍ଟିହୀନତା ବୃଦ୍ଧି ହେବ।

କୃଷି କ୍ଷେତ୍ର କେବଳ ମୁଖ୍ୟ ଶସ୍ୟର ଉତ୍ସ ନୁହେଁ, ବରଂ ଫଳ, ପନିପରିବା, ଡାଲି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଉତ୍ସ, ଯାହା ସନ୍ତୁଳିତ ଖାଦ୍ୟ ଯୋଗାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଖାଦ୍ୟ ଓ ପୋଷଣ, କୃଷି ସହିତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଜଡ଼ିତ। ଆଜିର ଅତ୍ୟାଧୁନିକ ସମୟରେ ଯେତେବେଳେ ଖାଦ୍ୟ ଉତ୍ପାଦନ ପ୍ରମୁଖ ଭାବରେ ଜମିରେ ନ ହୋଇ କାରଖାନାରେ ହେଲାଣି, ଯାହାକୁ କୃଷକ ଉତ୍ପାଦନ ନ କରି ମେସିନ୍ ତିଆରି କରି ରଙ୍ଗୀନ ପ୍ୟାକେଟରେ ବିକ୍ରି କଲାଣି, ସେତେବେଳେ ଖାଦ୍ୟ, ପୋଷଣ ଓ ସ୍ୱାସ୍ଥ୍ୟ କେତେ ସୁରକ୍ଷିତ, ତାହା ଏକ ବଡ଼ ପ୍ରଶ୍ନ।

ଚାଷ ଜମିର ହ୍ରାସର ସାମାଜିକ-ଅର୍ଥନୈତିକ ପ୍ରଭାବ ମଧ୍ୟ ରହିଥାଏ। ସହରାଞ୍ଚଳର ବିକାଶ ଯୋଗୁଁ ଚାଷ ଜମିର ମୂଲ୍ୟ ବୃଦ୍ଧି ପାଉଥିବାରୁ କୃଷକମାନେ ଅର୍ଥ ଲୋଭରେ ସେମାନଙ୍କର ଜମି ବିକ୍ରି କରିଦେଉଛନ୍ତି, ଯାହାଦ୍ୱାରା ସେମାନେ ନିଜ ଜୀବିକାର ପ୍ରାଥମିକ ଉତ୍ସ ହରାଉଛନ୍ତି। ଏହା କେବଳ ସେମାନଙ୍କର ଆୟରେ ବାଧା ସୃଷ୍ଟି କରୁ ନାହିଁ, ବରଂ ଗ୍ରାମାଞ୍ଚଳ-ସହରାଞ୍ଚଳ ସ୍ଥାନାନ୍ତରଣକୁ ମଧ୍ୟ ବୃଦ୍ଧି କରୁଛି। ପରବର୍ତ୍ତୀ ସମୟରେ ସହରାଞ୍ଚଳର ଦାରିଦ୍ର୍ୟ, ସହରାଞ୍ଚଳର ବସ୍ତି ଓ ସହରର ଜନଗହଳି ପରି ସମସ୍ୟା ସୃଷ୍ଟି କରି ସହରର ସମ୍ବଳ ଉପରେ ଚାପ ପକାଉଛି। ତା'ଛଡ଼ା, ଏହା ପାରମ୍ପରିକ ଜ୍ଞାନ ଓ କୃଷି ଅଭ୍ୟାସର କ୍ଷତି ଘଟାଇବା ସହିତ ସାଂସ୍କୃତିକ ଐତିହ୍ୟର ଅବକ୍ଷୟ କରେ। ଶିଳ୍ପାୟନ ବା ବିକାଶ ନାଁରେ ଆମେ ଆଦିବାସୀଙ୍କ ଜମି ଅତିକ୍ରମଣକୁ ଉଦାହରଣ ରୂପେ ନେଇପାରିବା, ଯେଉଁଥିରେ ଆଦିବାସୀମାନେ ନିଜର କୌଳିକ ବୃତ୍ତି ଓ ମୌଳିକ ଜୀବିକା ହରାଉଛନ୍ତି ଏବଂ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ବେଳେବେଳେ ବିଷାକ୍ତ ଆମ୍ବ ଟାକୁଆ ଖାଇ ମୃତ୍ୟୁବରଣ ମଧ୍ୟ କରୁଛନ୍ତି।

ଯଦି ଆମେ ଭବିଷ୍ୟତ ପିଢ଼ିକୁ ସୁରକ୍ଷିତ ରଖିବାକୁ ଚାହୁଁ, ତେବେ କୃଷିକୁ ଲୁପ୍ତ ହେଉଥିବା ଏକ ବୃତ୍ତି ଭାବରେ ନୁହେଁ, ବରଂ ବଞ୍ଚିବାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞାନ ଭାବରେ ପୁନଃ ପରିକଳ୍ପନା କରିବା ଦରକାର। କିନ୍ତୁ ଅର୍ଥନୈତିକ ବିକାଶର ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ହେତୁ ଏହି ଦିଗରେ ଅନେକ ବାଧା, ବିଘ୍ନ ଓ ବିଳମ୍ବ ସୃଷ୍ଟି ହେଉଛି। ସେଥିପାଇଁ ଆବଶ୍ୟକ ରହିଛି ମଣିଷର ବ୍ୟବହାରରେ ସଂସ୍କାର ଆଣିବା। କରୋନା ମହାମାରୀ ଦେଇଥିବା ଶିକ୍ଷାରୁ ମଣିଷ ଯଦି ଏହା ଶିଖି ପାରିଲା ନାହିଁ ଯେ ବଞ୍ଚିବାକୁ ଧନ କେବଳ ଏକ ମାଧ୍ୟମ ଏବଂ ଖାଦ୍ୟ ଅତି ଜରୁରୀ ବୋଲି, ତେବେ ମଣିଷ ଏକ ସର୍ବବୃହତ ପ୍ରାଣୀ କିପରି? ଚାଷ ଜମି ହେଉ ବା ଘର ପଛପଟ ଛୋଟିଆ ବାଡ଼ି ହେଉ, ମାଟି ସହିତ ମଣିଷର ସମ୍ପର୍କ ଅତି ପୁରୁଣା ଓ ଦିବ୍ୟ। ସେଇ ସମ୍ପର୍କକୁ ବଜାୟ ରଖିଲେ ମଣିଷର ଆଗାମୀ ଦିନ ସୁଖମୟ ହୋଇପାରିବ ଓ ସେ ସ୍ଥାୟୀ ବିକାଶର ସ୍ୱାଦ ଚାଖିପାରିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ଅଭିଶପ୍ତ ବୈଧବ୍ୟ

ଅବିନାଶ ଷଡ଼ଙ୍ଗୀ

ନିକଟରେ ଖବର ପାଲଟିଥିବା ପତିହନ୍ତା ସୋନମ ରଘୁବଂଶୀଙ୍କ ଭଳି କିଛି ନବବିବାହିତାଙ୍କ ପାଇଁ ନିଜ ହାତରେ ନିଜ ମଥାର ସିନ୍ଦୂର ପୋଛିବା ଏକ ଆଶୀର୍ବାଦ ହୋଇପାରେ; କିନ୍ତୁ ଏ ଦେଶର ଲକ୍ଷ ଲକ୍ଷ ମହିଳା କାଳଅକାଳରେ ସ୍ୱାମୀକୁ ହରାଇ ବିତାଉଥିବା ଜୀବନ କୌଣସି ଅଭିଶାପଠାରୁ କମ୍ ନୁହେଁ, ଯାହା ସମ୍ପୂର୍ଣ୍ଣ ରସହୀନ, ରଙ୍ଗହୀନ ଓ ଆଶ୍ରାହୀନ। ଏ ସମାଜରେ ବିଧବା ହୋଇ ବଞ୍ଚିବା ଯେ କେତେ ଦୁର୍ବିସହ ଓ କେଡ଼େ ବଡ଼ ଅଗ୍ନିପରୀକ୍ଷା ଯିଏ ବଞ୍ଚୁଛି ସେ ଜାଣିଛି। ଦିନେ ପରିବାର ପିଲାଛୁଆ ଶାଶୂଘର ଓ ସମାଜର ମେରୀଖୁଣ୍ଟ ହୋଇ ବଞ୍ଚୁଥିବା ମଣିଷ ହଠାତ୍ ଏକ ବିପନ୍ନ ଜୀବନ ଅତିବାହିତ କରେ। ଅଦରକାରୀ ଉପାଦାନ ଭଳି କେବେ ଘରର କୌଣସି ଏକ କୋଣରେ ତ କେବେ ଘରର ଆବର୍ଜନା ଭାବି କିଏ ତା'କୁ ବାହାରେ ଫୋପାଡ଼ି ଦିଏ। ପରିସ୍ଥିତି ବାମ ପାଲଟିଯାଏ। ନା ଥାଏ ରହିବା ଖାଇବା ପିନ୍ଧିବାର ଠିକଣା ନା ସାମାଜିକ ନିରାପତ୍ତା। ଯେଉଁଠି ପର ହାତଟେକାକୁ ଅନେଇବାକୁ ପଡ଼େ, ସେଠି ଦେହପା' ଭଲମନ୍ଦ କଥା କିଏ ପଚାରେ? ସମ୍ପତ୍ତି ବାଡ଼ି ଥାଇ ବି ସେ ନିଃସ୍ୱ! ମାଲିକ ହୋଇ ବି ସେ ଜାହିର କରିପାରେନି ମାଲିକାନାସ୍ୱତ୍ୱ।

କାହାକୁ ନା କାହାକୁ କେତେବେଳେ ବି ଏମିତି ନିଷ୍ଠୁର ସତ୍ୟକୁ ସାମ୍ନା କରିବାକୁ ପଡ଼ିପାରେ। ପରିସଂଖ୍ୟାନ ଜଣାଏ, ବିଶ୍ୱରେ ୨୫୭ ନିୟୁତ ବିଧବାଙ୍କ ମଧ୍ୟରୁ ଅଧାରୁ ଅଧିକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଅତିବାହିତ କରୁଛନ୍ତି। ୨୦୧୧ ମସିହା ଜନଗଣନାର ତଥ୍ୟ କହେ,



ଭାରତରେ ଅଛନ୍ତି ୫୬ ନିୟୁତ ବିଧବା। ଏହି ସଂଖ୍ୟା ଭାରତରେ ବସବାସ କରୁଥିବା ମହିଳାଙ୍କର ୭-୮ ପ୍ରତିଶତ। ବୟସବର୍ଗକୁ ବିଶ୍ଳେଷଣ କଲେ ଜଣାଯାଏ, ୩୫-୩୯ ବର୍ଷ ଭିତରେ ୪.୬ ପ୍ରତିଶତ ନିଜ ସ୍ୱାମୀଙ୍କୁ ହରାଇ ଏକାକୀ ବଞ୍ଚୁଥିବା ବେଳେ ୪୫-୪୯ ବୟସ ବର୍ଗରେ ବେସାହାରା ହୋଇପଡୁଛନ୍ତି ୧୦.୮ ପ୍ରତିଶତ। ଜୀବନର ବୋଝ କିଛିମାତ୍ରାରେ ହାଲକା ହେବା ବୟସ ଅର୍ଥାତ୍ ୬୦-୬୯ବର୍ଷ ଭିତରେ ୪୦.୮ ପ୍ରତିଶତ ପତିଙ୍କୁ ହରାଇ ଅକଥନୀୟ ଓ ଦୟନୀୟ ପରିସ୍ଥିତିର ସାମ୍ନା କରୁଛନ୍ତି। ଆଉ ୮୦ ବର୍ଷ ଉପରେ ଏ ସଂଖ୍ୟା ସର୍ବାଧିକ ୮୬.୬ ପ୍ରତିଶତ। ଯଦିଓ ଏ ଗଣିତକୁ ନେଇ କେହି ଆଶ୍ଚର୍ଯ୍ୟଚକିତ ହେବେ ନି, ତଥାପି ସର୍ବାଧିକ ପ୍ରତିଶତ ବିଧବା ମହିଳା ଭାରତର ଗ୍ରାମାଞ୍ଚଳରେ ବାସ କରନ୍ତି।

ଯଦିଓ ପରିସ୍ଥିତିରେ କିଛିଟା ସୁଧାର ଆସିଛି, ତଥାପି ପିଲାଦିନୁ ଦେଖିଆସୁଛି ଅନେକ କିଛି ସାମାଜିକ ଧାର୍ମିକ ଓ ରୀତିନୀତିର କଟକଣା ଭିତରେ ବଞ୍ଚୁଛି ଗୋଟିଏ ମହିଳା। ପ୍ରଥମେ ତ ସ୍ୱାମୀର ମୃତ୍ୟୁ ପାଇଁ କେବେ ତା'ର ଉଚ୍ଚ କପାଳକୁ ଦାୟୀ କରାଯାଏ ତ କେବେ ତା'କୁ କିଏ ପିଶାଚୀ କହିବାକୁ ପଛାଏ ନାହିଁ। ଟୁପୁରୁଟାପୁରୁ କଥା, ନାନା କୁତ୍ସାରଟନା, ଅନେକ ପ୍ରକାରର ସାମାଜିକ କଟକଣା, କେବେ ଧଳାଶାଢ଼ିର ଚାପ, କେବେ ପର୍ବପର୍ବାଣିର କଟକଣା, ଘରକୋଣରେ ବଞ୍ଚିରହିବାର ବାଧ୍ୟବାଧତା ତା'କୁ ମାନସିକ ଯନ୍ତ୍ରଣା ଭିତରକୁ ଠେଲିଦିଏ। ସ୍ୱାମୀର ଘର ଓ ସମ୍ପତ୍ତି ଥାଇ ବି ସ୍ତ୍ରୀ ଅଧିକାର ହରାଏ। ୬୦ ପ୍ରତିଶତ ବିଧବାଙ୍କୁ ଉତ୍ତମ ଶିକ୍ଷାଗତ ଯୋଗ୍ୟତା ଓ ଦକ୍ଷତା ଅଭାବରୁ କର୍ମନିଯୁକ୍ତି ମିଳେନି। ଯେବେ କାମ ମିଳେ ସେତେବେଳେ ଅନ୍ୟମାନେ ଏହା କହି ସେ ଅସହାୟ ମହିଳାଟିର ମନୋବଳ ଭାଙ୍ଗିଦିଅନ୍ତି ଯେ, 'ବିଧବା ଲୋକଟେ ସେ କ'ଣ ପାରିବ?'

ଏକଲାପଣର ପାଚେରି ଡେଇଁପାରୁ ନ ଥିବା ମହିଳାଟେ ମାନସିକ ବିଷାଦଗ୍ରସ୍ତ ହୁଏ, ଗୋଷ୍ଠୀଗତ ଓ ସାମାଜିକ ଅସହଯୋଗ ମାଡ଼ିଗୋଡ଼ାଏ। ଅଳ୍ପ ବୟସରେ ସିନ୍ଦୂର ଲିଭିଯାଇଥିବା ମହିଳାଟେ ଯଦି ସାହାରା ପାଇଁ ପୁନର୍ବିବାହ କରିବାର ସ୍ୱପ୍ନ ବି ଦେଖେ, ଏ ସମାଜ ତା'କୁ ଆଉ ନିଦରେ ଶୋଇବାର ସୁଯୋଗ ଦିଏନି। ସବୁଠୁ କଦର୍ଯ୍ୟ କଥା ସେ ଶୁଣେ ଯେବେ ପେଟରେ ପିଲା ଥିବା ଅବସ୍ଥାରେ ସ୍ୱାମୀର ମୃତ୍ୟୁ ହୋଇଯାଏ। କିଛି ଲୋକ କହିବେ ସରକାରୀସ୍ତରରେ ତା' ପାଇଁ ହଜାରେ ଟଙ୍କା ଭତ୍ତା ଏବଂ କେଇ କିଲୋ ଚାଉଳ, ମୁଣ୍ଡ ଗୁଞ୍ଜିବାକୁ ଆବାସ ଘରର ପ୍ରାବଧାନ ଅଛି। ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନାରେ ବିଧବାଙ୍କ ପୁନର୍ବିବାହକୁ ଯୋଡ଼ା ଯାଇଛି। ଆଶ୍ରୟ ପାଇଁ ସ୍ୱଧାରଗୃହ ଅଛି। ସବୁ ଅଛି ଯେ, ହେଲେ ଖାତା କଲମରୁ କ୍ରିୟାନ୍ୱୟନ ସ୍ତରକୁ ଆସିବାକୁ ସାମର୍ଥ୍ୟ ଓ ଧୈର୍ଯ୍ୟ ଦରକାର।

ବ୍ୟାପକ ହୋହଲ୍ଲା ଭିତରେ ଜାତୀୟ ମାନବାଧିକାର ଆୟୋଗ ବିଧବାଙ୍କ ଦୁସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନେକ ନିର୍ଦ୍ଦେଶାବଳୀ ପାଳନ କରବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯା' ଭିତରେ ବିଧବାଙ୍କ ସମ୍ପର୍କରେ ପ୍ରକୃତ ତଥ୍ୟାବଳୀର ଏକତ୍ରୀକରଣ ସହ ଜିଲ୍ଲାସ୍ତରରେ ବିଧବା ପ୍ରକୋଷ୍ଠ ଗଠନ କରି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରିବା କଥା କୁହାଯାଇଛି। ପର୍ଯ୍ୟାପ୍ତ ଆଶ୍ରୟସ୍ଥଳୀ ଖୋଲାଯିବା ସହ ନିୟମିତ ଯାଞ୍ଚ କରାଯିବାର ଆବଶ୍ୟକତାକୁ ସରକାର ଅନୁଭବ କରିଛନ୍ତି। ଉତ୍ତରାଧିକାରୀ ସୂତ୍ରରେ ମିଳିବାକୁ ଥିବା ସମ୍ପତ୍ତି ଓ ବୀମା ଇତ୍ୟାଦିର ପ୍ରାପ୍ତି ନିମନ୍ତେ ଆଇନଗତ ସହାୟତା ପ୍ରଦାନ କରାଯିବାର ପ୍ରାବଧାନ କରାଯିବା ଦରକାର। ସେମାନଙ୍କ ମଧ୍ୟରେ ଅର୍ଥନୈତିକ ସାକ୍ଷରତା ବଢ଼ାଇବା ଜରୁରୀ। ପରବର୍ତ୍ତୀ ଜୀବନ ପାଇଁ ଜୀବିକା ଅର୍ଜନ ନିମିତ୍ତ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରାଯାଉ। ସାମାଜିକ ସାଂସ୍କୃତିକ କଟକଣା ବିରୋଧରେ ପ୍ରତିନିତି ନ ଲଢ଼ିବା ଭଳି ପରିବେଶ ସୃଷ୍ଟି ଦିଗରେ ପ୍ରଶାସନ ଦୃଷ୍ଟିଦେବା ଦରକାର। ସ୍ୱାସ୍ଥ୍ୟ ସଚେତନତା, ମାନସିକ ସ୍ୱାସ୍ଥ୍ୟର ସମୃଦ୍ଧି ଦିଗରେ ସବୁସ୍ତରରେ ଏକ ବାତାବରଣ ଅପେକ୍ଷାରେ ସେମାନେ।

ଆମେ ସମସ୍ତେ ଜାଣନ୍ତି ଜୀବନକୁ ନିଜ ହିସାବରେ ଜିଇ ହୁଏନା। ଯଦି ଦାୟିତ୍ୱବୋଧତା, ବାଧ୍ୟବାଧକତା ଓ ଭାବପ୍ରବଣତାର ଲୁଗା ହକାଳି ବା ପାଦରେ ଆଡ଼େଇ ଚେଷ୍ଟା କରାଯାଏ ହୁଏତ କାଳେ କିଏ ଜିଇ ପାରିବ। ଶୁଣିବାକୁ ସହଜ ଲାଗୁଥିଲେ ବି ଏସବୁ କିନ୍ତୁ ଦୁରୁହ। ତଥାପି ବୋଝ ବୋହି ବଞ୍ଚିବାକୁ ହେବ। ସମୟ ବଦଳିବ, ଲୋକ ହାତ ଛାଡ଼ିବେ, ପରିସ୍ଥିତି ଜଟିଳ ହେବ, ତଥାପି ଏ ଜୀବନ କିଛି ନୂଆ ଶିଖେଇବ।

ପାଣିକୋଇଲି(ଯାଜପୁର) ମୋ: ୯୮୫୩୦୦୯୯୬୮

## ପଥପ୍ରାନ୍ତର ରୋଗ ପ୍ରସାରଣ କେନ୍ଦ୍ର

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ନିକଟରେ ରାଜ୍ୟର କେତେକ ପ୍ରାନ୍ତରେ ଆମାଶୟ ଓ ହଇଜା ବ୍ୟାପକ ହେବାରୁ ଭୁବନେଶ୍ୱର ସମେତ କିଛି ନଗରପାଳିକା ପଥପ୍ରାନ୍ତର ଜଳଖିଆ ଦୋକାନଗୁଡ଼ିକ ଉପରେ କଟକଣା ଜାରିକରିଛନ୍ତି। ଖାଦ୍ୟ ପ୍ରସ୍ତୁତି ଓ ବିତରଣରେ କି କି ନିରାପଦ ପନ୍ଥାମାନ ଅନୁସରଣ କରାଯିବ ସେଥିରେ ତାହା ସୂଚୀତ କରାଯାଇଛି। କେତେକ ଦୋକାନକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଏପ୍ରକାର କଟକଣା ସ୍ୱାଗତଯୋଗ୍ୟ। କାରଣ ସେଥିରେ ବିକ୍ରି ହେଉଥିବା ଖାଦ୍ୟ ଅସ୍ୱାସ୍ଥ୍ୟକର ପରିବେଶରେ ନିମ୍ନମାନର ଉପାଦାନ ବ୍ୟବହାର କରି ପ୍ରସ୍ତୁତ ହୋଇଥାଏ। ତେଣୁ ସେଗୁଡ଼ିକ 'ପଥପ୍ରାନ୍ତର ରୋଗ ପ୍ରସାରଣ କେନ୍ଦ୍ର' ପାଲଟିବା ସ୍ୱାଭାବିକ। ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ, ସମଗ୍ର ଦେଶକୁ ଅଳ୍ପେବହୁତ ପରିବ୍ୟାପ୍ତ।

ପ୍ରତିବର୍ଷ ବିଶ୍ୱରେ ଆମାଶୟରେ ମୃତ୍ୟୁବରଣ କରୁଥିବା ପ୍ରାୟ ୨ ନିୟୁତ ଲୋକଙ୍କ ମଧ୍ୟରୁ ୫୦ଲକ୍ଷ ପାଖାପାଖି ଭାରତୀୟ। ଖାଦ୍ୟବାହୀ ସଂକ୍ରମଣର ଏହାର ଅନ୍ୟତମ କାରଣ ବୋଲି ମନେ କରାଯାଏ। ବିଶେଷକରି ସହରାଞ୍ଚଳମାନଙ୍କରେ ଏଭଳି ଖାଦ୍ୟ ଦୋକାନ ଅଧିକ ସଂଖ୍ୟାରେ ଥାଏ। ଭୁବନେଶ୍ୱର ଭଳି ଏକ ମଧ୍ୟମ ଧରଣର ସହରରେ ଏଭଳି ରାସ୍ତାକଡ଼ ଦୋକାନ ସଂଖ୍ୟାଶ ସାତ-ଆଠ ହଜାର ହେବ ବୋଲି ମନେକରାଯାଏ। ଏଗୁଡ଼ିକର ପ୍ରଧାନ ଗ୍ରାହକ ଅଟନ୍ତି ଛାତ୍ରଛାତ୍ରୀ, ଶ୍ରମଜୀବୀ ଏବଂ ନିମ୍ନ ଆୟକାରୀ ବର୍ଗର ଲୋକେ। ଏହାବ୍ୟତୀତ ରହିଛି ବହୁସଂଖ୍ୟକ ଦହିବରା-ଆଳୁଦମ୍, ଚାଟ୍, ଗୁପ୍‌ଚୁପ୍ ଆଦିର ଉଠାଦୋକାନ।

କିଛିବର୍ଷ ତଳେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ମାଇକ୍ରୋବାଇଓଲୋଜି ବିଭାଗ ଦ୍ୱାରା ଭୁବନେଶ୍ୱରର ପ୍ରଥପ୍ରାନ୍ତ ଜଳଖିଆ ଦୋକାନମାନଙ୍କରେ ପ୍ରସ୍ତୁତ ଖାଦ୍ୟଗୁଡ଼ିକର ମାନ ପରୀକ୍ଷା କରାଯାଇଥିଲା। ଜଣାପଡ଼ିଲା ଯେ ସେଥିମଧ୍ୟରୁ ଅଧିକାଂଶ ବିବିଧ ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ, ବିଶେଷକରି 'ସାଲ୍‌ମୋନେଲା'ରେ। ଦୁନିଆର ସବୁଠାରୁ ବ୍ୟାପକ ସଂକ୍ରମଣକାରୀ ୫ଟି ରୋଗ ଜୀବାଣୁମାନଙ୍କ ତାଲିକାରେ ଏହାର ସ୍ଥାନ ଶୀର୍ଷରେ। 'ସାଲ୍ମୋନେଲା' ଏକ ଗ୍ରାମ୍-ପଜିଟିଭ୍ ଜୀବାଣୁ, ଯାହାକି ମଣିଷ ଏବଂ ପଶୁମାନଙ୍କଠାରେ ରୋଗ ସୃଷ୍ଟି କରେ। ସେଗୁଡ଼ିକ ଦ୍ୱାରା ବିଷାକ୍ତ ହୋଇଥିବା ଖାଦ୍ୟ ଖାଇଲେ ବାନ୍ତି, ଆମାଶୟ, ତଳିପେଟରେ ଯନ୍ତ୍ରଣା, ଜ୍ୱର, ନିର୍ଜଳୀୟନ, ନିସ୍ତେଜତା ଆଦି ରୋଗ ହୋଇଥାଏ। ଆମ ଦେଶରେ ଆମାଶୟ, ବିଶେଷ କରି ଶିଶୁ ଆମାଶୟ ବ୍ୟାପକ ହେବାର ଏହା ଅନ୍ୟତମ ମୁଖ୍ୟ କାରଣ। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ତଥ୍ୟ ଅନୁସାରେ ପଥପ୍ରାନ୍ତର ଖାଦ୍ୟଗୁଡ଼ିକ ମଧ୍ୟରେ ସବୁଠାରୁ ସଂକ୍ରମଣକାରୀ ହେଲା ଦହିବରା, ଗୁପ୍‌ଚୁପ୍ ଓ ଚାଟ୍। ଏଥିରେ ପ୍ରବଳମାତ୍ରାରେ 'ସାଲ୍‌ମୋନନେଲା' ଥା'ନ୍ତି। ଏ ଖାଦ୍ୟଗୁଡ଼ିକର ମାନ ମଧ୍ୟ ଖୁବ୍ ନିକୃଷ୍ଟ। ଏହାର ପ୍ରସ୍ତୁତି ପାଇଁ ଅନେକ ସ୍ଥଳେ ବ୍ୟବହୃତ ହୋଇଥାଏ ଅଗରା ତେଲ, ହ୍ୱାଇଟ୍ ଅଏଲ୍ ଆଦି ଦ୍ୱାରା ଅପମିଶ୍ରିତ ତେଲ। ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ଆମ ସମସ୍ତଙ୍କୁ ଜଣା। ପୁନଶ୍ଚ ଏଥିରେ ବାରମ୍ବାର ଖାଦ୍ୟ ଛାଣିବା ଫଳରେ ତାହା କଳା ଓ ବହଳିଆ ହୋଇଯାଏ। ତହିଁରେ ଥାଏ ପ୍ରଚୁର 'ଟ୍ରାନସ୍ ଫ୍ୟାଟସ୍', ଅଙ୍ଗାରକଣିକା ଇତ୍ୟାଦି, ଯାହାକି କର୍କଟ ରୋଗଠାରୁ ଆରମ୍ଭ କରି ହୃଦ୍‌ରୋଗ ଯାଏଁ ଅନେକ ରୋଗର କାରଣ। ବ୍ୟବହୃତ ଅଟା ଓ ବେସନରେ ଆମ୍ବ କୋଇଲି ଓ ତେନ୍ତୁଳି ମଞ୍ଜି ସମେତ ଆକର୍ଷଣୀୟ କରିବା ପାଇଁ ମିଶା ଯାଉଥିବା ରାସାୟନିକ ରଙ୍ଗ ଏବଂ ପରସା ଯାଉଥିବା ସସ୍‌ରେ ମିଶିଥିବା ପଚା କଖାରୁର ରସ, ଦହିବରାର ଅପମିଶ୍ରିତ ଦହି ରୋଗସୃଷ୍ଟିକାରୀ। ଫାଷ୍ଟଫୁଡ୍ କଥା ନ କହିବା ଭଲ। ଏସବୁ ଖାଇବା ଲୋକେ ସାଧାରଣତଃ ସଂକ୍ରମଣ ଜନିତ ଏବଂ ଅଣ-ସଂକ୍ରମଣ ଜନିତ ବ୍ୟାଧିମାନଙ୍କର ଶିକାର ହୁଅନ୍ତି। ଏ ସମସ୍ୟାକୁ ଅଧିକ ଜଟିଳ କରିଥାଏ ସେଠାରେ ଥିବା ପିଇବା ପାଣି।

ଆମ ସରକାରଙ୍କ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ ହେଲା ସମାଜର ନିମ୍ନ ଆୟକାରୀ ବର୍ଗଙ୍କୁ ଯଥେଷ୍ଟ ପରିମାଣରେ ଖାଦ୍ୟ ଓ ପୁଷ୍ଟି ଯୋଗାଇବା। ଏଥିପାଇଁ କେବଳ ଶସ୍ତା କିମ୍ବା ବିନା ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଣ ଯଥେଷ୍ଟ ନୁହେଁ। ବଜାରରେ ଉପଲବ୍ଧ ଅନ୍ୟ ସମସ୍ତ ଖାଦ୍ୟ ପଦାର୍ଥର ମାନ ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଦରକାର। ପଥପ୍ରାନ୍ତର ଜଳଖିଆ ଦୋକାନଗୁଡ଼ିକର ନିୟନ୍ତ୍ରଣ ଏଦିଗରେ ପ୍ରଥମ ପଦକ୍ଷେପ ହେବା ଉଚିତ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମଦ ଦୋକାନ ମ୍ୟାନେଜରଙ୍କୁ ୬ ରାଉଣ୍ଡ ଗୁଳି

■ ଗୁରୁତର ଅବସ୍ଥାରେ ପିଆର୍‌ଏମ୍‌ରେ ଭର୍ତ୍ତି
■ ଟଙ୍କା ବ୍ୟାଗ୍ ଛଡ଼ାଇ ପାରିଲେନି ଦୁର୍ବୃତ୍ତ
■ ଶାନ୍ତ ମୟୂରଭଞ୍ଜ ବର୍ଷକରେ ଅଶାନ୍ତ: ସୁଦାମ

ବାରିପଦା/କୁଳିଅଣା, ୨୩।୬ (ସମିସ): ମଦ ଦୋକାନ ସେଲ୍ସ ମ୍ୟାନେଜରଙ୍କ ଉପରକୁ ୬ ରାଉଣ୍ଡ ଗୁଳି। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଞ୍ଚଳ ଦେଇ ଯାଇଥିବା ୧୮ ନଂ. ଜାତୀୟ ରାଜପଥରେ ଆଜି ସ୍ପଷ୍ଟ ଦିବାଲୋକରେ ଏହି ଆପରାଧିକ ଘଟଣା ଘଟିଛି। ଆକ୍ରମଣର ଶିକାର ବ୍ୟକ୍ତିଜଣଙ୍କ ହେଲେ, କୁଳିଅଣା ଥାନା କାମତା ଗ୍ରାମର ଶିବାନନ୍ଦ ବାରିକ (୩୦)। ତାଙ୍କ ପାଖରୁ ଟଙ୍କାଭର୍ତ୍ତି ବ୍ୟାଗ୍ ଛଡ଼ାଇବା ଉଦ୍ଦେଶ୍ୟରେ ୨ଜଣ ଦୁର୍ବୃତ୍ତ ବାଇଗଣବାଡ଼ିଆ ଛକ ନିକଟରେ ତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ସେଥିରୁ ଗୋଟିଏ ଗୁଳି ତାଙ୍କ ଜଙ୍ଘରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। କୁଳିଅଣା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜପଥ ଉପରୁ ଗୋଟିଏ ଖୋକାକୁ ଜବତ କରିଛି। ତେବେ ରିପୋର୍ଟ ଲେଖା ହେବା ବେଳକୁ ପୁଲିସ୍ କାହାରିକୁ ଗିରଫ କରିପାରିନାହିଁ। ଅପରପକ୍ଷେ, ଏହି ଘଟଣାକୁ ନେଇ ଜିଲ୍ଲାବାସୀ ଭୟଭୀତ ହୋଇପଡ଼ିଛନ୍ତି।

ସୂଚନାନୁଯାୟୀ, ଶିବାନନ୍ଦ କୁଳିଅଣାସ୍ଥିତ ଏକ ବିଦେଶୀ ମଦ ଦୋକାନରେ ସେଲ୍ସ ମ୍ୟାନେଜର୍ ଭାବେ କାମ କରନ୍ତି। ସବୁ ଦିନ ଭଳି ଆଜି ସେ ଦୋକାନର ଲକ୍ଷାଧିକ ଟଙ୍କା ଭର୍ତ୍ତି ବ୍ୟାଗ୍ ଧରି ଏକ ବାଇକ୍‌ରେ ବାରିପଦାକୁ ଆସୁଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ୪ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ବାଇଗଣବାଡ଼ିଆ ଛକ ପାର୍ ହେଉଥିବା ବେଳେ ଗୋଟିଏ ବାଇକ୍‌ରେ ୨ଜଣ ଯୁବକ ତାଙ୍କ ପାଖରେ ପହଞ୍ଚି ଶିବାନନ୍ଦଙ୍କ ପାଖରୁ ଟଙ୍କା ବ୍ୟାଗ ଛଡ଼ାଇବା ଉଦ୍ଦେଶ୍ୟରେ ୨ଟି ବନ୍ଧୁକରୁ ୬ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ଗୋଟିଏ ଗୁଳି ତାଙ୍କ କାନ ଉପର ଦେଇ ଯାଇଥିବା ବେଳେ ଅନ୍ୟଟି ଜଙ୍ଘରେ ବାଜିଥିଲା। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଦୁର୍ବୃତ୍ତମାନେ ତାଙ୍କ ପାଖରୁ ବ୍ୟାଗ୍‌ଟିକୁ ଛଡ଼ାଇ ପାରି ନଥିଲେ। ଧରାପଡ଼ିଯିବା ଭୟରେ ସେମାନେ ସେଠାରୁ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତମାନେ ମାସ୍କ ପିନ୍ଧି ଥିବା ବେଳେ ବଙ୍ଗଳାରେ କଥାବାର୍ତ୍ତା ହେଉଥିବା ଶିବାନନ୍ଦ କହିଛନ୍ତି।



ଅପରପକ୍ଷେ, ଏହି ଘଟଣାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଡବଲ ଇଞ୍ଜିନ ସରକାରର ଗୋଟିଏ ବର୍ଷ ମଧ୍ୟରେ ଶାନ୍ତ ମୟୂରଭଞ୍ଜ ବର୍ତ୍ତମାନ ଅଶାନ୍ତ ହୋଇପଡ଼ିଲାଣି। ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅପରାଧୀଙ୍କ ପାଇଁ ମୟୂରଭଞ୍ଜ ଜିଲ୍ଲା ଏବେ ଆଡ଼ାସ୍ଥଳ ପାଲଟିଛି। ତୁରନ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ସେ ଦାବି କରିଛନ୍ତି। ଏହାସହ ଶ୍ରୀ ମାରାଣ୍ଡି ପିଆରଏମ ମେଡିକାଲରେ ପହଞ୍ଚି ଶିବାନନ୍ଦଙ୍କୁ ଭେଟିବା ସହ ତାଙ୍କର ଚିକିତ୍ସା ବ୍ୟବସ୍ଥା ସଂପର୍କରେ ଡାକ୍ତରଙ୍କୁ ପଚାରି ବୁଝିଛନ୍ତି।

## ପୋଖରୀରେ ବୁଡ଼ି ଶିଶୁ ମୃତ

ବାଲେଶ୍ୱର,୨୩।୬ (ସମିସ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଗୁଡୁପାହିରେ ପୋଖରୀରେ ବୁଡ଼ି ଏକ ଅଢ଼େଇ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ମୃତକ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ପୁରୁକା ଅଞ୍ଚଳର ଶରତ ଚନ୍ଦ୍ର ପାତ୍ରଙ୍କ ପୁଅ ନିହାର। ଗତ ରବିବାର ଦିନ ଶରତ ପରିବାର ସହିତ ଗୁଡୁପାହି ଅଞ୍ଚଳରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ସୋମବାର ସକାଳେ ସେମାନେ ଘରକୁ ଫେରିଯିବାକୁ ପ୍ରସ୍ତୁତ ହେଉଥିଲେ; ଏହି ସମୟରେ ନିହାର ଘର ପଛପଟେ ପିଲାଙ୍କ ଖେଳୁଥିବାବେଳେ ନିକଟ ପୋଖରୀରେ ପଡ଼ିଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ପୁଅକୁ ପୋଖରୀରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ।

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

**AFFIDAVIT**
By virtue of an Affidavit No. 360/20/06/2025 I, Suchismita Nanda, W/o- Amitav Kumar Nanda, R/o- Sonepur, Gokarneswar Para, Po/Ps- Sonepur, Odisha, 767017 do hereby declared that I shall be known as **Suchismita Padhi** instead of **Suchismita Nanda** in all purposes.
Sd/- Suchismita Padhi

**Notice**
(above 18 years of age)
By virtue of an affidavit sworn before Executive Magistrate, Kaptipada, Udala, Mayurbhanj, dated 23-06-2025 I, Tapaswini Behera, Address AT- Dukura, PO.- Dukura, PS.- Khunta, Dist- Mayurbhanj, Odisha, Pin- 757075 declare that I have changed my name from **Tapaswani Behera** to **Tapaswini Behera** Henceforth, I shall be known as **Tapaswini Behera** for all purposes.
Tapaswini Behera

**AFFIDAVIT**
By virtual of an Affidavit No. 2467, Dt: 05/06/2025 sworn before the Executive Magistrate, Sundargarh, I, Biswajit Patel, S/o- Purushottam Patel, At/Po- Remanda, PS- Bhasma, Dist- Sundargarh - 770019, declare that my minor daughter Dibya Patel changed her name to **STUTI PATEL**. Henceforth she will be known as **STUTI PATEL** for all purposes.
Biswajit Patel

**Notice**
(for Minor)
By virtue of an affidavit sworn before The Executive Magistrate, Baripada, Mayurbhanj, dated 16-06-2025 I, Sakuntala Behera Address AT/PO.- Kostha, PS.- Suliapada, Dist Mayurbhanj, Odisha, PIN- 757084 declare that I have changed the name of my daughter **SATYABHAMA BHADUK** to **ADYASHA BEHERA**. Henceforth, she shall be known as **ADYASHA BEHERA** for all purposes.
Sakuntala Behera

**AFFIDAVIT**
By virtue of an affidavit before The Notary Public, Titilagarh, on dated- 04/06/2025. I, **Rukmani Pradhani**, aged about 40 years, W/o- Rajani Pradhani, Permanent resident of AT/PO- Manigaon, PS- Titilagarh, Dist. Balangir, (Odisha), PIN- 767033 affirm that I have changed my minor son's name from **Venket Pradhani** (old name) To **Bibek Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Bibek Pradhani** (new name).
Rukmani Pradhani

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda, dated 19/06/2025, I Sri Dhana Kirsani, S/o- Budu Kirsani, Village- Kujel, Post- Malibelgaon, PS.- Nandapur, Dist.- KORAPUT, declare that, I have changed my son's name from **Bhaban Kirsani** to **Bhagaban Kirsani**. Henceforth, my son shall be known as **Bhagaban Kirsani** for all purpose.
Sd/- Dhana Kirsani

**AFFIDAVIT**
I, Sanjay Nayak, S/o- Purna Chandra Nayak resident of At- Alijanga, Po-Aruha, Ps- Dharmasala, Dist- Jajpur, Pin-755024, Odisha declare by this affidavit No.1222, dated- 23/06/2025 that now onwards I shall be known as **SANJAYA KUMAR NAYAK** for all future purposes.

୨ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇବା ଘଟଣାରେ ୯ ଅଟକ

## ୨ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇବା ଘଟଣାରେ ୯ ଅଟକ

# ତାତିଲା ଦଳିତ ମହାସଭା

■ ଧରାକୋଟ, ୨୩।୬ (ସମିସ): ଟଙ୍କା ନ ଦେବାରୁ ୨ ନିରୀହ ଦଳିତଙ୍କୁ ମିଛରେ ଗୋ-ଚାଲାଣକାରୀ ସଜାଇ ଅଧାଲଣ୍ଡା କରି ଆଣ୍ଠେଇ ଆଣ୍ଠେଇ ଚଲାଇବା, ଘାସ ଖୁଆଇବା ଓ ନର୍ଦ୍ଦମା ପାଣି ପିଆଇବା ଘଟଣାକୁ ନେଇ ଦଳିତ ମହାସଭା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମା ଗ୍ରାମରେ ଘଟିଥିବା ଏହି ଅମାନବୀୟ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଯଥାଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ମହାସଭାର ଜିଲ୍ଲା ଆବାହକ ସଂଗ୍ରାମ ନାୟକଙ୍କ ଅଧ୍ୟକ୍ଷତାରେ ଆଜି ଦୁଇ ପୀଡ଼ିତଙ୍କ ଗାଁ ସିଙ୍ଗିପୁରରେ ମହାସଭା ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଘଟଣାକୁ ନେଇ ସଂଗଠନ ଆଗାମୀ ଦିନରେ ଜିଲ୍ଲାପାଳ, ଏସ୍‌ପି ଓ ଆରଡିସିଙ୍କୁ ଭେଟିବ ବୋଲି ନିଷ୍ପତ୍ତି ନେଇଛି। ମହାସଭା ପକ୍ଷରୁ କୁହାଯାଇଥିଲା ଯେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ ଉପରେ ତଥାକଥିତ ଗୋ-ରକ୍ଷକମାନଙ୍କ ଅତ୍ୟାଚାର, ଆତଙ୍କରାଜ, ନିର୍ଯାତନା ଓ ବଳପୂର୍ବକ ଚାନ୍ଦା ଆଦାୟ ବହୁଗୁଣ ବୃଦ୍ଧି ପାଇଛି। ଏହାସହ ପୀଡ଼ିତଙ୍କ ପ୍ରତି ଧରାକୋଟ ପୁଲିସର ସମ୍ବେଦନହୀନତା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଳମ୍ବ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅପରପକ୍ଷେ, ଏହି ଘଟଣାରେ ଆଜି ପୁଲିସ୍ ୯ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣା ସମ୍ପର୍କରେ ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି ଯେ ଏହି ଘଟଣାରେ ୧୪ରୁ ୧୫ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି। ଏହି ଘଟଣା ପଛରେ ବଜରଙ୍ଗ ଦଳ ଓ କିଛି ବିଜେପି ସମର୍ଥକମାନଙ୍କ ଦ୍ୱାରା ଗଠିତ 'ଗୋ-ରକ୍ଷକ' ନାମକ ଏକ ସଂଗଠନର ହାତ ଥିବା କୁହାଯାଉଛି। ସେହିପରି, ପାଶବିକ ଅତ୍ୟାଚାରର ଶିକାର ହୋଇଥିବା ଦୁଇ ଦଳିତଙ୍କୁ ଚିକିତ୍ସା ପରେ ସୁରକ୍ଷିତ ଭାବେ ପୁଲିସ୍ ସେମାନଙ୍କ ଗାଁରେ ଛାଡ଼ିଛି।

ସୂଚନାନୁଯାୟୀ, ଗତ ରବିବାର ଦିନ ସିଙ୍ଗିପୁର ଗ୍ରାମର ବାବୁଲା ନାୟକ ଓ ବୁଲୁ ନାୟକ ଯୌତୁକ ବାବଦକୁ ୩ଟି ଗାଈ ନେଇ ଯାଉଥିବା ବେଳେ ଖାରିଗୁମା ଗ୍ରାମର କିଛି ଯୁବକ ସେମାନଙ୍କୁ ଟଙ୍କା ମାଗିଥିଲେ। କିନ୍ତୁ ଦୁହେଁ ଟଙ୍କା ଦେବାକୁ ମନା କରିବାରୁ ସେମାନେ ଦୁହିଁଙ୍କୁ ଗୋ-ଚାଲାଣକାରୀ ସଜାଇବା ସହ ଅଧାଲଣ୍ଡା କରି ଆଣ୍ଠେଇ ଚଲାଇଥିଲେ। ସେତିକିରେ ନିର୍ଯାତନା ସରିନଥିଲା, ଦୁହିଁଙ୍କୁ ଘାସ ଖୁଆଇବା ସହ ନର୍ଦ୍ଦମା ପାଣି ପିଆଇଥିଲେ।

ମହାସଭାର ଆଜିର ବୈଠକରେ ରାଜେଶ ସେନାପତି, ଶିବ ନାୟକ, ସନ୍ତୋଷ ନାୟକ, ପ୍ରତାପ କୁମାର ନାଏକ, ରାଜେନ୍ଦ୍ର ନାୟକ, ରୋହିତ ନାୟକ, ପ୍ରସନ୍ନ ନାୟକ ପ୍ରମୁଖଙ୍କ ସହ ଜିଲ୍ଲାର ବିଭିନ୍ନ ବ୍ଲକରୁ ମହାସଭାର ନେତୃବୃନ୍ଦ ଯୋଗ ଦେଇଥିଲେ।

## ଉଦ୍‌ବେଗ ପ୍ରକାଶ କଲେ ରାହୁଲ ଗାନ୍ଧୀ

■ ଭୁବନେଶ୍ୱର,୨୩।୬(ସମିସ): ଗଞ୍ଜାମ ଧରାକୋଟ୍‌ରେ ଦୁଇ ଦଳିତ ଯୁବକଙ୍କ ଉପରେ ଅକଥନୀୟ ଅତ୍ୟାଚାର ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଓଡ଼ିଶାର ଦୁଇଜଣ ଦଳିତ ଯୁବକଙ୍କୁ ଆଣ୍ଠୁରେ ଚଲେଇବା, ଘାସ ଖାଇବା ସହ ନାଳ ପାଣି ପିଇବାକୁ ବାଧ୍ୟ କରିବା ଘଟଣା କେବଳ ଅମାନବୀୟ ନୁହେଁ; ବରଂ ମନୁବାଦୀ ଚିନ୍ତାଧାରାର ବର୍ବରତା। ଯେଉଁମାନେ ଜାତି ଆଉ ଏକ ପ୍ରସଙ୍ଗ ନୁହେଁ ବୋଲି କହୁଛନ୍ତି, ଏହି ଘଟଣା ସେମାନଙ୍କ ପାଇଁ ଏକ ଦର୍ପଣ। ଦଳିତଙ୍କ ସମ୍ମାନକୁ ପାଦରେ ଦଳି ଦେଉଥିବା ପ୍ରତ୍ୟେକ ଘଟଣା ବାବା ସାହେବଙ୍କ ସମ୍ବିଧାନ ଉପରେ ଆକ୍ରମଣ। ସମାନତା, ନ୍ୟାୟ ଏବଂ ମାନବିକତା ବିରୋଧରେ ଏହା ଏକ ଷଡ଼ଯନ୍ତ୍ର। ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଏପରି ଘଟଣା ସାଧାରଣ ହେବାରେ ଲାଗିଛି। ସେମାନଙ୍କର ରାଜନୀତି ଘୃଣା ଏବଂ ଭେଦଭାବ ଉପରେ ଆଧାରିତ। ବିଶେଷକରି ଓଡ଼ିଶାରେ, ଏସ୍‌ସି, ଏସ୍‌ଟି ଏବଂ ମହିଳାଙ୍କ ବିରୋଧରେ ଅତ୍ୟାଚାର ଚିନ୍ତାଜନକ ଭାବରେ ବୃଦ୍ଧି ପାଇଛି ବୋଲି ରାହୁଲ ଉଲ୍ଲେଖ କରି ଦୋଷୀମାନଙ୍କୁ ତୁରନ୍ତ ଗିରଫ କରାଯାଇ କଠୋର ଦଣ୍ଡ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଅନୁରୂପ ଭାବେ ମନୁସ୍ମୃତି ଦ୍ୱାରା ନୁହେଁ; ସମ୍ବିଧାନ ଅନୁସାରେ ଦେଶ ପରିଚାଳିତ ହେବା ଆବଶ୍ୟକ ବୋଲି ରାହୁଲ କହିଛନ୍ତି।

**'ମନୁସ୍ମୃତି ନୁହେଁ; ସମ୍ବିଧାନ ଅନୁସାରେ ଦେଶ ପରିଚାଳିତ ହେଉ'**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘନଉଛି ବିଶ୍ୱଯୁଦ୍ଧ...

ବର୍ତ୍ତମାନ ସମୟରେ ଆଉ କୌଣସି ଉଡ଼ାଣ ସମ୍ଭବ ହୋଇ ପାରିବ ନାହିଁ। ଇସ୍ରାଏଲ୍ ପ୍ରତିରକ୍ଷାମନ୍ତ୍ରୀ ଏହି ଆକ୍ରମଣକୁ ସଫଳ ବୋଲି ବର୍ଣ୍ଣନା କରି ପ୍ରତି କ୍ଷେପଣାସ୍ତ୍ରର ଜବାବ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଇସ୍ରାଏଲ୍ ଆକ୍ରମଣରେ ଇରାନର ପରମାଣୁ ବୈଜ୍ଞାନିକ ଓ ଅନ୍ୟ ସେନା ରଣନୀତିଜ୍ଞମାନଙ୍କୁ ତାଲିମ୍ ଦିଆଯାଉଥିବା ସାହିଦ୍ ବେହେସ୍ତି ବିଶ୍ୱବିଦ୍ୟାଳୟ ମଧ୍ୟ ବିପୁଳଭାବରେ କ୍ଷତିଗ୍ରସ୍ତ ହୋଇଛି ।

ଅନ୍ୟପକ୍ଷରେ ଇରାନ ଆକ୍ରମଣରେ ଇସ୍ରାଏଲ୍ ସହରଗୁଡ଼ିକ ଧ୍ୱଂସସ୍ତୁପରେ ପରିଣତ ହୋଇଥିବା ଇରାନ ଗଣମାଧ୍ୟମ ନୂର ନ୍ୟୁଜ ଦାବି କରିଛି। ଇସ୍ରାଏଲ୍ ମଧ୍ୟ ଇରାନର ଆକ୍ରମଣକୁ ସ୍ୱୀକାର କରିଛି। ଇରାନ୍ ଇସ୍ରାଏଲ୍‌ର ଉତ୍ତରଭାଗରେ ଅନେକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାକୁ ରୋକିବା ନିମନ୍ତେ ଇସ୍ରାଏଲ୍ ସେନା ଇଣ୍ଟରସେପ୍ଟର ବ୍ୟବସ୍ଥାକୁ ସକ୍ରିୟ କରିଛି ଓ ସାଧାରଣ ଲୋକଙ୍କୁ ଆଶ୍ରୟସ୍ଥଳକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ଇରାନ୍ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ସହ ଇରାନ୍ ସମସ୍ତ ସମ୍ପର୍କ ଛିନ୍ନ କରିଥିବା ଘୋଷଣା କରିଛି। ଏହା ସହିତ ରୁଷ ରାଷ୍ଟ୍ରପତି ପୁଟିନଙ୍କୁ ଚିଠି ଲେଖି ସହଯୋଗ କରିବା ପାଇଁ ଇରାନ୍ ଅନୁରୋଧ କରିଛି।

ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ପ୍ରତ୍ୟକ୍ଷ ଯୁଦ୍ଧ ଚାଲିଥିବାବେଳେ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ମଧ୍ୟ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ଇରାନ୍ ଉପରେ ଆମେରିକାର ଆକ୍ରମଣକୁ ଇସ୍ରାଏଲ୍ ଖୋଲାଖୋଲି ସମର୍ଥନ କରି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଥିବାବେଳେ ଇରାନ୍ ଏହାର ପ୍ରତିବାଦ କରିଛି। ମିଛ ବାହାନା କରି ଇରାନ୍ ଉପରେ ଆମେରିକା ଆକ୍ରମଣ କରିଛି ଓ ଇସ୍ରାଏଲ୍ ମିଛ କହି ଆମେରିକାକୁ ଯୁଦ୍ଧରେ ସମ୍ପୃକ୍ତ କରିଛି ବୋଲି ଇରାନ୍ ଅଭିଯୋଗ କରିଛି।

### ଦିଲ୍ଲୀ ଯୁବତୀଙ୍କୁ...

ଯୋଗଦେବା ପାଇଁ ଲିଜା ତାଙ୍କ ସହ ଗାଁକୁ ଆସିଥିଲେ। ଗତକାଲି ଦୁହେଁ ବିରଜା ମନ୍ଦିର ବୁଲି ଯାଇଥିଲେ। ଦର୍ଶନ ସାରି ଦୁହେଁ ଯାଜପୁର ବସ୍‌ଷ୍ଟାଣ୍ଡରୁ ଏକ ଘରୋଇ ବସ୍‌ରେ ଘରକୁ ଫେରୁଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ସେମାନେ ନନ୍ଦିପୁର ଛକ ନିକଟ ଭଦ୍ରକ ପଡ଼ିଆ ଛକରେ ଓହ୍ଲାଇ ସମ୍ପର୍କୀୟଙ୍କୁ ଅପେକ୍ଷା କରିଥିଲେ। ସେତିକିବେଳେ ନିକଟସ୍ଥ ପାଟଣାସାହିର ୨ ଯୁବକ ଅନୀଲ ଯେନା ଓ ନୀତେଶ ଯେନା ଦୁହିଁଙ୍କୁ ଅସଦାଚରଣ କରିଥିଲେ। ଅଶ୍ଳୀଳ ଇଙ୍ଗିତ କରିବା ସହ ଉଭୟଙ୍କୁ ଟଣାଓଟରା କରିଥିଲେ। ଏହି ସମୟରେ ସୁମିତ୍ରାଙ୍କ ସମ୍ପର୍କୀୟ ୩ ଭାଇ ସେଠାରେ ପହଞ୍ଚି ଯାଇଥିଲେ। ସେମାନେ ଅଭିଯୁକ୍ତଦ୍ୱୟଙ୍କୁ ବିରୋଧ କରିଥିଲେ। ଏଥିରେ ରାଗିଯାଇ ଅନୀଲ ଓ ନୀତେଶ ସେମାନଙ୍କୁ ନିସ୍ତୁକ ମାଡ଼ ମାରିବା ସହ ବାଇକ୍‌କୁ ଭାଙ୍ଗି ଦେଇଥିଲେ। ତେବେ ଭୟରେ ସମସ୍ତେ ବଡ଼ ପାଟିରେ ଚିତ୍କାର କରିବାରୁ ଅଭିଯୁକ୍ତଦ୍ୱୟ ଘଟଣାସ୍ଥଳରୁ ପଳାଇଥିଲେ। ଅଭିଯୁକ୍ତଙ୍କ ଆକ୍ରମଣରେ ଜଣେ ସମ୍ପର୍କୀୟ ଭାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଯାଜପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

ପରେ ଏ ସଂପର୍କରେ ସେମାନେ ରାତି ପ୍ରାୟ ୧୧ଟାରେ ଦଶରଥପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ସେଠାରେ ପୁଲିସ୍‌ର ଆଚରଣ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଅଭିଯୋଗକୁ ଗୁରୁତ୍ୱର ସହ ନେବା ପରିବର୍ତ୍ତେ ପୁଲିସ୍ ନାନା ଆଳ ଦେଖାଇ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ଥାନାର ଜଣେ କର୍ମଚାରୀ କହିଥିଲେ, 'ଏବେ ଥାନାଧିକାରୀ ପୁରୀ ଡ୍ୟୁଟିରେ ପଳାଇଛନ୍ତି। ତୁମେ ଘରକୁ ଯାଅ କ'ଣ ହୋଇପାରିବ ଦେଖିବା'। ତେବେ ସୋମବାର ଦିନ ୧୨ଟା ପର୍ଯ୍ୟନ୍ତ ପୁଲିସ୍ କୌଣସି ପଦକ୍ଷେପ ନ ନେବାରୁ ଆଜି ପୁଣିଥରେ ଯୁବତୀଦ୍ୱୟ ଥାନାକୁ ଯାଇଥିଲେ। କିନ୍ତୁ, ସେଠାରେ ପୁଲିସ୍ ପୁଣି ସେମାନଙ୍କୁ ନିରାଶ କରିଥିଲା। 'ଥାନାରେ କେହି ଅଧିକାରୀ ନାହାନ୍ତି, ଏଟା ଗତକାଲିର ଘଟଣା, କାଲିର ଡିସିଓ ଥିବା ରାଇବେରି ସୋରେନ ମ୍ୟାଡମ୍ ଆସିଲେ ଆପଣମାନେ ତାଙ୍କୁ ଦେଖା କରିବେ'; ଏମିତି କହି ଦୁହିଁଙ୍କୁ ଦୀର୍ଘ ସମୟ ଧରି ଥାନାରେ ବସାଇଥିଲେ। ଖବର ପାଇ କିଛି ଗଣମାଧ୍ୟମ ପ୍ରତିନିଧି ଥାନାରେ ପହଞ୍ଚିବାରୁ ଏସ୍‌ଆଇ ରାଇବେରୀ ସୋରେନ ୨ ଯୁବତୀଙ୍କୁ ପଚରାଉଚରା କରି ଘଟଣା ସଂପର୍କରେ ବୁଝିଥିଲେ। ୨ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ଅପରପକ୍ଷେ, ଏହି ଘଟଣା ଜାଣିବା ପରେ ଯାଜପୁର ବିଧାୟିକା ସୁଜାତା ସାହୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଯୋଗାଯୋଗ କରିଥିଲେ। ମଙ୍ଗଳପୁର ଥାନା ଆଇଆଇସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି ଏବଂ ଖୁବ୍‌ଶୀଘ୍ର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ବିଧାୟିକାଙ୍କୁ କହିଥିବା ଜଣାଯାଇଛି।

### ଦ୍ରୁତ ଆରୋଗ୍ୟ ଲାଭ...

ତୁରନ୍ତ ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ପ୍ରେମ୍ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି।

ଅନ୍ୟପଟେ ନବୀନଙ୍କ ଚିକିତ୍ସା ବ୍ୟବସ୍ଥାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଡାକ୍ତର ରମାକାନ୍ତ ପଣ୍ଡା କହିଛନ୍ତି ଯେ ଆସନ୍ତାକାଲି ୧୨ଟା ସୁଦ୍ଧା ନବୀନଙ୍କୁ ଆଇସିୟୁରୁ ସାଧାରଣ ରୁମ୍‌କୁ ସିଫ୍ଟ କରାଯିବ। ବର୍ତ୍ତମାନ ନବୀନ ଚାଲୁଛନ୍ତି, ସାଧାରଣ ଖାଦ୍ୟ ଖାଉଛନ୍ତି ଏବଂ ଭଲ ଭାବେ କଥାବାର୍ତ୍ତା ମଧ୍ୟ କରୁଛନ୍ତି। ସାଧାରଣ ରୁମ୍‌କୁ ଆସିବାର ୩ରୁ ୪ ଦିନ ଭିତରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯିବ। ସେ ପୂରା ନର୍ମାଲ ଅଛନ୍ତି। ଫିଜିଓଥେରାପି ଚାଲିଛି। ରକ୍ତଚାପ ଓ ହୃଦ୍‌ସ୍ପନ୍ଦନ ସବୁ ନର୍ମାଲ ଥିବାରୁ ଆଜି ତାଙ୍କ ଦେହରୁ ଆର୍ଟେରିଆଲ ଲାଇନ ଓ ଇସିଜି ବାହାର କରି ଦିଆଯାଇଛି ବୋଲି ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ରବିବାର ନବୀନ ପଟ୍ଟନାୟକଙ୍କର ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଛି।

### କ୍ରାଇମ୍‌ବ୍ରାଞ୍ଚ ହାତରେ...

ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ। ଅତିରିକ୍ତ ଡିଜି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର କହିଛନ୍ତି ଯେ ଏହି ଘଟଣାର ପ୍ରତ୍ୟେକ ଦିଗ ଉପରେ ନଜର ରଖାଯାଇଛି ଏବଂ ପ୍ରମାଣ ସଂଗ୍ରହ କରାଯାଉଛି। ଡିଜିଟାଲ ଏଭିଡେନ୍ସର ତାକୁ ତର୍ଜମା କରାଯିବ। ଘଟଣାର ଯାହାବି ଡିଜିଟାଲ ପ୍ରମାଣ ରହିଛି ସେସବୁର ତଥ୍ୟ ଖୋଜାଯାଉଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମୋବାଇଲ ଜବତ ହୋଇଛି। ସେସବୁର ଯାଞ୍ଚ କରାଯାଉଛି। ଫରେନସିକ ଟିମ୍ ସେସବୁ ମୋବାଇଲରେ ଘଟଣା ଦିନର କିଛି ପ୍ରମାଣ ରହିଛି କି ନାହିଁ, ତାହାର ଯାଞ୍ଚ କରୁଛନ୍ତି। ଅଧିକ ଡିଜିଟାଲ ପ୍ରମାଣ ସଂଗ୍ରହ ପାଇଁ ଚେଷ୍ଟା କରୁଛନ୍ତି। କେବଳ ଅଭିଯୁକ୍ତଙ୍କ ମୋବାଇଲ ନୁହେଁ, ଘଟଣା ସ୍ଥଳକୁ ଯିବା ଆସିବା ସମୟରେ ବା ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ମଧ୍ୟ ସଂଗ୍ରହ ହେଉଛି। ଘଟଣାର ପୂର୍ବର ଫୁଟେଜ ମଧ୍ୟ ସଂଗ୍ରହ ହୋଇଛି ଓ ଘଟଣାର ପରର ଫୁଟେଜ ସଂଗ୍ରହ କରାଯାଉଛି। ଏପରିକି ସେହି ସମୟରେ ଅଭିଯୁକ୍ତମାନେ କେଉଁଠ, କେଉଁ ଲୋକେସନରେ ଥିଲେ ସେମାନଙ୍କ ଗତିବିଧି ସଂପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। କାରଣ ଏହି ଘଟଣା ପ୍ରାୟ ଦେଢ଼ଘଣ୍ଟାରୁ ଅଧିକ ସମୟ ଘଟିଥିଲା। ଏଯାବତ ୧୦ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କର ଡିଏନ୍‌ଏ ମଧ୍ୟ ସଂଗ୍ରହ କରାଯାଇଛି। ଅଭିଯୁକ୍ତମାନଙ୍କୁ ପର୍ଯ୍ୟାୟ କ୍ରମେ ପଚରାଉଚରା କରାଯିବ। ଆବଶ୍ୟକ ପଡ଼ିଲେ ରିମାଣ୍ଡରେ ଅଣାଯିବ। ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାଲାଗି ତଥ୍ୟ ସମସ୍ତ ସଂଗ୍ରହ କରାଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ଅଭିଯୁକ୍ତମାନଙ୍କ ଟିଆଇ ପରେଡ ହୋଇଥିବା ବେଳେ ସମସ୍ତଙ୍କୁ ଚିହ୍ନଟ କରିଥିଲେ ପୀଡିତା। ଗୋପାଳପୁର ଗଣଦୁଷ୍କର୍ମର ୧୦ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ୪ ନାବାଳକ। ୩ ଜଣ ଗଣଦୁଷ୍କର୍ମ କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ ନାଁରେ ପୂର୍ବରୁ ମଧ୍ୟ ୨ଟି ମାମଲା ରହିଛି। ଅନ୍ୟ ଦୁଇ ଦୁଷ୍କର୍ମକାରୀ ହେଲେ ବାବୁରାମ ଦଳାଇ ଏବଂ କୁନାଲ ପ୍ରଧାନ। ୪ ନାବାଳକଙ୍କୁ ୧୭ ବର୍ଷ ହୋଇଥିବାରୁ ସେମାନଙ୍କୁ ସାବାଳକ ଭାବେ ବିଚାର କରି କଠୋର ଦଣ୍ଡ ଦେବାକୁ କୋର୍ଟଙ୍କୁ ଅନୁରୋଧ କରାଯିବ ବୋଲି କହିଥିଲେ ବ୍ରହ୍ମପୁର ଏସପି।

### ଉଦ୍‌ଘାଟନର ଚାରି ମାସ...

ବର୍ଷରେ ବଲାଙ୍ଗିର ଜିଲ୍ଲାକୁ ୧୫୮ କୋଟି ୫୦ ଲକ୍ଷ ଟଙ୍କା ଦିଆଯାଇଥିଲା। ୩୯୧୧ ପ୍ରକଳ୍ପକୁ ଏହି ଯୋଜନାରେ ମଞ୍ଜୁର କରାଯାଇଥିବା ବେଳେ ନିର୍ବାଚନ ଆଚରଣ ବିଧି ଲାଗିବା ପର୍ଯ୍ୟନ୍ତ ୧୧୫୬ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିବା ବେଳେ ୧୩୯୨ ପ୍ରକଳ୍ପ ନିର୍ମାଣ କାମ ଜାରି ରହିଥିଲା। ୧୩୬୩ ପ୍ରକଳ୍ପ କାମ ଆରମ୍ଭ ହୋଇନଥିବା ବେଳେ ନିର୍ବାଚନ ପରେ ସରକାର ବଦଳିବା ପରେ ଏହି ଯୋଜନାକୁ ରାଜ୍ୟ ସରକାର ଅଟକାଇ ଦେଇଥିଲେ। ଏହି ଯୋଜନାର ବଳକା ଆର୍ଥିକ ଅନୁଦାନକୁ ମଧ୍ୟ ରାଜ୍ୟ ସରକାର ବନ୍ଦ କରିଦେଇଥିଲେ। ଫଳରେ କାମ କରୁଥିବା ଓ କାମ କରିଥିବା ଅନେକ ଠିକାଦାର ଏବେବି ବିଲ୍ ଅର୍ଥ ପାଇନାହାନ୍ତି। ନବୀନ ସରକାରଙ୍କ ଏହି ଯୋଜନାର ନାମ ପରିବର୍ତ୍ତନ କରି ରାଜ୍ୟ ବିଜେପି ସରକାର 'ବିକଶିତ ଗାଁ ବିକଶିତ ଓଡିଶା' ନାମରେ ନୂଆ ଯୋଜନା ଆରମ୍ଭ କଲେ। କିନ୍ତୁ ପୂର୍ବ ଯୋଜନାର ସମାନ ଢଙ୍ଗରେ ଗ୍ରାମ୍ୟ ବିକାଶର ନକ୍ସା ପ୍ରସ୍ତୁତ କରାଯାଇଥିଲା। ଗ୍ରାମସଭା ବଦଳରେ ବ୍ଲକ୍‌ରୁ ପ୍ରସ୍ତାବ ପ୍ରଦାନ କରାଯାଇଥିଲା। ବେଶ୍ ଆଡମ୍ବରରେ ନୂଆ ସରକାର ଗତ ଫେବୃୟାରୀ ୫ ତାରିଖରେ ଜିଲ୍ଲାରେ ଏହି ଯୋଜନାର ଉଦ୍‌ଘାଟନ କରିଥିଲେ। ଏହି ଯୋଜନା ଗ୍ରାମ୍ୟ ବିକାଶର ଚିତ୍ର ଆଙ୍କିବ ବୋଲି ସେହି ସମୟରେ ରାଜ୍ୟ ସରକାର କହିଥିଲେ। କିନ୍ତୁ ପ୍ରାୟ ୫ ମାସ ବିତିବାକୁ ବସିଥିବା ବେଳେ ଆଜି ଯାଏଁ ଏହି ଯୋଜନାରେ ଗୋଟିଏ ବି କାମ ଆରମ୍ଭ ହୋଇନାହିଁ।

ଏ ବିଷୟରେ ଲୋଇସିଂହା ବ୍ଲକ୍ ବିଡିଓଙ୍କୁ ପଚାରିବାରୁ, ଆମ ବ୍ଲକ୍ କାହିଁକି; ଜିଲ୍ଲାର କୌଣସି ବ୍ଲକ୍‌ରେ ଏହା ଆରମ୍ଭ ହୋଇନାହିଁ। ବ୍ଲକ୍ ପକ୍ଷରୁ ପ୍ରାୟ ୫ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିଲା। ସେଥିରୁ ଅଢେଇ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅର୍ଥାତ ଯେତେ ସଂଖ୍ୟକ ପ୍ରକଳ୍ପ ଦିଆଯାଇଥିଲା, ସେଥିରୁ ୫୦ ପ୍ରତିଶତ ପ୍ରକଳ୍ପ ମଞ୍ଜୁର ହୋଇଥିବା କିଛି ଦିନ ପୂର୍ବରୁ ସୂଚନା ମିଳିଥିବା ସେ କହିଥିଲେ। ସବୁ ବ୍ଲକରେ ସେହିଭଳି ହିଁ ହୋଇଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ବ୍ଲକ୍ ଅଧ୍ୟକ୍ଷମାନଙ୍କ କହିବା ଅନୁସାରେ, ଏହି କାମ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟମାନଙ୍କ ହିସାବରେ ହେବା କଥା। କିନ୍ତୁ ସରକାରୀ ଦଳର ବିଧାୟକମାନେ ନିଜ ଲୋକଙ୍କୁ କାମ ଦେବା ବାହାନା କରି କେଁ ପୁରାଉଥିବାରୁ କାମ ଆରମ୍ଭ ହୋଇପାରୁନାହିଁ। ଯଦି ବି ଆରମ୍ଭ ହେବ, ବିବାଦ ଭିତରେ ରହିବ ବୋଲି କହିଛନ୍ତି। ସେହିପରି ଜିଲ୍ଲାର ଅଧିକ ବ୍ଲକ୍‌ରେ ବିଜେଡି ଅଧ୍ୟକ୍ଷ ରହିଥିବା ବେଳେ ଅଧିକ ସଂଖ୍ୟକ ସରପଞ୍ଚ ମଧ୍ୟ ବିଜେଡି ଦଳର ରହିଛନ୍ତି। ତେଣୁ ଏହି ବିଷୟକୁ ନେଇ ବିଧାୟକ ଓ ସ୍ଥାନୀୟ ଅଧ୍ୟକ୍ଷ, ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ଭିତରେ ଟଣାଓଟରା ରହିଛି। ଫଳରେ ଜିଲ୍ଲାରେ 'ବିକଶିତ ଗାଁ ବିକଶିତ ଓଡିଶା' ଗାଡି ଅଟକି ରହିଥିବା ଆଲୋଚନା ହେଉଛି।

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda, dated 17/06/2025, I, Sri Purastam Handal, S/o- Damburu Handal, Village- Banur, Post- Atanda, PS.- Padua, Dist.- KORAPUT declare that, I have changed my name from **Purastam Ketria** to **Purastam Handal**. Henceforth, I shall be known as **Purastam Handal** for all purpose.
Sd/- Purastam Handal

**AFFIDAVIT**
By virtue of an affidavit no. 3333, dated 21.06.2025, sworn before the Notary Public, Sunabeda, I state that my name is wrongly recorded as Pramoda Kumar Senapati instead of Pramod Kumar Senapati in the matriculation certificate of my son Biswajit Senapati. That **Pramod Kumar Senapati** and **Pramoda Kumar Senapati** is one and same person.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda, dated 11/06/2025, I, Sri Sk Sakil, S/o- Sk Safi, Village- Tuduku Thuba, Post- Thuba-, PS.- Nandapur, Dist.- KORAPUT, declare that, I have changed my name from **Sekha Sakil** to **Sk Sakil**. Henceforth, I shall be known as **Sk Sakil** for all purpose.
Sd/- Sk Sakil

**AFFIDAVIT**
By virtue of an affidavit No.3674, Dtd.13.09.2024 sworn before the Executive Magistrate, Bahanaga I, **Sumati Das**, Adhar no. 308610245846, D/o. Gajendra Das, W/o. Ratikanta Malik, At. Talapada, Po. Dwarika, Ps. Khantapada, Dist. Balasore, Odisha, declare that before marraige I was known as **Sumati Das**, D/o. Gajendra Das and after marraige I am Known as **Sumati Malik**, W/o. Ratikanta Malik are one and same person.

**AFFIDAVIT**
By Virtue of an affidavit sworn before P.K Mishra (O.R.S) Executive Magistrate, Balasore. Sl No- 7238 Dt-20/06/2025. I Md.Muzammilur Rahman,S/o Md.Mohinuddin Ahmed of Village-Arad Bazar.Ps-Sahadevkhunta, Po/Dist-Balasore. Odisha. Declared that I have wrongly mentioned my daughter **Mahefuza Kaushar** C.B.S.E Board Certificate, that **Muzammilur Raheman** instead of **Md. Muzammilur Rahman**. Henceforth, I will be Known as **Md. Muzammilur Rahman** for all purpose.
Md.Muzammilur Rahman

**AFFIDAVIT**
By Virtue of an affidavit sworn before P.K Mishra (0. R.S) Executive Magistrate, Balasore .Sl No- 7238 Dt-20/06/2025.I Md.Muzammilur Rahman,S/o Md.Mohinuddin Ahmed of Village-Arad Bazar, Ps-Sahadevkhunta,Po/Dist-Balasore,Odisha. Declared that my wife's name wrongly mentioned my daughter **Mahefuza Kaushar** C.B.S.E Board Certificate, that **Kushnaz Raheman** instead of **Khoosnaz Raheman.** She shall be known as **Khoosnaz Raheman** for all purposes.
Md.Muzammilur Rahman

**AFFIDAVIT**
By virtue of an affidavit, I **Mithula Bhoi,** aged about 32 years, W/o- Jalandhar Bhoi, resident of Vill/Po: Gandabahali, Ps- Sinapali, Dist- Nuapada, Odisha, Pin- 766118 have declared that my real name is **Mithula Bhoi** which has recorded in my Voter Id Card, bearing No. NUA0903203, but in my Aadhar Card bearing No. 3093 4806 4621 my name has been wrongly mentioned as **Puspanjali Bhoi**. Henceforth, I want to correction my name as **Mithula Bhoi** instead of **Puspanjali Bhoi** in my Aadhar Card and for all purposes.
Mithula Bhoi

# ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସମସ୍ୟା ଶୁଣିଲେ ସ୍ନେହାଙ୍ଗିନୀ



**ଭେଡେନ, ୨୩।୬(ସମିସ):** ଅତାବିରା ଆରଏମସି ଅଧୀନସ୍ଥ ଅତାବିରା, ଲରମ୍ଭା, ପପଙ୍ଗା, ଖୁଣ୍ଟଲିପାଲି, ମହୁଲପାଲି, ରକ୍ଷୁଡା, ସିଆଲଖଣ୍ଡତା ଆଦି ଅନେକ ମଣ୍ଡିକୁ ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସୋମବାର ପରିଦର୍ଶନ କରିଛନ୍ତି। ମଣ୍ଡି ମାନଙ୍କରେ ଧାନ ବିକ୍ରିର ଅବ୍ୟବସ୍ଥା ଦେଖି ଉଦ୍‌ବେଗ ପ୍ରକାଶ କରିବା ସହ ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି। ଏ ପର୍ଯ୍ୟନ୍ତ ରକ୍ଷୁଡା ମଣ୍ଡିରେ ୪ହଜାର କ୍ୱିଣ୍ଟାଲ, ଖୁଣ୍ଟଲିପାଲିରେ ୩୮ହଜାର କ୍ୱିଣ୍ଟାଲ, ଲରମ୍ଭାରେ ୨୧ହଜାର କ୍ୱିଣ୍ଟାଲ, କ୍ୱିଣ୍ଟାଲ, ଅତାବିରାରେ ୫୩ହଜାର ମହୁଲପାଲିରେ ୩୭ହଜାର କ୍ୱିଣ୍ଟାଲ, ସିଆଲଖଣ୍ଡଥାରେ ୧୪ହଜାର କ୍ୱିଣ୍ଟାଲ ସମେତ ବିଭିନ୍ନ ମଣ୍ଡି ମାନଙ୍କରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ହେଲେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ମଣ୍ଡିରେ ନା ମିଲର୍ସଙ୍କ ଦେଖା ଅଛି ନା ଧାନ ଉଠୁଛି। ଚାଷୀଙ୍କ ଟୋକାନ ମଧ ଲାପ୍ସ ହେବା ସମୟ ଆସିଲାଣି। ଚାଷୀ ଧାନ ବିକ୍ରୟ କରି ପାରୁ ନାହାଁନ୍ତି। ଅଦିନିଆ ବର୍ଷାରେ ଚାଷୀଙ୍କ କଷ୍ଟରେ ଅର୍ଜିତ ଧାନ ମଣ୍ଡିରେ ପଡ଼ିରହି ନଷ୍ଟ ହେଲାଣି। ଏଥିପ୍ରତି ପ୍ରାଶାସନିକ ଅଧିକାରୀଙ୍କ ଦୃଷ୍ଟି ନାହିଁ ମନୋବୃତ୍ତି ନାହିଁ। କିଛିଦିନରେ ସରକାର ଧାନ କିଣିବା ବନ୍ଦ କରିଦେବେ। ଅଞ୍ଚଳର ଚାଷୀ ଧାନ ବିକ୍ରି ଅବ୍ୟବସ୍ଥା ମଧ୍ୟରେ ସରକାରଙ୍କ ଭୁଲ ନୀତି ଯୋଗୁଁ ମଣ୍ଡି ମାନଙ୍କରେ ବହୁ ମାତ୍ରାରେ କଟନି ଛଟନି ହେଉଥିବା ଅଭିଯୋଗ ଆଣିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଏବେବି ୪୦% ଧାନ ବିକ୍ରି ହେବା ବାକି ଅଛି। ସରକାର ଖାଲି ଧାନ କ୍ୱିଣ୍ଟାଲ ୮୦୦ ବଢ଼ାଇ ଦେଲେ ହେବ ନାହିଁ; ଚାଷୀଙ୍କ ସମ୍ପୂର୍ଣ୍ଣ ଧାନ ସରକାର କିଣିବାକୁ ଦାବି ହେଉଛି। ନହେଲେ ବିରାଟ ଆନ୍ଦୋଳନ କରାଯିବ ବୋଲି ଛୁରିଆ ପ୍ରକାଶ କରିଛନ୍ତି।

## ସିଦ୍ଧେଶ୍ୱର ମନ୍ଦିରରେ ନବୀନଙ୍କ ପାଇଁ ପ୍ରାର୍ଥନା



ଅତାବିରା, ୨୩।୬(ସମିସ): ସରଣ୍ଡା ସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ଶତାଧିକ ବିଜେଡି କର୍ମୀ ପୂଜାର୍ଚ୍ଚନା କରିବା ସହ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ଅତାବିରା ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, କୃଷକ ନେତା କୁଳମଣି ନାଏକ, ସଚିନ୍ଦ୍ର ପଣ୍ଡା, ଉର୍କୁଲୁ ତାଣ୍ଡି, ସୁଶାନ୍ତ ମିଶ୍ର, ବୁଲୁରଣା, ପ୍ରଶାନ୍ତ ମିଶ୍ର, ଶିବାଜି ନାଏକ, ପ୍ରକାଶ ସାହୁ, ସନାତନ ପ୍ରଧାନ, ଗଣେଶ ସାହୁ, ଏନ୍‌ଏସି ସଭାପତି ଯତୀନ ଦାସ, ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳା ମଣି ଖେତୀ, ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ଜିଲ୍ଲା ପରିଷଦ ସଭ୍ୟ ସୁଦାମ ଜାଲ, ରଞ୍ଜିତ ସାହୁ, ସମ୍ଭୁନାଥ ସେଟ୍, ସତ୍ୟଜିତ ପୁରୋହିତ, ପଦ୍ମିନୀ ଗଡ଼ତିଆ, ପିଙ୍କି ବଢ଼େଇ ପ୍ରମୁଖ ଉପସ୍ଥିତ ରହି ସାମୂହିକ ଦୀପଦାନ କରିଥିଲେ।

**● ଜାବ୍‌ର ସାଧାରଣ ସଭା**

## ସରକାର ସାମ୍ବାଦିକଙ୍କ ଦାବି ପୂରଣ କରନ୍ତୁ

**ବରଗଡ଼, ୨୩।୬(ସମିସ):** ଜର୍ଣ୍ଣାଲିଷ୍ଟ ଆସୋସିଏସନ ଅଫ ବରଗଡ଼ (ଜାବ)ର ସଭାପତି ରବି ପଣ୍ଡାଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ବଦ୍ରୀପ୍ରସାଦ ସାହୁଙ୍କ ସଂଯୋଜନାରେ ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗ ଦେଇଥିଲେ। "ସାମ୍ବାଦିକ ସମାଜର ବଳିଷ୍ଠ ଅଙ୍ଗ ଅଟନ୍ତି। ଖବର ପ୍ରସାରଣ ବେଳେ ସାମ୍ବାଦିକ ମାନେ ସବୁବେଳେ ସତ୍ୟନିଷ୍ଠ ହେବା ଜରୁରୀ" ବୋଲି ସେ କହିଥିଲେ।



ଏହାସହ ସାମ୍ବାଦିକଙ୍କ ଗଠନ ମୂଳକ ସମାଲୋଚନା ଫଳରେ ହିଁ ବ୍ୟବସ୍ଥାପକ ଜନ ସାଧାରଣଙ୍କ ପାଇଁ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ସଭାପତି ପ୍ରସନ୍ନ ମହାନ୍ତି ରାଜ୍ୟରେ ସାମ୍ବାଦିକ ମାନେ ବିଭିନ୍ନ ସମୟରେ ରାଜ୍ୟ ସରକାର ଓ ଶାସନ କଳ ଦ୍ୱାରା ପ୍ରତାରିତ ହେଉଥିବା କଥା କହିଥିଲେ। ସାମ୍ବାଦିକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଲାଗୁ କରିଥିବାରୁ ପୂର୍ବ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। କିନ୍ତୁ ବାରମ୍ବାର ଆଲୋଚନା ଓ ପ୍ରତିଶ୍ରୁତି ସତ୍ତ୍ୱେ ପୂର୍ବ ସରକାର ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କଲେ ନାହିଁ। ସାମ୍ବାଦିକଙ୍କ ପେନସନ ବ୍ୟବସ୍ଥା କଲେ ନାହିଁ କିମ୍ବା ଦୀର୍ଘ ୧୬ ବର୍ଷ ଧରି ପଡ଼ିରହିଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିକୁ ପୁନଃବିନ୍ୟାସ କଲେ ନାହିଁ। ତେଣୁ ଯଥାଶୀଘ୍ର ବର୍ତ୍ତମାନର ସରକାର ଉପରୋକ୍ତ ଦାବି ଗୁଡିକ ପୂରଣ କରିବାକୁ ଶ୍ରୀ ମହାନ୍ତି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ



**ଦେବଗଡ଼, ୨୩।୬ (ସମିସ):** ବାରକୋଟ ତହସିଲରେ ଅତିରିକ୍ତ ତହସିଲଦାର ଭାବେ ଶିବବ୍ରତ ନାୟକ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ନାୟକ ପୂର୍ବରୁ ବାଲେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ଯୋଗଦାନରେ କାର୍ଯ୍ୟାଳୟର କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା



**ଝାରସୁଗୁଡ଼ା, ୨୩।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ବିଜୁ ଜନତା ଦଳ ତରଫରୁ କୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଝାରସୁଗୁଡା ଝଣ୍ଡାଛକ ସ୍ଥିତ ହନୁମାନ ମନ୍ଦିରରେ ସାମୂହିକ ଦୀପ ଜଳାଇ ପୂଜାର୍ଚ୍ଚନା କରାଯାଇଛି।କାର୍ଯ୍ୟକ୍ରମରେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ଝାରସୁଗୁଡା ଜିଲ୍ଲା ବିଜେଡ଼ି ସଭାପତି ହରିଷ ଗଣତ୍ରାଙ୍କ ସମେତ ଅନେକ ବିଜେଡି ନେତା ଓ କର୍ମୀଙ୍କ ସହିତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୀଘ୍ର ଆରୋଗ୍ୟ ପାଇଁ ସାମୂହିକ ଦୀପ ପ୍ରଜ୍ୱଳନ କରାଯାଇ ପ୍ରାର୍ଥନା କରାଯାଇଥିଲା। ସେହିପରି ଭାବରେ ବେଲପାହାଡ଼ ଠାରେ ଗୁମାଡେରାସ୍ଥିତ ବାଟ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ପ୍ରଦୀପ ପ୍ରଜ୍ୱଳନ ଓ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସମ୍ଭୁ ମହାନ୍ତି, ମହିଳା ସଭାନେତ୍ରୀ ରତ୍ନା ବିଶ୍ୱାସ, ରବି ଗୌର, ବାପୁ ସେଠୀ, ସୁମନ୍ତ ସାମନ୍ତରାୟ, ବ୍ରଜେଶ ମହାନ୍ତି, ରାଜେଶ ଭୋଇ, ଯୁବ ଛାତ୍ର ଦିଲୀପ ଧରୁଆ ଦିନେଶ କରାଲି, ମହିଳା ସଭାନେତ୍ରୀ ରଞ୍ଜିତା ବିଶ୍ୱାଳ, ଜସବୋନ୍ତି ବେହେରା, ଶିଳା ପ୍ରଧାନ, ବବିତା ପଟ୍ଟନାୟକ, ହେମ କରାଳି, ବସନ୍ତ ମହାନ୍ତି, ସଞ୍ଜୟ ସହୁ, ସନ୍ତୋଷ ଲାଲ, ସିତୁ ପଟ୍ଟନାୟକ, ମୋହିତ ଜୟପୁରୀୟଙ୍କ ସମେତ ଅନେକ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ଝାଡୁଦାରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଦେବଗଡ଼, ୨୩।୬(ସମିସ): ତିଳେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଆଠ ଜଣ ଝାଡୁଦାରଙ୍କୁ ଗତ ପ୍ରାୟ ତିନିମାସ ହେବ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉନଥିବା ପ୍ରତିବାଦରେ ସୋମବାର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଝାଡୁଦାର କାର୍ଯ୍ୟବନ୍ଦ ଆନ୍ଦୋଳନ କରି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାଇ ତିଳେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝାଡୁଦାର ପଦବୀରେ ନିଯୁକ୍ତ ଟୁନା ବେହେରା, ରଇବାରୀ ନାଏକ, ରାଜନ ନାଏକ, ଉତ୍କଳ ମଙ୍ଗର, ଲିଙ୍ଗରାଜ ସିଣ୍ଡ୍ରିଆ, ଅଜୟ ସାହୁ ଓ ବୁଲୁ ନାଏକ ପ୍ରମୁଖ ଦୀର୍ଘ ସମୟରୁ ତିଳେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝାଡୁଦାର ପଦବୀରେ ନିଯୁକ୍ତି ପାଇ ପ୍ରତିଦିନ ନିଜ ଦାୟିତ୍ୱ ତୁଲାଇ ଆସୁଛନ୍ତି। ମାତ୍ର ଗତ ପ୍ରାୟ ତିନିମାସ ହେବ ଉପରୋକ୍ତ କର୍ମଚାରୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳୁନଥିବାରୁ ସେମାନଙ୍କ ପରିବାର ପ୍ରତିପୋଷଣରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ନ ମିଳିବାରୁ ଆଜି ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଥିଲେ। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡୁଦାରଙ୍କ ଆନ୍ଦୋଳନ ସୂଚନା ପାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଆଗାମୀ ତିନି ଦିନ ମଧ୍ୟରେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ହାଇକୋର୍ଟଙ୍କ ଗ୍ରାଚ୍ୟୁଇଟି ଅଧିନିୟମ ଅନୁପାଳନ ପାଇଁ ନିର୍ଦ୍ଦେଶ

**ବରଗଡ଼, ୨୩।୬(ସମିସ):** ଓଡ଼ିଶା ହାଇକୋର୍ଟଙ୍କ ଏକକ ବେଞ୍ଚ ବିଚାରପତି ଆଦିତ୍ୟ ମହାପାତ୍ର ସୋମବାର ସମବାୟ ବ୍ୟାଙ୍କ ମାନଙ୍କ ଦ୍ୱାରା ଗ୍ରାଚ୍ୟୁଇଟି ଆଇନ ଉଲ୍ଲଙ୍ଘନ ସମ୍ପର୍କୀୟ ତିନିଟି ରିଟ୍ ଆବେଦନ ଉପରେ ଶୁଣାଣି କରି ରାୟ ଦେଇଛନ୍ତି। ଏଥିରେ ପ୍ରଧାନ ସଚିବ, ଶ୍ରମ ଓ ଇଏସ୍‌ଆଇ ବିଭାଗ, ଶ୍ରମ ଆୟୁକ୍ତ, ସମବାୟ ସମିତି ସମୂହ ନିବନ୍ଧକ ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ସମ୍ବଲପୁର ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନୋଟିସ୍ ଜାରି କରିଛନ୍ତି।

ଏହି ମାମଲା ଅଧୀନ ରିଟ୍ ଗୁଡିକ ଅଲ୍ ଓଡ଼ିଶା ସେଣ୍ଟ୍ରାଲ୍ କୋଅପରେଟିଭ୍ ବ୍ୟାଙ୍କ କର୍ମଚାରୀ ଫେଡେରେସନ ତରଫରୁ ବିଷ୍ଣୁ ମହାନ୍ତି, ଅଲ୍ ଓଡ଼ିଶା ସେଣ୍ଟ୍ରାଲ୍ କୋଅପରେଟିଭ୍ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ଆସୋସିଏସନ୍ ତରଫରୁ ଅଟଳ ବିହାରୀ ଶତପଥୀ ଏବଂ ବରଗଡ଼ର ବୈଷ୍ଣୋଦେବୀ ସମବାୟ ପେନ୍‌ସନର୍ସ ଆସୋସିଏସନ୍ ତରଫରୁ ସୁଶାନ୍ତ ପାଣିଗ୍ରାହୀଙ୍କ ଦ୍ୱାରା ମାମଲା ଦାୟର ହୋଇଥିଲା। ମାମଲାରେ ଅଭିଯୋଗ ହେଉଛି ଯେ, ଓଡ଼ିଶାର ସମସ୍ତ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଗୁଡ଼ିକ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ, ବରଗଡ଼ ବର୍ଷ ବର୍ଷ ଧରି ପେମେଣ୍ଟ ଅଫ୍ ଗ୍ରାଚୁଇଟି ଆକ୍ଟ, ୧୯୭୨ର ଉଲ୍ଲଂଘନ କରି ଚାଲିଛନ୍ତି। କର୍ମଚାରୀଙ୍କୁ ସେମାନଙ୍କର ଗ୍ରାଚ୍ୟୁଇଟି ପରିମାଣ ପ୍ରଦାନରେ ଅବହେଳା କରି ଆସୁଛନ୍ତି। ସମ୍ବଲପୁର ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ୪୦ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ସହିତ ୫୦୦ରୁ ଅଧିକ ବିଭିନ୍ନ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ଏବଂ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଓ ମୃତ କର୍ମଚାରୀ ଏହି ଅବହେଳା ଗ୍ରାଚ୍ୟୁଇଟି ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ଶ୍ରମ ବିଭାଗର ଅଧିକାରୀମାନେ ବର୍ଷ ବର୍ଷ ଧରି ଗ୍ରାଚ୍ୟୁଇଟି ପ୍ରଦାନ ଅଧିନିୟମ ୧୯୭୨ର ଧାରା ୭ଏ ଓ ୭ବି ଅନୁଯାୟୀ ସମବାୟ ବ୍ୟାଙ୍କ ମାନଙ୍କର କୌଣସି ନିରୀକ୍ଷଣ କରିନାହାନ୍ତି। ଏହାକୁ ହାଇକୋର୍ଟ ବୈଧାନିକ ବିଫଳତା ଭାବେ ଚିହ୍ନଟ କରିଛନ୍ତି। ସମବାୟ ସମିତି ନିବନ୍ଧକଙ୍କ ଉପରେ ବି ଅଭିଯୋଗ ହେଉଛି ଯେ ସେ ଅନେକ ଅଭିଯୋଗ ଓ ଅନୁରୋଧ ସତ୍ତ୍ୱେ ଆଇନ ଅନୁଯାୟୀ ପଦକ୍ଷେପ ନେଇନାହାନ୍ତି। ଏହି ତିନିଗୋଟି ମାମଲାରେ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ତରଫରୁ ଅଧିବକ୍ତା ସୌଗତ ଦାଶ ଯୁକ୍ତି ଉପସ୍ଥାପନ କରିଥିଲେ।

# ବିବାହର ତିନିମାସ ପରେ ନବବଧୂକୁ ହତ୍ୟା

**ଅଭିଯୋଗର ଦୁଇ ବର୍ଷ ପରେ ବଡ଼ ଯା ଗିରଫ**





**ଦେବଗଡ଼, ୨୩।୬(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅନ୍ତର୍ଗତ ବରଘାଟ ଗ୍ରାମରେ ଗତ ୨୦୨୩ ମସିହା ଜୁନ ୧୩ ତାରିଖ ଦିନ ଜଣେ ନବ ବିବାହିତାଙ୍କୁ ବିବାହର ତିନି ମାସ ପରେ ଶ୍ୱଶୁର ଘର ଲୋକ ହତ୍ୟା କରିଥିବା ନେଇ ରିଆମାଳ ଥାନାରେ ମୃତ ନବବଧୂଙ୍କ ମା'ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଦଫା ୪୯୮(ଇ)/୩୦୨ ଓ ୩୪ ଆଇପିସିରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତ ନବବଧୂର ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ, ଭିସେରା ରିପୋର୍ଟକୁ ଅପେକ୍ଷା କରିଥିଲା ଭୁବନଶ୍ୱର ସ୍ଥିତ ଫୋରେନସିକ ଲ୍ୟାବ ରିପୋର୍ଟରେ ନବବଧୂ ମୃତ୍ୟୁର କାରଣ ବିଷକ୍ରିୟା ବୋଲି ସ୍ପଷ୍ଟ ହେବା ପରେ ଆଜି ରିଆମାଳ ଥାନା ପୁଲିସ ଅଭିଯୁକ୍ତ ବଡ଼ ଯା କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଆଜି ଅଭିଯୁକ୍ତ ବଡ଼ ଯା'କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଗତ ୨୦୨୩ ମସିହା ମାର୍ଚ୍ଚ ୧୦ ତାରିଖ ଦିନ ଦେବଗଡ଼ ଥାନା ତିଳେଇବଣି ଫାଣ୍ଡି ଅନ୍ତର୍ଗତ କପାସିରା ଗ୍ରାମର ଝସକେତନ ପ୍ରଧାନଙ୍କ ବଡ଼ ଝିଅ ପୂଜା ପ୍ରଧାନ ରିଆମାଳ ଥାନା ବରଘାଟ ଗ୍ରାମର କାଳିନ୍ଦ୍ରୀ ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। କିଛିଦିନ ପରେ ପୂଜାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ସେ ଚିକିତ୍ସିତ ହେଉଥିଲେ। ତେବେ ବିବାହର ମାତ୍ର ତିନି ମାସ ପରେ ଜୁନ ୧୨ ତାରିଖ ଦିନ ଝିଅ ପୂଜାର ଅସୁସ୍ଥତା ଖବର ପାଇ ମାଆ ଝରଣା ପ୍ରଧାନ ଝିଅ ପାଖକୁ ଯାଇଥିଲେ। ସେଠାରେ ପୂଜାର ବିଧବା ବଡ଼ ଯା'ମମତା ମାଝୀ ପୂଜାକୁ ଗ୍ଲୁକୋଜ ପିଇବାକୁ ଦେଇଥିଲେ।ଏହା ପିଇବା ସମୟରେ ପୂଜା ତାଙ୍କ ବଡ଼ ଯା'କୁ ଗ୍ଲୁକୋଜ ପାଣି କେମିତି ଗନ୍ଧ ହେଉଥିବା କହିବାରୁ ବଡ଼ ଯା'ମମତାତୁ ବିଭିନ୍ନ ଔଷଧ ଖାଉଥିବାରୁ ଏ ଭଳି ଗନ୍ଧ ହେଉଥିବା କହି କଥାକୁ ବୁଲେଇ ଦେଇଥିଲେ। ଅନ୍ୟପକ୍ଷରେ ପୂଜା ଗନ୍ଧ ଯୁକ୍ତ ଗ୍ଲୁକୋଜ ପାଣିକୁ ଅଧାରୁ ଅଧିକ ପିଇଦେବା ପରେ ସେ ଅଧିକ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ପୂଜାକୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରିଥିଲେ ମଧ ଅବସ୍ଥା ଶଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ମାତ୍ର ବୁର୍ଲା ପହଞ୍ଚିବା ବେଳକୁ ଡାକ୍ତର ପୂଜାକୁ ମୃତ ଘୋଷଣା କରିଥିଲେ।ତେବେ ବିଧବା ବଡ଼ ଯା' ମମତାର ଗୋଟିଏ କନ୍ୟା ସନ୍ତାନ ଥିବା ବେଳେ ସ୍ୱାମୀର ମୃତ୍ୟୁପରେ ଦିଅର କାଳିନ୍ଦ୍ରୀକୁ ସ୍ୱାମୀ ଭାବେ ଗ୍ରହଣ କରିବାକୁ ଚାହିଁଥିଲା। ମାତ୍ର ଦିଅର କାଳିନ୍ଦ୍ରୀ ପୂଜାକୁ ବିବାହ କରିବା ପରେ ମମତା ପ୍ରତିଶୋଧ ପରାୟଣ ହୋଇ ପଡ଼ିଥିଲା। ତେବେ ନବବଧୂ ପୂଜାର ଅସୁସ୍ଥତା ସୁଯୋଗରେ ଗ୍ଲୁକୋଜ ଦେବା ଆଳରେ ବଡ଼ ଯା' ମମତା ଗ୍ଲୁକୋଜରେ ବିଷ ମିଶାଇ ପୂଜାକୁ ହତ୍ୟା କରିବା ଷଡ଼ଯନ୍ତ୍ର କରି ସଫଳ ହୋଇଥିଲେ ମଧ୍ୟ ପୁଲିସ ତଦନ୍ତରୁ ବର୍ତ୍ତି ପାରିନଥିଲା। ପୁଲିସ ଆଗରେ ନିଜ ଦୋଷ ସ୍ୱୀକାର କରିବା ପରେ ଆଜି ଠାରୁ ନୂଆ ଠିକଣା ଦେବଗଡ଼ ସ୍ୱତନ୍ତ୍ର ଉପକାରାଗାରରେ ପହଞ୍ଚିଛି ଅଭିଯୁକ୍ତ ମମତା।

## ନିଶା ଦ୍ରବ୍ୟ ଜବତ ସହ ୪ ଗିରଫ

ଦହିତା, ୨୩।୬(ସମିସ): ପଦ୍ମପୁର ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବରଙ୍କ ନିର୍ଦ୍ଦେଶକ୍ରମେ ବୁଡେନ ପୁଲିସ ସୁଲିଆ ଗାଁର ବିଭିନ୍ନ ଢ଼ାବା ଉପରେ ଚଢ଼ଉ କରିଛି। ଏଥିରେ ବ୍ୟାପକ ମାତ୍ରାରେ ମଦ ଓ ନିଶା ଦ୍ରବ୍ୟ ଜବତ କରି ୪ ଜଣ ମାଫିଆଙ୍କୁ ଗିରଫ କରିବା ସହ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉମା ଢାବାରୁ ୫୩ ବୋତଲ, କ୍ରିଷ୍ଣା ଢାବାରୁ ୪୩ ବୋତଲ, ନାଏକ ଢାବାରୁ ୩୯ ବୋତଲ ଏବଂ ୧୯୦ ପାଉଚ ମଦ ଜବତ କରାଯାଇଥିବା ପଦ୍ମପୁର ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବର ସୂଚନା ଦେଇଛନ୍ତି।

## ଘର ଓ ଦୋକାନ କବାଟ ଭାଙ୍ଗି ଚୋରି

ଦେବଗଡ଼, ୨୩।୬(ସମିସ): ଦେବଗଡ଼ ଥାନା ଅନ୍ତର୍ଗତ ପଳସାକୁଦର ଗ୍ରାମରେ ଘରେ ଅନୁପସ୍ଥିତର ସୁଯୋଗରେ ଜଣେ ବ୍ୟକ୍ତିଙ୍କ ଘର କବାଟ ଓ ଦୋକାନ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାଇ ପଳସାକୁଦର ଗ୍ରାମର ରାଜେଶ ଅମାନ୍ତ ଗତ ୧୯ ତାରିଖରେ ଘରେ ତାଲା ପକାଇ ପରିବାର ସହ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ତେବେ ଆଜି ସକାଳେ ତାଙ୍କ ଜଣେ ସମ୍ପର୍କୀୟ ତାଙ୍କୁ ଫୋନ ଯୋଗେ ତାଙ୍କ ଘର ତାଲା ଭଙ୍ଗାଯାଇଥିବା ନେଇ ସୂଚନା ଦେଇଥିଲେ। ସୂଚନା ପାଇ ରାଜେଶ ନିଜ ଘରକୁ ଆସି ଦେଖିବା ବେଳକୁ ତାଙ୍କ ଘର କବାଟ ତାଲା ଭଙ୍ଗା ଯାଇ ସୁନା ଚେନ, ମୁଦି ଓ ନଗଦ ପ୍ରାୟ ଅଢେଇଲକ୍ଷ ଟଙ୍କା ଚୋରି ହୋଇଯାଇଛି। ସେହିପରି ପଳସାକୁଦର ଗ୍ରାମରେ କପଡ଼ା ଦୋକାନ ଦେଇଥିବା ବଣିଆକିଲିଣ୍ଡା ଗ୍ରାମର ବାସନ୍ତୀ ସମାଦଙ୍କ କପଡ଼ା ଦୋକାନରୁ ପ୍ରାୟ ୩୦ ହଜାର ଟଙ୍କାର ସାମଗ୍ରୀ ମଧ ଚୋରି ହୋଇଛି।

## କୀର୍ତ୍ତନ ବାହାକ ବିଧାନ ବିଶିଙ୍କ ପରଲୋକ

ଝାରସୁଗୁଡ଼ା, ୨୩।୬(ସମିସ):ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକର କିରିତମାଲ ଗ୍ରାମର ବିଶିଷ୍ଟ କୀର୍ତ୍ତନ ବାହାକ ବିଧାନ ବିଶିଙ୍କ (୪୭) ରବିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କର ଦୁଇ ପୁଅ ମଧ୍ୟରେ ବଡ଼ ପୁଅ ଆସାମ ରାଇଫଲରେ ନିକଟରେ ଯୋଗଦେଇ ତାଲିମ ଗ୍ରହଣ କରୁଛନ୍ତି। ବିଧାନ ବିଶି କୀର୍ତ୍ତନ୍ୟ ଚମତ୍କାର ଶୈଳୀରେ ମୃଦଙ୍ଗ ବଜାଇ ଓଡ଼ିଶା ଏବଂ ଛତିଶଗଡ଼ ଅଞ୍ଚଳରେ ଲୋକପ୍ରିୟ ହୋଇ ପାରିଥିଲେ। ୧୬ ତାରିଖ ସୋମବାର ଦିନ ହଠାତ ବେହୋସ ହୋଇଯିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ବୁର୍ଲା ହସ୍ପିଟାଲକୁ ନେଇଥିଲେ। ତେବେ ଚିକିତ୍ସାରେ ବିଶେଷ ଅଗ୍ରଗତି ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା।ମାତ୍ର ସେଠାରେ ଆଇସିୟୁର ଅଭାବ ଯୋଗୁଁ ପୁନର୍ବାର କିମ୍ସ ହସ୍ପିଟାଲ ରେ ଆଇସିୟୁରେ ରଖି ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଥିଲା। ମସ୍ତିଷ୍କାଘାତ ଜନିତ ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ଅନ୍ତିମ ଯାତ୍ରା ଶତାଧିକ କୀର୍ତ୍ତନ ପ୍ରେମୀ ଏବଂ ଗ୍ରାମବାସୀ ଯୋଗ ଦେଇ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ବଡ଼ପୁଅ ଅନିଲ ଅନୁପସ୍ଥିତରେ ସାନପୁଅ ସୁନୀଲ ମୁଖାଗ୍ନି ଦେଇଥିଲେ।

## ଜୁଲାଇ ୧ରୁ ହକି ପ୍ରଶିକ୍ଷଣ ଶିବିର

ଝାରସୁଗୁଡା, ୨୩।୬(ସମିସ):ଆସନ୍ତା ଜୁଲାଇ ୧ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡା ଜିଲ୍ଲା ହକି ଆସୋସିଏସନ ପକ୍ଷରୁ ବାଳକ, ବାଳିକା (୧୬ବର୍ଷ) ବୟସ ବର୍ଗରେ ହକି ପ୍ରଶିକ୍ଷଣ ଶିବିର ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ପଡ଼ିଆରେ ଆରମ୍ଭ ହେବ। ଜିଲ୍ଲାରେ ଥିବା ସ୍କୁଲ ଗୁଡିକ ୨୮ ତାରିଖ ପୂର୍ବରୁ ବାଳକ, ବାଳିକା ମାନଙ୍କର ସର୍ବାଧିକ ୫ ଜଣଙ୍କ ନାମ ପଞ୍ଜିକୃତ କରିପାରିବେ। ଜୁଲାଇ ୧ ତାରିଖ ସକାଳ ୧୧ଟା ସୁଦ୍ଧା ଖେଳାଳିମାନେ ନିଜର ଆଧାରକାର୍ଡ ସହିତ ଯାନ୍ତ୍ରିକ ବିଦ୍ୟାଳୟରେ ଉପସ୍ଥିତ ହେବେ। ଯେଉଁ ବାଳକ, ବାଳିକାମାନେ ପୂର୍ବ ବର୍ଷ ପ୍ରଶିକ୍ଷଣ ନେଇଛନ୍ତି ସେମାନେ ଏଥିରେ ଅଂଶ କରି ପାରିବେ ନାହିଁ। ସେମାନଙ୍କ ପାଇଁ ଡିସେମ୍ବର ମାସରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସ୍କୁଲର ପ୍ରଧାନ ଶିକ୍ଷକଙ୍କ ମାଧ୍ୟମରେ ନାମାଙ୍କନ ଝାରସୁଗୁଡା ଜିଲ୍ଲା ହକି ଆସୋସିଏସନର ପ୍ରଶିକ୍ଷକ ଶକୁନ ନାୟକ ୭୭୫୦୯୯୧୭୪୮ ଓ କ୍ରୀଡ଼ା ଶିକ୍ଷକ ସୁଶାନ୍ତ ବେହେରା ୯୦୪୦୦୦୦୯୨୯ଙ୍କ ପାଖକୁ ପଠାଇ ପାରିବେ। ନଚେତ୍ ଜିଲ୍ଲା ସମୂହ କ୍ରୀଡା ଶିକ୍ଷା ଅଧିକାରୀ ବିମଳ କୁମାର ତାଣ୍ଡି ଙ୍କର ସହିତ ଯୋଗାଯୋଗ କରି ବିଶେଷ ବିବରଣୀ ପାଇ ପାରବେ। ବାଳକ, ବାଳିକା ମାନଙ୍କର ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟର ଭିନ୍ନ ଭିନ୍ନ ହଷ୍ଟେଲରେ ରହିବାର ବ୍ୟବସ୍ଥା କରାଯାଇଛି ବୋଲି ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ପ୍ରକାଶ କରିଛନ୍ତି।

## ଢାବାରେ ପଚା ଖାଦ୍ୟ: ଖାଦ୍ୟ ନିରୀକ୍ଷକଙ୍କ କାର୍ଯ୍ୟାନୁଷ୍ଠାନ ଶୂନ

ପଦ୍ମପୁର, ୨୩।୬(ସମିସ): ଖାଦ୍ୟ ନିରୀକ୍ଷକଙ୍କ କାର୍ଯ୍ୟାନୁଷ୍ଠାନ କିଛି ହେଉ ନ ଥିବାରୁ ଅନେକ ଢ଼ାବାରେ ଲୋକମାନେ ପଚା ଖାଦ୍ୟ ଖାଇ ଅସନ୍ତୁଷ୍ଟ ହୋଇ ଫେରୁଛନ୍ତି। କେବଳ ଖାଦ୍ୟର ମାନ ପରୀକ୍ଷଣ ପାଇଁ ଫୁଡ୍ ଇନ୍ସପେକ୍ଟର ନିଯୁକ୍ତ ହୋଇଛନ୍ତି। ଅଦ୍ୟାବଧି ତାଙ୍କର କୌଣସି କାର୍ଯ୍ୟ ଦେଖାଯାଇ ନାହିଁ। ପଦ୍ମପୁର ଅଞ୍ଚଳର କେତେକ ଢ଼ାବାରେ ୨/୩ ଦିନର ବାସି ପଚା ଖାଦ୍ୟ ସାମଗ୍ରୀ ଫ୍ରିଜରେ ରଖି ଖାଇବାକୁ ଦେଉଛନ୍ତି। ଲୋକମାନେ ଅଧିକ ଦାମ ଦେବା ସତ୍ତ୍ୱେ ରୋଗର ଶିକାର ହେଉଛନ୍ତି। ତେଣୁ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପଦ୍ମପୁର ସାମାନ୍ୟ ବର୍ଷାରେ ବନ୍ୟାର ଭ୍ରମ

ପଦ୍ମପୁର, ୨୩।୬(ସମିସ): ପଦ୍ମପୁର ସହରର ସାମାନ୍ୟ ବର୍ଷାରେ ମାନଚିତ୍ର ପରିବର୍ତ୍ତନ ହୋଇଯାଉଛି। ବିଧିବଦ୍ଧ ଯୋଜନା ଅନୁସାରେ ସହର ଡ୍ରେନ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ପାଣି ଯାଉଛି। ଡ୍ରେନରେ ମଇଳା, ପ୍ଲାଷ୍ଟିକ, ଅନାବନା ଗଛ ଜମା ହୋଇରହିଛି। ତେଣୁ ବର୍ଷା ପାଣି ତାର ଗତିପଥ ପରିବର୍ତ୍ତନ କରୁଛି। ଗଳିରାସ୍ତା ଉପରେ ପାଣି ଯାଉଥିବାରୁ ବନ୍ୟାର ଭ୍ରମ ସୃଷ୍ଟି କରୁଛି। କିଛି ସମୟ ପରେ ପାଣି ଶୁଖିଗଲେ, ରାସ୍ତା ଉପରେ କାଦୁଅ, ମଇଳା ଜମା ହୋଇରହୁଛି। ଏନଏସି ଡ୍ରେନ ସଫା ନ କଲେ ଭବିଷ୍ୟତରେ ଜନସାଧାରଣ ଅସୁବିଧା ସମ୍ମୁଖୀନ ହେବେ। ସାମାନ୍ୟ ବର୍ଷାରେ ସହର ଅବସ୍ଥା ଏପରି ଥିବା ସ୍ଥଳେ ଆଗକୁ ପ୍ରବଳ ବର୍ଷାରେ ଅବସ୍ଥା କଣ ହେବ ସହଜେ ଅନୁମେୟ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼, ୨୩।୬(ସମିସ):ବାରକୋଟ ବ୍ଲକ କେଲ୍ଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଶିବିରରେ ଯୋଗଦେଇ ୨୬ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୭ଟି ବ୍ୟକ୍ତିଗତ ଏବଂ ୧୯ ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ବିଶେଷ କରି ଜମି ଚିହ୍ନଟ, ଗ୍ରାମକୁ ରାସ୍ତା, ସୁଭଦ୍ରା ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଓ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଅତିରିକ୍ତ ବନ ସଂରକ୍ଷକ ଅରୁଣ କୁମାର ବେହେରା, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରି ସିଦ୍ଧେଶ୍ୱର ନାୟକ, ତହସିଲଦାର ରବୀନ୍ଦ୍ର କୁମାର ସାମଲ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମଲେଇ ଓ ଜଗନ୍ନାଥ ମନ୍ଦିରରେ ସମୂହ ଦୀପଦାନ



**ସମ୍ବଲପୁର, ୨୩।୬ (ସମିସ) :** ବିଜୁ ଜନତା ଦଳ ସୁପ୍ରିମୋ, ସାଢ଼େ ଚାରିକୋଟି ଓଡ଼ିଆଙ୍କ ପ୍ରିୟ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଆଜି ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୋମାଲୋଇସ୍ଥିତ ସମଲେଇ ମନ୍ଦିର ଓ ଗୋଶାଳା ଏସ୍ଏଲ୍‌ବି ଫାର୍ମସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ନିବେଦିତ କାର୍ଯ୍ୟକ୍ରମରେ ବୋମାଲୋଇ ଠାରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡ଼ିଆ, ରେଙ୍ଗାଲି ବ୍ଲକ ଚେୟାରମେନ ସତ୍ୟନାରାୟଣ ଅଗ୍ରୱାଲ, ଯୁବ ସଭାପତି ଦୟାନିଧି ଭଇଁସାଲ, ଛାତ୍ର ସଭାପତି ବେଦବ୍ୟାସ ରାଉତ, ବରିଷ୍ଠ ନେତା ଜିତେନ୍ ପଣ୍ଡା, ଅଶୋକ ଗୁରୁ, ମୁରାରି ବିଶ୍ୱାଳ, ଶଶୀଭୂଷଣ ସାହୁ, ନାରାୟଣ ଶର୍ମା, ମୁକୁନ୍ଦ ବେହେରା, ଶେଷଦେବ ପଧାନ, ଗୋପାଳ ପଣ୍ଡା, ରାଜେଶ ପୃଷ୍ଟି, ହେମନ୍ତ ଦାସ, ସଞ୍ଜୟ ଓରାମ, ସହଦେବ ଓରାମ, ଯୁଗଳ ବନଛୋର, ପ୍ରମୋଦ ଓରାମ, ନାରୀନେତ୍ରୀ ସୁଶୀଳା ପାଣ୍ଡେ, ରୀତା ସୁନାନୀ, ମିତା ମେହେର, ଜୁବି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗୋଶାଳା ଜଗନ୍ନାଥ ମନ୍ଦିରଠାରେ କର୍ଡୋଲା ସରପଞ୍ଚ ଗୋରେଖ ରାଉତ, କୁଦ୍‌ଗୁଣ୍ଡେରପୁର ସରପଞ୍ଚ ମୃତ୍ୟୁଞ୍ଜୟ ପୁରୋହିତ, ଯୁବନେତା ଜିତୁ ମିଶ୍ର, ଗୁରୁ ସିଂ, ଅକ୍ଷୟ ସ୍ୱାଇଁ, ହେମନ୍ତ ମହାନନ୍ଦ, ଅରୁଣ ନାୟକ, ବରିଷ୍ଠ ନେତା ଦେବାନନ୍ଦ ଦେବତା, ବୁଲୁ ଦେବତା, ଜାନୁ ମିଶ୍ର, ସୁଜିତ ସାହୁ, ଧରଣୀ ପ୍ରଧାନ, ପବିତ୍ର ସ୍ୱାଇଁ, ନାରୀ ନେତ୍ରୀ ଚନ୍ଦ୍ରକାନ୍ତି ନାଗ, କୁନି ମିଶ୍ର, ଲକ୍ଷ୍ମୀପ୍ରିୟା ପ୍ରଧାନ ତଥା ନିର୍ବାଚନ ମଣ୍ଡଳୀର ବହୁସଂଖ୍ୟାରେ ବିଜେଡି କର୍ମୀ, ମହିଳା ଓ ଯୁବକ ସାମିଲ ହୋଇ ସଂକୀର୍ତ୍ତନ କରି ମା' ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କଠାରେ ନିଜ ପ୍ରିୟ ନେତାଙ୍କ ମଙ୍ଗଳ କାମନା କରିଥିଲେ।

# ଜୁଲାଇ ୧୨ରେ ଜାତୀୟ କବି ସମ୍ମିଳନୀ, ୪ ରାଜ୍ୟରୁ ଯୋଗଦେବେ କବି

**ସମ୍ବଲପୁର, ୨୩।୬(ସମିସ)**



କଲମ ପରିବାର ଟ୍ରଷ୍ଟ ସମ୍ବଲପୁର ଓ ଆସାମ ଗୁଆହାଟିର ଆଜିର୍ କବିତା ଅନୁଷ୍ଠାନ ମିଳିତ ଉଦ୍ୟମରେ ଜୁଲାଇ ୧୨ ଓ ୧୩ ତାରିଖ ଦୁଇଦିନିଆ ଜାତୀୟ କବି ସମ୍ମିଳନୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ କବିଙ୍କ ସମେତ ଆସାମ, ତ୍ରିପୁରା, ଦିଲ୍ଲୀ ତଥା ପଶ୍ଚିମବଙ୍ଗର ୪୫ ଜଣ କବି ଯୋଗଦେବେ। ଏନେଇ ରବିବାର ସାମ୍ବାଦିକ ଭବନରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜାତୀୟ କବି ସମ୍ମିଳନୀ ଅନ୍ୟ ଭାଷା ସହ 'ସମ୍ବଲପୁରୀ'ର ସମନ୍ୱୟ ସହ ସମ୍ବଲପୁରୀ ଭାଷାର ବ୍ୟାପକ ପ୍ରଚାର ପ୍ରସାରରେ ସହାୟକ ହେବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବିଶିଷ୍ଟ ସାହିତ୍ୟିକ ଡଃ ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମର ଆୟୋଜନ ପାଇଁ କାର୍ଯ୍ୟକାରୀ କମିଟି, ସେମିନାର, ଅଭ୍ୟର୍ଥନା ଓ କବିତା ପାଠ ଉପସମିତି ଗଠିତ ହୋଇଥିଲା। କାର୍ଯ୍ୟକାରୀ ସମିତିରେ ଡଃ ପଣ୍ଡାଙ୍କ ସହ ଦୀପକ କୁମାର ପଣ୍ଡା, ଲକ୍ଷ୍ମୀ ନାରାୟଣ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ସୁବାସ ପାଣିଗ୍ରାହୀ, ତଫିଜୁଲ ହୁସେନ, କ୍ଷେତ୍ରମଣି ବିଭାର ଏବଂ ଜୟକୃଷ୍ଣ ବେହେରା ରହିଛନ୍ତି। ସେହିପରି ସେମିନାର ଉପସମିତିରେ ଡଃ ସତ୍ୟନାରାୟଣ ଠାକୁର, ବିଭୂତି ଭୂଷଣ ମିଶ୍ର, ଡଃ ପଦ୍ମାଳୟା ପଣ୍ଡା, ଡଃ ସୁଧାଂଶୁ ଭୂଷଣ ଷଣ୍ଢ, ପୁତୁଲ ସୁପ୍ରିୟା ଦାସ ଏବଂ ଶଙ୍କର ବେହେରା ରହିଛନ୍ତି। ସେହିପରି ଅଭ୍ୟର୍ଥନା ଉପସମିତି ଦାୟିତ୍ୱ ଲଳିତ ମୋହନ ବେବର୍ତ୍ତା, ପ୍ରଭଞ୍ଜନ ପୁରୋହିତ, ରାହୁଲ ଗୁପ୍ତାଙ୍କୁ ଦିଆଯାଇଛି। କବିତା ପାଠ ଉପସମିତିରେ ବିକ୍ରମାଦିତ୍ୟ ସିଂ ଏବଂ ତରଣୀସେନ ମେହେର ରହିଛନ୍ତି। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ବିଭାର ସ୍ୱାଗତ ବକ୍ତବ୍ୟ ରଖିଥିବାବେଳେ ସଭାପତି ଶ୍ରୀ ହୁସେନ ଜାତୀୟ କବି ସମ୍ମିଳନୀ ବାବଦରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ସହସମ୍ପାଦକ ଶ୍ରୀ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରର ପୁତୁଲ ସୁପ୍ରିୟାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି



**କୁଚିଣ୍ଡା, ୨୩।୬(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର କୁଚିଣ୍ଡା ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଏସପିଙ୍କ ଉପସ୍ଥିତିରେ ସମ୍ବଲପୁର ଜିଲ୍ଲା ପରିଷଦର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ପାତ୍ର ଅଧ୍ୟକ୍ଷତା କରି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। କୁଚିଣ୍ଡା ବ୍ଲକର ୧୭ ପଞ୍ଚାୟତରୁ ଆସିଥିବା ୫୨ଟି ଅଭିଯୋଗର ଶୁଣାଣି କରିଥିଲେ ବ୍ୟକ୍ତିଗତ ଭାବେ ୪୧ ଟି ଅଭିଯୋଗ ଏବଂ ଗୋଷ୍ଠିଗତ ଭାବେ ୧୧ଟି ଅଭିଯୋଗ ଉପରେ ଶୁଣାଣି କରି ଫଇସଲା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଶିବିରରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଧର, ଏସପି ମୁକେଶ କୁମାର ଭାମୁ, କୁଚିଣ୍ଡା ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ, ତହସିଲଦାର ମିତାଲି ମଧୁସ୍ମିତା ଦଳେଇ, ବିଡିଓ ଜୟନ୍ତ ସାହୁଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୨୩।୬ (ସମିସ):** ସାମାଜିକ ସଂଗଠନ 'ସେବା' ଓ ଜିଲ୍ଲା ରେଡକ୍ରସ ସୋସାଇଟିର ମିଳିତ ଉଦ୍ୟମରେ ଆଜି ଦୁର୍ଗାପାଲିସ୍ଥିତ ବରଦା ମାଧବ ହଲଠାରେ ପରିବେଶ ସୁରକ୍ଷାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। 'ସେବା' ସଭାପତି ଡ. ଦିପକ ପାଣ୍ଡେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର ଯୋଗଦେଇ ପରିବେଶ ସୁରକ୍ଷା ନିମନ୍ତେ ସମସ୍ତେ ମିଳିମିଶି ଜନଜାଗରଣ ସୃଷ୍ଟି କରିବାକୁ ଉପସ୍ଥିତ ଅଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦୁର୍ଗାପାଲି ଅଞ୍ଚଳବାସୀ ପରିବେଶ ସୁରକ୍ଷା ନେଇ ନିଜ ଅଞ୍ଚଳରୁ ଜନଜାଗରଣ ଆରମ୍ଭ କରିବାକୁ ସଙ୍କଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ 'ସେବା'ର ମୁଖ୍ୟ ଉପଦେଷ୍ଟା ନିହାଲ ସିଂ, ଉପସଭାନେତ୍ରୀ ମୋମିନା ଖାତୁନ, ସମ୍ପାଦକ ବାବୁଲୁ ଚାଓଁରଙ୍କ ସମେତ ସଭ୍ୟସଭ୍ୟା ଆର୍ତ୍ତବନ୍ଧୁ ଚାନ୍ଦ, ଅନୁସିୟା ସାମଲ, ବୁଧରାମ ପାତ୍ର, ସନ୍ତୋଷିନୀ ବେହେରା, ସାବିତ୍ରୀ ମେହେର ପ୍ରମୁଖ ମଞ୍ଚାସିନ ଥିଲେ। ଆଗାମୀ ରଥଯାତ୍ରା ଉପଲକ୍ଷେ ସେବା ଅନୁଷ୍ଠାନ ପକ୍ଷରୁ ୨୦୦ ଜଣ ମହିଳାଙ୍କୁ ଶାଢ଼ୀ, ୩୦ ଜଣ ଝିଅଙ୍କୁ ଡ୍ରେସ ଓ ୩୦ ଜଣ ବୃଦ୍ଧଙ୍କୁ ଟି-ସାର୍ଟ ପ୍ରଦାନ କରାଯାଇଥିଲା।

# ପୂର୍ତ୍ତ ରେଗୁଲାର ଓ ଅବସରପ୍ରାପ୍ତ ସଂଘର ମଣ୍ଡଳସ୍ତରୀୟ ସଭା

**ସମ୍ବଲପୁର, ୨୩।୬(ସମିସ):** ପୂର୍ତ୍ତ ୱାର୍କଚାର୍ଜଡ, ରେଗୁଲାର ଓ ଅବସରପ୍ରାପ୍ତ ସଂଘର ମଣ୍ଡଳସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ଡିଏଲଆର ରୁ ୱାର୍କଚାର୍ଜଡ, ୱାର୍କଚାର୍ଜଡରୁ ନିୟମିତ ନିଯୁକ୍ତି ପାଇ ବିନା




ପେନସନରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ପେନସନ ଲାଗୁ କରିବା, ଡିଏଲଆର ରୁ ୱାର୍କଚାର୍ଜଡ଼ ହୋଇ ଅବସର ଗ୍ରହଣ କରିଥୁବା କର୍ମଚାରୀଙ୍କୁ ପି. ଜି ଆକ୍ଟ ୧୯୭୨ ଅନୁସାରେ ଗ୍ରାଚ୍ୟୁଇଟି ପ୍ରଦାନ ଓ ଅବ୍ୟବହୃତ ଛୁଟି ଦରମା ଆଦି ଦାବିରେ ରାଜ୍ୟ ସଂଘର ଆହ୍ୱାନକ୍ରମେ ଓଡ଼ିଶା ପୂର୍ତ୍ତ ଅବସର ପ୍ରାପ୍ତ ୱାର୍କଚାର୍ଜଡ, ରେଗୁଲାର କର୍ମଚାରୀ ସଂଘ ଓ ଓଡ଼ିଶା ୱାର୍କସ ଡିପାର୍ଟମେଣ୍ଟ ୱାର୍କଚାର୍ଜଡ, ରେଗୁଲାର କର୍ମଚାରୀ ଆସୋସିଏସନ, ସମ୍ବଲପୁର ଓ ବଲାଙ୍ଗୀର ମଣ୍ଡଳ ଶାଖା ତରଫରୁ ସମ୍ବଲପୁରସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପଞ୍ଚାନନ ବେହେରା ଓ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ମଣ୍ଡଳସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆଉ ଆଠଟି ସ୍ଥାନରେ ମଣ୍ଡଳସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ରାଜ୍ୟ ସଂଘର ମୁଖ୍ୟ ସଂଯୋଜକ ଗଗନ ଭଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି, ସୋନପୁର, ଦେଓଗଡ଼, ବରଗଡ଼, ଝାରସୁଗୁଡା, ସୁବର୍ଣ୍ଣପୁର ଜିଲ୍ଲାପାଳ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଆଜିର ସଭାରେ ସମ୍ବଲପୁର ଓ ବଲାଙ୍ଗୀର ମଣ୍ଡଳ ଅଧିନସ୍ତ ସମ୍ବଲପୁର ନମ୍ବର ୧ଓ ୨, ବରଗଡ଼, ଦେବଗଡ଼, ଝାରସୁଗୁଡା, ବଲାଙ୍ଗୀର, ସୋନପୁର, କଣ୍ଟାବାଞ୍ଜି, ଭବାନୀପାଟଣା ଓ ଖରିଆର ବିଭାଜନ ଶତାଧିକ ସଂଖ୍ୟାରେ କର୍ମଚାରୀ ଯୋଗ ଦେଇଥିଲେ। ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ବାହିନୀପତି ଓ ସାଧାରଣ ସମ୍ପାଦକ ଅରୁଣ କେଶରୀ ପରିଡ଼ା, କାଞ୍ଚନ ସେନାପତି, ଜ୍ୟୋତିଷ ନାୟକ, ମହମଦ ମମତାଜ, ଗଗନ ଧଳ, ଦୋଳଗୋବିନ୍ଦ ସ୍ୱାଇଁ, ବିରୋତ୍ତମ ନନ୍ଦ, ଅଶୋକ ସାହୁ, ପଦ୍ମ ଲୋଚନ ପତି, ପ୍ରଦୀପ ଦେହୁରୀ, ଆଶିଷ ଦାସ, ଗଜେନ୍ଦ୍ର ପତି, ସିମାଞ୍ଚଳ ବିଶି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ କମଳା କାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ




ସମ୍ବଲପୁର, ୨୩।୬ (ସମିସ) : ନୂଆପଡ଼ା ବରେଇପାଲିସ୍ଥିତ କଲ୍ୟାଣ ମଣ୍ଡପରେ ଭାରତୀୟ ଜନତା ପାର୍ଟି, ସମ୍ବଲପୁର ତରଫରୁ ଆଜି ଅପରାହ୍ଣରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୭୨ତମ ବଳିଦାନ ଦିବସ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡ. ମୁଖାର୍ଜୀଙ୍କ ଆଦର୍ଶ, ତ୍ୟାଗ ଓ ରାଷ୍ଟ୍ରପ୍ରେମର ସ୍ମୃତିଚାରଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଭାଜପା ସମ୍ବଲପୁର ଜିଲ୍ଲା ଶାଖା ଅଧ୍ୟକ୍ଷ ଗିରିଶ ପଟେଲ କାର୍ଯ୍ୟକ୍ରମର ସଞ୍ଚାଳନ କରି କହିଥିଲେ ଯେ, ଡ. ମୁଖାର୍ଜୀଙ୍କ ଜୀବନ ଏବଂ ତ୍ୟାଗ ଆମ ପାଇଁ ଅବସ୍ମରଣୀୟ ପ୍ରେରଣାର ସ୍ରୋତ। ତାଙ୍କ ଦୃଢ଼ ଆଦର୍ଶ ଓ ଭାରତ ମାତା ପାଇଁ ବଳିଦାନ ଆଜି ଏହି ପିଢ଼ିକୁ ଦେଶପ୍ରେମ ଓ ଏକତାର ପଥରେ ଆଗେଇ ଯିବାକୁ ପ୍ରେରିତ କରେ। ସଭାରେ ବିଜେପି ବରିଷ୍ଠ ନେତା କାର୍ତ୍ତିକ ବହିଦାର, ଦାମୋଦର କର, ସୁବେଦାର ଶିବ ନାରାୟଣ ବେହେରା, ମୁନୁ ମିଶ୍ର, ନୀଳାମ୍ବର ସିକନ୍ଦର, ଗିରିଜା ସାହୁ, ସନ୍ତୋଷ ସାହୁ, ପ୍ରଦୀପ ବେହେରା, ସରୋଜ ଘଡାଇ, ରବି ପଣ୍ଡା, ଟୁକୁ ମହାନ୍ତି, ପୂର୍ବତନ କାଉନସିଲ ଡକେ ଓରାମ, ସୁଧିର ଅଗ୍ରୱାଲ, ସଚିନ ଶର୍ମା, ପ୍ରଭାତ ଶ୍ରୀବାସ ପ୍ରମୁଖଙ୍କ ସହ ବହୁସଂଖ୍ୟାରେ ବିଜେପି କର୍ମୀମାନେ ଅଂଶଗ୍ରହଣ କରିଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କ ପାଉଣା ଓ ସହାୟତା ଅର୍ଥ ଦାବି

**ସମ୍ବଲପୁର, ୨୩।୬(ସମିସ):** କେନ୍ଦୁପତ୍ର ସଂଗ୍ରହ ଋତୁ ଗତ ମେ ୨୦୨୫ ରୁ ଶେଷ ହୋଇଗଲାଣି। ଇତିମଧ୍ୟରେ ଏକ ମାସ ସମୟ ମଧ୍ୟ ଅତିବାହିତ ହେଲାଣି। ଅଥଚ ୮ ଲକ୍ଷ ୫୦ ହଜାର କେନ୍ଦୁପତ୍ର ତୋଳାଳୀ ଏପର୍ଯ୍ୟନ୍ତ ସେମାନଙ୍କର ପାଉଣା (ପ୍ରାପ୍ୟ) ପାଇନାହାଁନ୍ତି ବୋଲି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି କହିଛନ୍ତି। ଆହୁରି ମଧ୍ୟ ମୁନସୀମାନଙ୍କ କେନ୍ଦୁପତ୍ର ସଂଗ୍ରହ ସମୟରେ ଶୁଖାରଖା କାର୍ଯ୍ୟରେ ନିଯୁକ୍ତ କରିଥିବା ଶ୍ରମିକ ମାନେ ମଧ୍ୟ ଏହି ବାବଦ ମଜୁରୀ ପାଇନାହାନ୍ତି। ସେହିପରି ଗତ ଜୁନ ୩ ତାରିଖରେ ମୁଖ୍ୟମନ୍ତ୍ରୀ ଦେବଗଡ଼ରେ ଘୋଷଣା କରିଥିବା ସହାୟତା ଅର୍ଥ ୪୧ କୋଟି ୧୭ ଲକ୍ଷ ଟଙ୍କା ମଧ୍ୟ ବଣ୍ଟନ ହୋଇନାହିଁ। ଏହି ଅର୍ଥରୁ ତୋଳାଳୀମାନେ ୪୬୦ ଟଙ୍କା ଓ ବନ୍ଧେଇ ଶ୍ରମିକ ମାନେ ମଶାରୀ, କମ୍ବଳ ପାଇଁ ୭୦୦ଟଙ୍କା ପାଇବେ। ବର୍ତ୍ତମାନ କେନ୍ଦୁପତ୍ର ବନ୍ଧେଇ କାର୍ଯ୍ୟ ବନ୍ଧେଇ କେନ୍ଦ୍ରମାନଙ୍କରେ ଚାଲିଛି। ବର୍ଷା ଋତୁ ଆରମ୍ଭ ହୋଇଯାଇଛି। ଆଉ ୩-୪ ଦିନ ପରେ ରଥଯାତ୍ରା ଆସିବ। ପ୍ରାୟତଃ ବିଗତ ବର୍ଷ ମାନଙ୍କରେ ତୋଳାଳି ମାନଙ୍କ କେନ୍ଦୁପତ୍ର ସଂଗ୍ରହ ବାବଦ ଅର୍ଥ ରଥଯାତ୍ରା ପୂର୍ବରୁ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ଏହା ବିଳମ୍ବିତ ହେଉଛି। ଏଣୁ ଉପରୋକ୍ତ ବାବଦ ଅର୍ଥ ଶୀଘ୍ର ତୋଳାଳି ଏବଂ ବନ୍ଧେଇ ଶ୍ରମିକମାନଙ୍କ ପ୍ରଦାନ ନିମନ୍ତେ ପଦକ୍ଷେପ ନେବାକୁ ସଂଘର ସଭାପତି ଶ୍ରୀ ମହାନ୍ତି ବିଭାଗୀୟ କର୍ତ୍ତୃପକ୍ଷ ଯଥା- ପିସିସିଏଫ୍ ଏବଂ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସାମ୍ବାଦିକ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ




**ସମ୍ବଲପୁର, ୨୩।୬ (ସମିସ) :** ସାମ୍ବାଦିକ କଲ୍ୟାଣ ସଂଘ (ଜେଡବ୍ଲ୍ୟୁଏ) ସମ୍ବଲପୁର ଜିଲ୍ଲାର ସାଧାରଣ ପରିଷଦ ବୈଠକ ତଥା କର୍ମକର୍ତ୍ତା ନିର୍ବାଚନ ପୂର୍ତ୍ତ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସମ୍ବଲପୁର ଜିଲ୍ଲାର ସମସ୍ତ ବ୍ଲକ ଶାଖା ସାମ୍ବାଦିକମାନେ ଉପସ୍ଥିତ ଥିଲେ। ନୂତନ କର୍ମକର୍ତ୍ତା ଭାବେ ସମ୍ବଲପୁର ଜିଲ୍ଲା ଶାଖାର ଅଧ୍ୟକ୍ଷ ଆତ୍ମାରାମ ସୂପକାର ଏବଂ ଉପାଧ୍ୟକ୍ଷ ରାଧେଶ୍ୟାମ ପଣ୍ଡା ମନୋନୀତ ହୋଇଥିବାବେଳେ ସଭାପତି ଭାବେ ଚନ୍ଦ୍ରଚୁଡ ସିଂହ ଓ ସାଧାରଣ ସମ୍ପାଦକ ଭାବେ ହରିଶଙ୍କର ମିଶ୍ର ମନୋନୀତ ହୋଇଛନ୍ତି। ଠିକ୍ ସେହିପରି ଉପସଭାପତି ଦାଶରଥି ବେହେରା, ସହସମ୍ପାଦକ ସବିତା ମିଶ୍ର ଓ ଅଜିତ ଚୈନି ଏବଂ ଯୁଗ୍ମ ସମ୍ପାଦକ ଭାବେ ଆଲୋକ ଦାସ, ରମେଶ ପ୍ରଧାନ ମନୋନୀତ ହୋଇଛନ୍ତି। ଅନୀଲ ଶ୍ରୀରାମକା କୋଷାଧ୍ୟକ୍ଷ ଥିବାବେଳେ ଟିକେଶ୍ୱର ପ୍ରଧାନ ସଂଗଠନ ସମ୍ପାଦକ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ଜନକଲ୍ୟାଣକାରୀ ସାମାଜିକ କାର୍ଯ୍ୟକ୍ରମ, ସାମ୍ବାଦିକଙ୍କ ସାମୁହିକ ବିକାଶ ପାଇଁ ଉନ୍ନୟନ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସାଧାରଣ ପରିଷଦ ସଭାରେ ସାମ୍ବାଦିକ ମାନଙ୍କ ହିତ ଦୃଷ୍ଟିରୁ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

**ନାକଟିଦେଉଳ, ୨୩।୬(ସମିସ):** ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ରେଢ଼ାଖୋଲ ଉପଖଣ୍ଡ ଓ ନାକଟିଦେଉଳ ବ୍ଲକ ଅଞ୍ଚଳର ଚଷା ସମାଜର ପୁରୁଖା ବ୍ୟକ୍ତିତ୍ୱ ରାମଚନ୍ଦ୍ର ପ୍ରଧାନଙ୍କ ସୋମବାର ଦିନ ପ୍ରାତଃ ସମୟରେ ସରାପାଲିସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି।ମୃତ୍ୟୁ ବେଳକୁ ତାଙ୍କୁ ୧୦୦ବର୍ଷ ହୋଇଥିଲା। ସ୍ୱର୍ଗତ ପ୍ରଧାନ ନାକଟିଦେଉଳ ମହାବିଦ୍ୟାଳୟ ପରିଚାଳନା କମିଟିର ପ୍ରତିଷ୍ଠାତା ସଦସ୍ୟ ଥିଲେ।ସରାପାଲି ଉଚ୍ଚବିଦ୍ୟାଳୟ ତଥା ସରାପାଲି ପଞ୍ଚାୟତର ଗଠନ ଓ ବିକାଶ ରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଦୁଇ ପୁତ୍ର ବଲ୍ଲଭ ଓ ବିକ୍ରମ ପ୍ରଧାନ ତଥା ପୁତ୍ର ବଧୂ ନାତି, ନାତୁଣି ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ରାମଚନ୍ଦ୍ର ପ୍ରଧାନଙ୍କ ବିୟୋଗରେ ସରାପାଲି ଉଚ୍ଚ ବିଦ୍ୟାଳୟ, ନାକଟିଦେଉଳ ମହାବିଦ୍ୟାଳୟ, ମହାଲକ୍ଷ୍ମୀ ଯୁବକ ସଂଘ ଓ କୁଞ୍ଜବନ ଉନ୍ନୟନ ମଞ୍ଚ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଶ୍ୟାମାପ୍ରାସାଦ ମୁଖାର୍ଜୀଙ୍କ ପୁଣ୍ୟତିଥି



**ସମ୍ବଲପୁର, ୨୩।୬ (ସମିସ) :** ବିଶିଷ୍ଟ ରାଷ୍ଟ୍ରବାଦୀ, ସ୍ୱାଧୀନ ଭାରତରେ ପ୍ରଥମ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ତଥା ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥିରେ ଆଜି ସମ୍ବଲପୁର ବିଜେପି ପକ୍ଷରୁ ବଳିଦାନ ଦିବସ ପାଳିତ ହୋଇଯାଇଛି। କଚେରୀ ରୋଡ୍‌ସ୍ଥିତ ବିଜେପି କାର୍ଯ୍ୟାଳୟରେ ଭାରତମାତା ଓ ଡ. ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମକୁ ବଳିଦାନ ଦିବସର ସଂଯୋଜକ ମାନସ ରଞ୍ଜନ ବକ୍ସି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାମଚନ୍ଦ୍ର ମେହେର, ବିଜୟ କେଡିଆ, ନିରଞ୍ଜନ ଦାସ, ମାନସ ରଞ୍ଜନ ବକ୍ସି, ପରାଗ ଅଗ୍ରୱାଲା, ରଞ୍ଜିତ ମିଶ୍ର, କୈଳାଶ ଅଗ୍ରୱାଲ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଶୁଭଶ୍ରୀ ମିଶ୍ର, ସୁଷମା ସାହୁ, ଗିରିଜା ସାହୁ, ରିକି ବେହେରା, ଅନୁପ ମିଶ୍ର, ସଞ୍ଜୀବ ବର୍ମା, ଉମେଶ ବଳ, ଦୀପକ ଦାସ, ମୋହନ ପଣ୍ଡା, ସନ୍ତୋଷ ଡାଲୁଆ, ସୋମିତ୍ର ଜତି, ଅଜିତ ବେହେରା, କାହ୍ନୁରାମ ଶର୍ମା, ରାମଦାସ ପଣ୍ଡା, ସୁଧୀର ରଞ୍ଜନ ବହିଦାର, ଅବିନାଶ ନନ୍ଦ, ବିଶ୍ୱ ରଞ୍ଜନ ଜେନା, ଉପେନ୍ଦ୍ର ଝା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ବିଜେପି ନେତ୍ରୀ ରୁନୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ୟାମାପ୍ରସାଦ ମୁଖାର୍ଜୀ ଭାରତର ଅଖଣ୍ଡତାକୁ ସର୍ବଦା ଗୁରୁତ୍ୱ ଦେଉଥିଲେ: ଧର୍ମେନ୍ଦ୍ର

**ସମ୍ବଲପୁର, ୨୩।୬ (ସମିସ) :** ଭାରତୀୟ ଜନସଙ୍ଘର ପ୍ରତିଷ୍ଠତା, ମହାନ ରାଷ୍ଟ୍ରଭକ୍ତ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତୀୟ ଜନତା ପାର୍ଟି କିମ୍ବା ଜନସଙ୍ଘର କାର୍ଯ୍ୟକର୍ତ୍ତାଙ୍କ ପାଇଁ କେବଳ ନେତା ନଥିଲେ ବରଂ ଥିଲେ ଜଣେ ବିଚାରଧାରା। ଭାରତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସେ ସର୍ବଦା ଗୁରୁତ୍ୱ ଦେଉଥିଲେ ବୋଲି ସୋମବାର ନୂଆଦିଲ୍ଲୀ ଠାରେ ଏହି ଯୋଗଜନ୍ମାଙ୍କ ବଳିଦାନ ଦିବସ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହାପୂର୍ବରୁ ଶ୍ରୀ ପ୍ରଧାନ ନୂଆଦିଲ୍ଲୀସ୍ଥିତ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କଠାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ଡଃ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଭାରତୀୟ ଜନସଙ୍ଘ କିମ୍ବା ଭାରତୀୟ ଜନତା ପାର୍ଟି କେବଳ ଏକ ସଂଗଠନ ନୁହେଁ ବରଂ ଏକ ବିଚାର। ଆମର ଶାସନ ବ୍ୟବସ୍ଥା ଉପଭୋଗ ପାଇଁ ନୁହେଁ ବରଂ ସୁଶାସନ ପାଇଁ। ଏହା ପଛରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ମୂଳ ଚିନ୍ତାଧାରା ଅନ୍ତର୍ନିହିତ। ଡଃ ମୁଖାର୍ଜୀ ଗୋଟିଏ ଦେଶ - ଗୋଟିଏ ସମ୍ବିଧାନ ପାଇଁ ଲଢେଇ କରି ନିଜକୁ ବଳିଦାନ ଦେଇଥିଲେ। ତାଙ୍କ ପରି ଏକାତ୍ମ ମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଳ ଉପାଧ୍ୟାୟଙ୍କ ଭଳି ମହାପୁରୁଷ ଆମ ପରି କୋଟି କୋଟି କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ଚିର ନମସ୍ୟ। ଏହି ଏହି ଦୁଇ ମହାନ ନେତୃତ୍ୱଙ୍କ ବିଚାର "ରାଷ୍ଟ୍ର ପ୍ରଥମ ଏବଂ ଏକାତ୍ମ ମାନବବାଦ"କୁ ପାଥେୟ କରି କୋଟି କୋଟି ବିଜେପି କାର୍ଯ୍ୟକର୍ତ୍ତା ନିଜକୁ ସମର୍ପିତ କରିଛନ୍ତି। ବିଗତ ୧୧ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଯେଉଁ ସଫଳତା ହାସଲ କରିଛି ତାହାର ପ୍ରାରମ୍ଭିକ ବିଚାର ଡକ୍ଟର ମୁଖାର୍ଜୀଙ୍କ ବିଚାର "ରାଷ୍ଟ୍ର ପ୍ରଥମ"ର ସ୍ପଷ୍ଟ ଏବଂ ନିର୍ଭିକ ସଂକଳ୍ପ ଥିଲା। ଦୀର୍ଘ ୭୨ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତ ସରକାର ଅଗଷ୍ଟ ୫, ୨୦୧୯ରେ ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରି ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସ୍ୱପ୍ନକୁ ବାସ୍ତବରେ ପରିଣତ କରିଛନ୍ତି। ଆଜି ଭାରତ ନିଜର ଭାରତୀୟତା ଆଧାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ଐତିହ୍ୟ ଓ ଚିନ୍ତାଧାରା ଆଗକୁ ନେବା ଏବଂ ସୁଶାସନକୁ ଆଗକୁ ବଢ଼ାଇବାକୁ ହେବ। ଏହା ଡକ୍ଟର ମୁଖାର୍ଜୀଙ୍କ ପ୍ରତି ସଠିକ୍ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।





# 'ମାକ୍କା ପୁପୁ ଝକ୍କା ଝକ୍କା' କାର୍ଯ୍ୟକ୍ରମର ସଚେତନତା କର୍ମଶାଳା

**ସମ୍ବଲପୁର, ୨୩।୬ (ସମିସ)**



ସମ୍ବଲପୁର ଜିଲ୍ଲା କୁଣହୁଁ ସମାଜ କମିଟି ଓ ପଶ୍ଚିମ ଓଡ଼ିଶା କୁଣହୁଁ ସମାଜ କମିଟି କେନ୍ଦ୍ର, ବଲାଙ୍ଗିର ମିଳିତ ଆନୁକୂଲ୍ୟରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଆକାଶବାଣୀ ସମ୍ବଲପୁର କେନ୍ଦ୍ର ଦ୍ୱାରା ପ୍ରସାରିତ 'ମାକ୍କା ପୁପୁ ଝକ୍କା ଝକ୍କା' (ସର୍ଗି ଫୁଲ ଝୁକା ଝୁକା) କିସାନ/କୁଣହୁଁ ଭାଷା ସଂସ୍କୃତି ଓ ପରମ୍ପରା ଉପରେ ପ୍ରସାରିତ କାର୍ଯ୍ୟକ୍ରମକୁ ସମାଜରେ ପରିଚିତ କରିବା ପାଇଁ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଚନ୍ଦ୍ରମଣି ମିର୍ଦ୍ଧା ଅତିଥିଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିବାବେଳେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଶୋଭାରାମ ପଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲ୍ଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମଧୁ ମିର୍ଦ୍ଧା, ରମେଶ ବିଶ୍ୱାଳ, ସୁନାସିର କିସାନ, ଅର୍ଜୁନ କିସାନ, ଭୁବନେଶ୍ୱର କିସାନ, ଧରଣୀଧର ପିଙ୍ଗ, ନବୀନ ସାହୁ, ନାରାୟଣ କିସାନ, ଭଗବାନ ମିର୍ଦ୍ଧା, ଚମାର ମିର୍ଦ୍ଧା, ପ୍ରଦୀପ ବାଗ, ଧ୍ରୁବ ବାଗ, ପ୍ରଫେସର ରମେଶ ମିର୍ଦ୍ଧା, ଅଶୋକ ପିଙ୍ଗ ପ୍ରମୁଖ ମଞ୍ଚାସିନ ଥିଲେ। ଉଭୟ ଅନୁଷ୍ଠାନ/ସମାଜ ପକ୍ଷରୁ ଆକାଶବାଣୀ ସମ୍ବଲପୁର କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ମନିଷ ଭଟ୍ଟାଚାର୍ଜୀ ଓ କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ ପିଙ୍ଗ ତଥା ଆକାଶବାଣୀ ସମ୍ବଲପୁରକୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁର ଜିଲ୍ଲା କୁଣହୁଁ ସମାଜ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ସମ୍ବଲପୁର ଜିଲ୍ଲା କୁଣହୁଁ କମିଟି ସଭାପତି ଭାବରେ ଶୋଭାରାମ ପଧାନ, ଉପସଭାପତି ଭାବେ ମାଧବ ମିର୍ଦ୍ଧା, କୃଷ୍ଣଚନ୍ଦ୍ର ଟପ୍ପୋ, ମୁନମୁନ ମାଝୀ, ଲକ୍ଷୀନ୍ଦ୍ର ମିର୍ଦ୍ଧା, ଧ୍ରୁବ କୁମାର ବାଗ, ସାଧାରଣ ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ମିର୍ଦ୍ଧା, ସହ ସମ୍ପାଦକ ଅଶୋକ କୁମାର ପିଙ୍ଗ, କୋଷଧ୍ୟକ୍ଷ ତ୍ରିଲୋଚନ କିସାନ, ସଂଗଠନ ସମ୍ପାଦକ ସରୋଜ ପଧାନ, ବଳରାମ ମିର୍ଦ୍ଧା, ଗୁଣମଣୀ ପିଙ୍ଗ, କରୁଣାକର କିସାନ, ମହେନ୍ଦ୍ର ବାଗ, ଅଖିଳ ମିର୍ଦ୍ଧା, କୈଳାସ ମିର୍ଦ୍ଧା, ମହେଶ୍ୱର ମିର୍ଦ୍ଧା, ପଙ୍କଜ ମିର୍ଦ୍ଧା ପ୍ରମୁଖ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଡାକ୍ତର ମହେନ୍ଦ୍ର ଏକ୍କା, ବିକ୍ରମ କିସାନ, ରତିଲାଲ ପଧାନ, ଦିବ୍ୟରାଜ ପଧାନ, ସନାତନ କେନ୍ଛୁ, କୁମରମଣି କିସାନ, ରାତ୍ର ମିର୍ଦ୍ଧା, ତିଳକ ଦଣ୍ଡ ସେନା, ରମେଶ ପଧାନ, କୃଷ୍ଣ ଚନ୍ଦ୍ର ନାୟକ, ମାନଭଞ୍ଜନ ମିର୍ଦ୍ଧା, ମନୋଜ ଲୁହା, ରଥ ମିଂଜ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୃଷ୍ଣଚନ୍ଦ୍ର ଟପ୍ପୋ କିସାନ ଧନ୍ୟବାଦ ଅର୍ପଣ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୮୬ ● ପାଉଣ୍ଡ ୧୧୬.୯୫
- ୟୁରୋ ୧୦୦.୪୩ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୩୦୦ (ଭୁବନେଶ୍ୱର)
- ରୁପା : ୧,୧୧,୩୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୮୯୬.୦୦
- ନିଫ୍ଟି ୨୪,୯୭୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# କମୁଛି ଲାଭ | ସଙ୍କଟରେ ଭାରତୀୟ ବ୍ୟାଙ୍କ

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)




ଗତ ଆର୍ଥିକବର୍ଷର ମାର୍ଚ୍ଚ ତ୍ରୈମାସିକ ଭାରତୀୟ ବ୍ୟାଙ୍କଗୁଡ଼ିକ ପାଇଁ ବହୁତ ଭଲ ନ ଥିଲା। ଏଥର ବ୍ୟାଙ୍କଗୁଡ଼ିକର ମୋଟ ଲାଭ କେବଳ ଗୋଟିଏ ଅଙ୍କ ବୃଦ୍ଧି ପାଇଛି, ଯାହା ଗତ ୪ ବର୍ଷ ମଧ୍ୟରେ ଅର୍ଥାତ୍ ୧୭ ତ୍ରୈମାସିକରେ ପ୍ରଥମ ଥର ପାଇଁ ଦେଖାଯାଇଛି। ଯାହାଫଳରେ ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଘୋର ସଙ୍କଟ ମଧ୍ୟକୁ ଚାଲିବା ଆଶଙ୍କା କରାଯାଉଛି। ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ଦୁର୍ବଳ ପ୍ରଦର୍ଶନ ଏବଂ ଦେଶର ସର୍ବବୃହତ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଲାଭରେ ହ୍ରାସ ଏହି ମାନ୍ଦାବସ୍ଥାର ପ୍ରମୁଖ କାରଣ ପାଲଟିଛି। ଅପରପକ୍ଷେ ବ୍ୟାଙ୍କଗୁଡିକର ନିଟ୍ ସୁଧ ଆୟ ମଧ୍ୟ କେବଳ ଗୋଟିଏ ପଏଣ୍ଟ ଅଭିବୃଦ୍ଧି ପଞ୍ଜୀକୃତ କରିଛି, ଯେତେବେଳେ କି ଲାଭ ଉପରେ ନିରନ୍ତର ଚାପ ରହିଥିଲା। ତଥାପି, ଭାରତୀୟ ରିଜର୍ଭ ବ୍ୟାଙ୍କ ସେପ୍ଟେମ୍ବରରୁ ବ୍ୟାଙ୍କିଙ୍ଗ ସିଷ୍ଟମରେ ଅତିରିକ୍ତ ଲିକ୍ୟୁଡିଟି ପ୍ରବେଶ କରାଇବା ଆରମ୍ଭ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ଆଗାମୀ ସମୟରେ ବ୍ୟାଙ୍କଗୁଡ଼ିକର ସ୍ଥିତିରେ ଉନ୍ନତି ହେବ ବୋଲି ଆଶା କରାଯାଉଛି।

ଯଦି ଆମେ ଦେଶର ୨୯ଟି ବ୍ୟାଙ୍କର ନମୁନାକୁ ଦେଖିବା, ତେବେ ମୋଟ ନିଟ୍ ଲାଭରେ ୪.୯% ବୃଦ୍ଧି ଘଟିଛି, ଯାହା ୯୩,୮୨୮.୩ କୋଟି ଟଙ୍କା ରହିଛି। କିନ୍ତୁ ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ଏଥର ଲାଭ ଦୃଷ୍ଟିରୁ ପଛରେ ପଡ଼ିଯାଇଛି। ଏସ୍‌ବିଆଇର ନିଟ୍ ଲାଭରେ ୯.୯% ହ୍ରାସ ଘଟି ୧୮,୬୪୨.୬ କୋଟି ଟଙ୍କାରେ ପହଞ୍ଚିଛି। ଦେଶର ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମିଳିତ ଭାବରେ ୧୩% ଲାଭ ବୃଦ୍ଧି ହାସଲ କରିଥିଲେ, ଯାହା ୪୮,୪୦୩.୪ କୋଟି ଟଙ୍କା ଥିଲା। କିନ୍ତୁ ଏହି ଅଭିବୃଦ୍ଧି ଗତ ୧୧ ତ୍ରୈମାସିକରେ ସବୁଠାରୁ କମ୍ ଥିଲା। ପୂର୍ବରୁ, ଜୁନ୍ ୨୦୨୨ ତ୍ରୈମାସିକରେ ୯.୨% ଅଭିବୃଦ୍ଧି ରେକର୍ଡ କରାଯାଇଥିଲା। ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ହୁଏତ ମନ୍ଥର ପ୍ରଦର୍ଶନ କରିଥିବେ, କିନ୍ତୁ ଘରୋଇ ବ୍ୟାଙ୍କଗୁଡ଼ିକର ଅବସ୍ଥା ଆହୁରି ଖରାପ ଥିଲା। ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ମୋଟ ଲାଭ ୨.୫% ହ୍ରାସ ପାଇ ୪୫,୪୨୪.୯ କୋଟି ଟଙ୍କା ହୋଇଛି। ଗତ ୧୩ ତ୍ରୈମାସିକରେ ଏହା ପ୍ରଥମ ଥର ଯେ ଘରୋଇ ବ୍ୟାଙ୍କଗୁଡ଼ିକର ଲାଭ ବାର୍ଷିକ ଆଧାରରେ ହ୍ରାସ ପାଇଛି। ଏହି ଦୁର୍ବଳ ପ୍ରଦର୍ଶନ ଘରୋଇ ବ୍ୟାଙ୍କଗୁଡ଼ିକର ଅଂଶକୁ ମଧ୍ୟ ପ୍ରଭାବିତ କରିଛି।

- ୪ ବର୍ଷ ପରେ କମିଲା ମୁନାଫା
- ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଲାଭ ଅଭିବୃଦ୍ଧି ଗତ ୧୧ ତ୍ରୈମାସିକରେ ସବୁଠାରୁ କମ୍
- ମୋଟ ସୁଧ ଆୟରେ ହ୍ରାସ

ଏହାବାଦ୍ ବ୍ୟାଙ୍କଗୁଡ଼ିକର ନିଟ୍ ସୁଧ ଆୟ ମଧ୍ୟ ହ୍ରାସ ପାଇଛି। ଏହି ତ୍ରୈମାସିକରେ ନିଟ୍ ସୁଧ ଆୟ ମାତ୍ର ୩.୭% ବୃଦ୍ଧି ପାଇ ୨.୧ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ଗତ ୧୪ ତ୍ରୈମାସିକରେ ସବୁଠାରୁ କମ୍ ଅଭିବୃଦ୍ଧି ଥିଲା। ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ନିଟ୍ ସୁଧ ଆୟ ମାତ୍ର ୨.୪% ଅଭିବୃଦ୍ଧି ପଞ୍ଜୀକୃତ କରିଛି, ଯେତେବେଳେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ୫.୩% ଅଭିବୃଦ୍ଧି ଦେଖାଇଛନ୍ତି। ଏହି ସଂଖ୍ୟାଗୁଡ଼ିକ ବ୍ୟାଙ୍କଗୁଡ଼ିକର ସମସ୍ୟାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି। ଏହାଛଡା ବ୍ୟାଙ୍କଗୁଡିକର ନିଟ୍ ସୁଧ ମାର୍ଜିନ୍ ଅନେକ ତ୍ରୈମାସିକ ପାଇଁ ଚାପ ମଧ୍ୟରେ ରହିଛି। ଏହାର ସବୁଠାରୁ ବଡ କାରଣ ହେଉଛି ରେପୋ ହାର ହ୍ରାସ ସତ୍ତ୍ୱେ, ବ୍ୟାଙ୍କଗୁଡ଼ିକ ଜମା ହାର ହ୍ରାସ କରିବାରେ ବିଳମ୍ବ କରିଛନ୍ତି। ମାର୍ଚ୍ଚ ତ୍ରୈମାସିକର ୨୯ଟି ବ୍ୟାଙ୍କ ମଧ୍ୟରୁ ୧୯ଟି ବ୍ୟାଙ୍କ ବାର୍ଷିକ ଆଧାରରେ ସେମାନଙ୍କର ନିଟ୍ ସୁଧ ମାର୍ଜିନ୍‌ରେ ହ୍ରାସ ପଞ୍ଜୀକୃତ କରିଛି। ଏହି ପରିସ୍ଥିତି ବ୍ୟାଙ୍କଗୁଡ଼ିକ ପାଇଁ ଚିନ୍ତାର ବିଷୟ ହୋଇ ରହିଛି, କାରଣ ମାର୍ଜିନ୍ ହ୍ରାସ ସିଧାସଳଖ ସେମାନଙ୍କ ଲାଭକୁ ପ୍ରଭାବିତ କରେ।

## ଯୁଦ୍ଧ, ଟାରିଫ୍, ବାଣିଜ୍ୟ ଯୁଦ୍ଧ
# ବିଶ୍ୱକୁ ମହାମାନ୍ଦାବସ୍ଥାକୁ ଠେଲିଦେଲେ ଟ୍ରମ୍ପ୍

ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ଇରାନର ପରମାଣୁ ସଂସ୍ଥାନ ଉପରେ ଆମେରିକାର ବୋମାମାଡ଼ ପରେ ବିଶ୍ୱରେ ଉତ୍ତେଜନା ବୃଦ୍ଧି ପାଇଛି। କେନ୍ଦ୍ର ସରକାର ଆମେରିକା-ଇରାନ-ଇସ୍ରାଏଲ୍ ବିବାଦ ଉପରେ କଡ଼ା ନଜର ରଖିଛି। ଭାରତ ସରକାର ବର୍ତ୍ତମାନ ସ୍ଥିତି ହର୍ମୁଜ୍ ପ୍ରଣାଳୀର ସମ୍ଭାବ୍ୟ ବନ୍ଦ ହେବାର ପ୍ରଭାବକୁ ମଧ୍ୟ ମୂଲ୍ୟାଙ୍କନ କରୁଛି। ଏହି ପ୍ରଣାଳୀ ପେଟ୍ରୋଲିୟମ ଉତ୍ପାଦ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। ତଥାପି, ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। କିନ୍ତୁ, ଭାରତ ବର୍ତ୍ତମାନ ଏହାକୁ ନେଇ ବହୁତ ଚିନ୍ତିତ ନୁହେଁ। ସବୁଠାରୁ ବଡ଼ ଉତ୍ତେଜନା ହେଉଛି ଯେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ରୁଷ-ୟୁକ୍ରେନ ପରି ଲମ୍ବା ହେବା ଉଚିତ୍ ନୁହେଁ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ଏହା ଭାରତ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।

ବିଗତ କିଛି ମାସ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ଆଶାଠାରୁ କମ୍ ରହିଥିଲା। ଏବେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି। କିନ୍ତୁ, ବର୍ତ୍ତମାନ ଏହାର କୌଣସି ବଡ଼ ପ୍ରଭାବ ପଡ଼ିବ ନାହିଁ। ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି। ଭାରତ ଇରାନରୁ ସିଧାସଳଖ ତେଲ ଆମଦାନୀ କରେ ନାହିଁ। କିନ୍ତୁ, ଏହା ଏହାର ତେଲ ଆବଶ୍ୟକତାର ୮୦% ଆମଦାନୀ କରେ। ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟରେ ଯେ କୌଣସି ବଡ଼ ବୃଦ୍ଧି ବାଣିଜ୍ୟ ନିଅଣ୍ଟ, ଆର୍ଥିକ ନିଅଣ୍ଟ ଏବଂ ପାଇକାରୀ ମୁଦ୍ରାସ୍ଫୀତି ହାର ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ବ୍ୟାଙ୍କ ଅଫ୍ ବରୋଦାର ଏକ ରିପୋର୍ଟରେ କୁହାଯାଇଛି ଯେ ଇରାନ ତୈଳ ବଜାରରେ ଏକ ବଡ଼ ଖେଳାଳି ନୁହେଁ। ଏହାର ଅଂଶ ୪%। କିନ୍ତୁ, ଯଦି ହର୍ମୁଜ୍ ପ୍ରଣାଳୀ ବନ୍ଦ ହୁଏ, ତେବେ ଜାହାଜଗୁଡ଼ିକୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପଡିବ। ବିଶ୍ୱର ୨୦% ରୁ ଅଧିକ ତୈଳ ପରିବହନ ଏହି ପ୍ରଣାଳୀ ଦେଇ ଗତି କରେ। ରିପୋର୍ଟରେ କୁହାଯାଇଛି, ପଶ୍ଚିମ ଏସିଆରୁ ପ୍ରଚୁର ଅଶୋଧିତ ତୈଳ ବନ୍ଦ ହୋଇପାରେ। ଏପରି ପରିସ୍ଥିତିରେ, ଯୋଗାଣ ଏବଂ ଚାହିଦାରେ ଏକ କୃତ୍ରିମ ଅସନ୍ତୁଳନ ସୃଷ୍ଟି ହୋଇପାରେ। ଏହା ମୂଲ୍ୟ ବୃଦ୍ଧି କରିପାରେ। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ୧୦% ବୃଦ୍ଧି ଅର୍ଥନୀତି ଉପରେ ଅଧିକ ପ୍ରଭାବ ପକାଇବ ନାହିଁ। କାରଣ ହେଉଛି ଅର୍ଥନୀତିର ମୌଳିକ ଶକ୍ତି ଦୃଢ଼।

# ମାଲାବାରର ୪୦୦ ତମ ଷ୍ଟୋର ଉଦ୍‌ଘାଟିତ



ଭୁବନେଶ୍ୱର,୨୩।୬(ସମିସ)

ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ ନଏଡା ସେକ୍ଟର ୧୮ଠାରେ ଏହାର ୪୦୦ ତମ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମାଲାବାର ଗ୍ରୁପ ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମାଲାବାର ଗ୍ରୁପର ପରିଚାଳନା ନିର୍ଦ୍ଦେଶକ (ଭାରତ,ଅପରେସନ) ଓ ଆସେର,ଗ୍ରୁପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେପି ବୀରନ୍‌କୁଟ୍ଟୀ, ଗ୍ରୁପ ଚିଫ୍ ମାର୍କେଟିଂ ଅଫିସର ସଲିସ୍ ମ୍ୟାଥ୍ୟୁ, ହେଡ୍ ରିଟେଲ ଅପରେସନ୍ (ଅବଶିଷ୍ଟ ଭାରତ) ପିକେ ସିରାଜ୍, ରିଜିଓନାଲ ହେଡ୍ (ଉତ୍ତର) ଏନ୍‌କେ ନିଶାଦ୍ ଏବଂ ପରିଚାଳନା ଟିମ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ମାଲାବାର ଗ୍ରୁପ ପକ୍ଷରୁ ଭାରତ ଏବଂ ବିଶ୍ୱ ବଜାରରେ ରଖାଯାଇଥିବା ଆଖିଦୃଶିଆ ଅଭିବୃଦ୍ଧି ଯୋଜନାର ଅଂଶସ୍ୱରୂପ ନଏଡା ଶୋ'ରୁମ ଖୋଲାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ମାଲାବାରର ୧୫ଟି ଦେଶରେ ଶୋ' ରୁମ୍ ରହିଥିବା ଜଣାପଡ଼ିଛି।

# ଆରବ ରାଷ୍ଟ୍ରରୁ ଭାରତକୁ ଅର୍ଥ ପ୍ରେରଣରେ ଅଚାନକ ବୃଦ୍ଧି

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)

ଇସ୍ରାଏଲ-ଇରାନ୍ ଯୁଦ୍ଧ ଯୋଗୁ ସମ୍ପ୍ରତି ମଧ୍ୟ ପ୍ରାଚ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ଏହାକୁ ନେଇ ଉପସାଗରୀୟ ବିଶେଷ କରି ଆରମ୍ଭ ରାଷ୍ଟ୍ରଗୁଡିକରେ ବାଣିଜ୍ୟ କାରବାର ଧିମା ପଡିଯାଇଛି। ହେଲେ ଏହା ମଧ୍ୟରେ ଭାରତକୁ ଆରବ ରାଷ୍ଟ୍ରଗୁଡିକୁ ଅର୍ଥ ପ୍ରେରଣରେ ଅଚାନକ ବୃଦ୍ଧି ଘଟିଛି। କାରଣ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ସାଉଦି ଆରବରୁ ଦେଶକୁ ଧୁମ୍ ଟଙ୍କା ପଠାଉଛନ୍ତି ପ୍ରବାସୀ ଭାରତୀୟ। ବିଶେଷକରି ୟୁଏଇ ଏବଂ ସାଉଦି ଆରବରେ ରହୁଥିବା ପ୍ରବାସୀ ଭାରତୀୟ(ଏନ୍‌ଆର୍‌ଆଇ)ମାନଙ୍କ ମଧ୍ୟରେ ଦେଶକୁ ଟଙ୍କା ପଠାଇବା ପାଇଁ ଏକ ପ୍ରତିଯୋଗିତା ଚାଲିଛି। ପ୍ରକୃତରେ, ୟୁଏଇ ଦିରହାମ୍(ଏଇଡି) ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ୨୩.୫ ଟଙ୍କା ପ୍ରତି ଦିରହମ୍‌କୁ ହ୍ରାସ ପାଇଛି। ଏହାକୁ ଦୃଷ୍ଟିରେ ରଖି, ପ୍ରବାସୀ ଭାରତୀୟମାନେ ଏହାର ସୁଯୋଗ ନେଉଛନ୍ତି ଏବଂ ଭାରତକୁ ଯଥାସମ୍ଭବ ଟଙ୍କା ପଠାଇବାକୁ ଚାହୁଁଛନ୍ତି।

ଏକ ରିପୋର୍ଟ ଅନୁସାରେ, ଯେବେଠାରୁ ଟଙ୍କା ପ୍ରାୟ ୨୩.୫ ଟଙ୍କା ପ୍ରତି ଦିରହାମ୍‌କୁ ହ୍ରାସ ପାଇଛି, ସେବେଠାରୁ ବିଦେଶରୁ ଭାରତକୁ ପଠାଯାଉଥିବା ଟଙ୍କା ପରିମାଣରେ ତୀବ୍ର ବୃଦ୍ଧି ଘଟିଛି। ଏହି କାରଣରୁ ପ୍ରବାସୀ ଭାରତୀୟମାନେ କମ୍ ଟଙ୍କାରେ ଅଧିକ ଦିରହାମ୍ ପଠାଇ ପାରୁଛନ୍ତି, ଯାହା ଫଳରେ ଭାରତରେ ଥିବା ସେମାନଙ୍କ ପରିବାର ଅଧିକ ଟଙ୍କା ପାଇବେ। ଏହି କାରଣରୁ ଉପସାଗରୀୟ ଦେଶଗୁଡ଼ିକ ବିଶେଷକରି ୟୁଏଇ ଏବଂ ସାଉଦି ଆରବରେ ରହୁଥିବା ଭାରତୀୟମାନେ ପ୍ରଚୁର ମାତ୍ରାରେ ଟଙ୍କା ଭାରତକୁ ପଠାଉଛନ୍ତି।



**ୟୁଏଇ, ସାଉଦି ଆରବରୁ ଧୁମ୍ ଟଙ୍କା ପଠାଉଛନ୍ତି ପ୍ରବାସୀ**

**ୟୁଏଇ ଦିରହାମ୍ ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଖସୁଛି**

ଉପସାଗରୀୟ ରାଷ୍ଟ୍ରଗୁଡିକର ମୁଦ୍ରା ବିନିମୟ ଏଜେନ୍ସିଗୁଡ଼ିକ କହିଛନ୍ତି ଯେ ଜୁନ୍ ୧୯ ପରଠାରୁ ଏଇଡି ରୁ ଭାରତୀୟ ଟଙ୍କା କାରବାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଶିଳ୍ପ ଅଧିକାରୀଙ୍କ ଅନୁଯାୟୀ, ଯାହାଙ୍କ ପାଖରେ କିଛି ଅତିରିକ୍ତ ଟଙ୍କା ଅଛି, ସେମାନେ ତାହାକୁ ତୁରନ୍ତ ଭାରତକୁ ପଠାଉଛନ୍ତି। ୟୁଏଇର ଏକ ମୁଦ୍ରା ଏକ୍ସଚେଞ୍ଜର ଜଣେ ବରିଷ୍ଠ ଅଧିକାରୀ ଗଲ୍ଫ ନ୍ୟୁଜକୁ କହିଛନ୍ତି, ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ଏଇଡି-ଭାରତୀୟ ଟଙ୍କା ପଠାଣ ଦୃଷ୍ଟିରୁ ସର୍ବୋତ୍ତମ ଥିଲା। କିଛି ସମୟ ପାଇଁ ଟଙ୍କାର ମୂଲ୍ୟ ୨୩.୪୬ ଟଙ୍କାକୁ ବୃଦ୍ଧି ପାଇଥିଲେ ମଧ୍ୟ, ଅଧିକାଂଶ ଲୋକ ଟଙ୍କା ପଠାଇବା ଜାରି ରଖିଥିଲେ।

ସାଧାରଣତଃ ଜୁନ୍ ମାସରେ, ଛୁଟି ଏବଂ ଯାତ୍ରା ଖର୍ଚ୍ଚ ଯୋଗୁଁ ପ୍ରବାସୀ ଭାରତୀୟମାନେ ଭାରତକୁ କମ୍ ଟଙ୍କା ପଠାଇଥାନ୍ତି। କିନ୍ତୁ ଏଥର ଟଙ୍କାର ମୂଲ୍ୟ ହ୍ରାସ ଯୋଗୁଁ ଏହି ଧାରା ପରିବର୍ତ୍ତନ ହୋଇଛି। ମୁଦ୍ରା ବିନିୟମ ଏଜେନ୍ସିଗୁଡ଼ିକର କହିବାନୁଯାୟୀ, ସପ୍ତାହାନ୍ତରେ ମଧ୍ୟ ଟଙ୍କା ପଠାଇବାର ଗତି ଅକ୍ଷୁର୍ଣ୍ଣ ରହିଛି ଏବଂ ଏହା ସୋମବାର ପର୍ଯ୍ୟନ୍ତ ଜାରି ରହିବ ବୋଲି ଆଶା କରାଯାଉଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଜୁଲାଇରେ ଟଙ୍କାର ବିନିମୟ ମୂଲ୍ୟରେ ସମାନ ସ୍ଥିତି ରୁହେ କିମ୍ବା ଏହା ଆହୁରି ଦୁର୍ବଳ ହୁଏ, ତେବେ ଏହା ପ୍ରବାସୀ ଭାରତୀୟମାନଙ୍କ ପାଇଁ ଦ୍ୱିଗୁଣିତ ଲାଭ ହେବ।

# ଆଦିତ୍ୟ ଆଲୁମିନିୟମ୍‌କୁ କଳିଙ୍ଗ ପରିବେଶ ଉତ୍କର୍ଷ ଜାତୀୟ ପୁରସ୍କାର



ଭୁବନେଶ୍ୱର ,୨୩।୬(ସମିସ): ଆଦିତ୍ୟ ଆଲୁମିନିୟମ୍(ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍) ଲପଙ୍ଗା ସମ୍ବଲପୁରକୁ ସମ୍ମାନଜନକ କଳିଙ୍ଗ ପରିବେଶ ଉତ୍କର୍ଷ ଜାତୀୟ ପୁରସ୍କାର ୨୦୨୪ ମିଳିଛି। ପଞ୍ଚତାରକା ବର୍ଗରେ କମ୍ପାନୀକୁ ଏହି ପୁରସ୍କାର ମିଳିଛି। ଜିରୋ ଲିକ୍ୱିଡ୍ ଡିସ୍‌ଚାର୍ଜ,ଅତ୍ୟାଧୁନିକ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ, ବର୍ଜ୍ୟ ଜଳ ପରିଚାଳନା ଏବଂ ଗଭର୍ଣ୍ଣାନ୍ସ କ୍ଷେତ୍ରରେ ଆଦିତ୍ୟ ଆଲୁମିନିୟମ୍‌ର ଆଖିଦୃଶିଆ ପଦକ୍ଷେପ ପାଇଁ ଏହି ପୁରସ୍କାର ମିଳିଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ୧୦ମ ଜାତୀୟ ପରିବେଶ,ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ କନ୍‌କ୍ଲେଭ୍ ୨୦୨୫ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗାର ୟୁନିଟ୍ ମୁଖ୍ୟ ତଥା ସଭାପତି ଜଗନ୍ନାଥ ପ୍ରସାଦ ନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ। ଆଇକ୍ୟୁଇଏମ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ପ୍ରଦୂଷଣ ବୋର୍ଡର ସଦସ୍ୟ ସଚିବ ଉମା ନାନ୍ଦୁରୀ ଏବଂ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଭାପତି ଅଶୋକ ତ୍ରିପାଠୀ ଉପସ୍ଥିତ ଥିଲେ।

## ସେନ୍‌ସେକ୍ସରେ ୫୧୧ ପଏଣ୍ଟ ହ୍ରାସ

ମୁମ୍ବଇ,୨୩।୬(ଏଜେନ୍ସି): ଦୁର୍ବଳ ବୈଶ୍ୱିକ ସଂକେତ ମଧ୍ୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୫୧୧.୩୮ ପଏଣ୍ଟ ଏବଂ ନିଫ୍ଟିରେ ୧୪୦.୫୦ ପଏଣ୍ଟ ହ୍ରାସ ଘଟିଛି।

# ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ ପାଇଁ ଆକାଶ ଛାତ୍ର ଶୁଭ୍ରଜିତ୍ ପାଲ୍ ମନୋନୀତ

ଭୁବନେଶ୍ୱର,୨୩।୬(ସମିସ): ଫିଲିପାଇନ୍ସର କ୍ୱିଜନ୍ ସିଟିରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ (ଆଇବିଓ)୨୦୨୫ ପାଇଁ ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍(ଏଇଏସ୍‌ଏଲ)ର କଲିକତାର ଛାତ୍ର ଶୁଭ୍ରଜିତ୍ ପାଲ ମନୋନୀତ ହୋଇଛନ୍ତି। ଜୁଲାଇ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ ପାଇଁ ଶୁଭ୍ରଜିତ୍‌ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ପ୍ରାଣୀ ବିଜ୍ଞାନ ପ୍ରତି ଆଗ୍ରହ ରଖୁଥିବା ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ ହେଉଛି ଏକ ବିଶ୍ୱ ସ୍ତରୀୟ ପ୍ରତିଯୋଗିତା। ଶୁଭ୍ରଜିତ୍ ଏନ୍‌ଏସ୍‌ଇବି ଏବଂ ଆଇଏନ୍‌ବିଓ ପାଇଁ ଯୋଗ୍ୟତା ଅର୍ଜନ କରିବା ସହ ୨୦୨୪ରେ ଓସିଏସ୍‌ସି କ୍ୟାମ୍ପରେ ଯୋଗଦେଇଥିଲେ। ଶୁଭ୍ରଜିତ୍‌ଙ୍କ ସଫଳତା ଉପରେ ପ୍ରତିକ୍ରିୟା ରଖି ଆକାଶ ଏଜୁକେଶନାଲ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦୀପକ୍ ମେହେରୋତ୍ରା କହିଛନ୍ତି ଯେ, ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ ୨୦୨୫ରେ ଶୁଭ୍ରଜିତ୍‌ଙ୍କ ଅଂଶ ଗ୍ରହଣ ନେଇ ଆମେ ବେଶ ଆନନ୍ଦିତ। ଏଭଳି ପ୍ଲାଟଫର୍ମ ପିଲାଙ୍କୁ କିଛି ଶିଖିବା ଏବଂ ଆଗକୁ ବଢ଼ିବାରେ ସାହାଯ୍ୟ କରିବ। ଏଥିରେ ୭୦ରୁ ଅଧିକ ରାଷ୍ଟ୍ରର ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି।



# ଭାରତରେ ମକା, ସୋୟାବିନ୍ ଶସ୍ତାରେ ବିକିବାକୁ ଆମେରିକାର ଜିଦ୍

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)

କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ମଝିରେ ଫସି ରହିଛି। ବାଣିଜ୍ୟ ଚୁକ୍ତି ପାଇଁ, ଆମେରିକା ମକା ଏବଂ ସୋୟାବିନ୍ ଭଳି ତାର ଜେନେଟିକାଲ୍ ପରିବର୍ତ୍ତିତ (ଜିଏମ୍) ଖାଦ୍ୟ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଦାବି କରୁଛି। ଏକ ରିପୋର୍ଟ ଅନୁଯାୟୀ, ଆମେରିକା ଚାହୁଁଛି ଯେ ଏହି ଉତ୍ପାଦଗୁଡ଼ିକ ଭାରତରେ ଶସ୍ତାରେ ବିକ୍ରି ହେଉ। ସେହି ସମୟରେ, ଭାରତ ସରକାର ଚାଷୀମାନଙ୍କୁ କ୍ଷତିରୁ ରକ୍ଷା କରିବା ପାଇଁ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଚାହୁଁନାହାନ୍ତି। ଭାରତୀୟ ଅଧିକାରୀଙ୍କ ମତରେ ଯଦି ଆମେରିକାରୁ ଶସ୍ତା ଜିଏମ୍ ଖାଦ୍ୟ ଭାରତକୁ ଆସେ, ତେବେ ଭାରତୀୟ କୃଷକମାନଙ୍କ ପାଇଁ ସେମାନଙ୍କର ଫସଲ ବିକ୍ରି କରିବା କଷ୍ଟକର ହୋଇଯିବ। ଏପରି ପରିସ୍ଥିତିରେ ଚୁକ୍ତିକୁ ନେଇ ଦ୍ୱନ୍ଦ୍ୱ ରହିଛି। ଜୁଲାଇ ୯ ତାରିଖ ପୂର୍ବରୁ ଏ ନେଇ ସମାଧାନ ଖୋଜିବା କଷ୍ଟକର ହୋଇପାରେ। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ଅଧୀନରେ ଉଭୟ ଦେଶ ପରସ୍ପରର ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରି ବାଣିଜ୍ୟ ବୃଦ୍ଧି କରିବାକୁ ଚାହାଁନ୍ତି। ଭାରତ ଆମେରିକାରେ ଏହାର ବୟନଶିଳ୍ପ, ଚମଡା, ଔଷଧ ଏବଂ କିଛି ଇଞ୍ଜିନିୟରିଂ ସାମଗ୍ରୀ ଉପରେ ଶୂନ୍ୟ ଟିକସ ଚାହୁଁଛି, ଯେତେବେଳେ କି ଆମେରିକା ଏହାର କୃଷି ଏବଂ ଶିଳ୍ପ ଉତ୍ପାଦ ପାଇଁ ଭାରତରେ ଏକ ବଜାର ଚାହୁଁଛି। ଆସନ୍ତା ଜୁଲାଇ ୯ ସୁଦ୍ଧା ଏହି ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ପ୍ରୟାସ କରାଯାଉଛି। ଯଦି ଏହି ତାରିଖ ସୁଦ୍ଧା କୌଣସି ସୀମିତ ଚୁକ୍ତିନାମା ନ ହୁଏ, ତେବେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୬% ଲାଗୁ କରିବ।

**ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଦାବି**

**ଜୁଲାଇ ୯ ରେ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା**

**କ୍ଷତି ସହିବେ ଭାରତୀୟ ଚାଷୀ**

**ଆଶଙ୍କାରେ ଦ୍ୱିପାକ୍ଷିକ ବାଣିଜ୍ୟ**

ଆମେରିକା ଚାହୁଁଛି ଯେ ଭାରତ ଜିଏମ୍ ଫସଲ (ମକା, ସୋୟାବିନ୍) ଏବଂ ଅନ୍ୟାନ୍ୟ କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରୁ। ଏହାସହିତ, ଏହା ଚିକିତ୍ସା ଉପକରଣ ଉପରେ ଶୁଳ୍କ ଏବଂ ତଥ୍ୟ ସ୍ଥାନୀୟକରଣ ନିୟମରେ ଛାଡ଼ ଚାହୁଁଛି। ଆମେରିକା ଏହାର ଦୁଗ୍ଧ ଉତ୍ପାଦ, ଯାନବାହାନ ଏବଂ ହ୍ୱିସ୍କି ପରି ସାମଗ୍ରୀ ଉପରେ କମ ଶୁଳ୍କ ଦାବି ମଧ୍ୟ କରୁଛି। ଭାରତ ଆମେରିକାର ଦାବି ଗ୍ରହଣ କରିବାକୁ ମନା କରିଦେଇଛି, ବିଶେଷକରି କୃଷି ଏବଂ କ୍ଷୀର ବଜାର ଖୋଲିବା ଦାବି। ଭାରତ କହିଛି ଯେ ଏହା ଲକ୍ଷ ଲକ୍ଷ ଗରିବ ଚାଷୀଙ୍କ କ୍ଷତି କରିବ। ଭାରତୀୟ ଉତ୍ପାଦଗୁଡ଼ିକ ଆମେରିକୀୟ ଉତ୍ପାଦ ସହିତ ପ୍ରତିଯୋଗିତା କରିପାରିବେ ନାହିଁ। ଭାରତ କହିଛି ଯେ ଯଦି ଆମେରିକା ଇସ୍ପାତ ଏବଂ ଅଟୋମୋବାଇଲ୍ ଉପରେ ଶୁଳ୍କ ଲାଗୁ କରେ, ତେବେ ଆମେ ମଧ୍ୟ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିବୁ। ଭାରତ ଚାହୁଁଛି ଯେ ଆମେରିକା ଏହାର ବୟନଶିଳ୍ପ, ଚମଡା, ଔଷଧ ଏବଂ ଅଟୋ ଯନ୍ତ୍ରାଂଶ ଉପରୁ ଶୁଳ୍କ ହଟାଉ କିମ୍ବା ହ୍ରାସ କରୁ। ଭାରତ ପ୍ରଥମେ ଶୂନ୍ୟ ଶୁଳ୍କ ଦାବି କରିଥିଲା, କିନ୍ତୁ ବର୍ତ୍ତମାନ ଏହା ଅତି କମରେ ୧୦% ମୂଳ ଶୁଳ୍କ ଉପରେ ସହମତ ହେବ ବୋଲି ଆଶା କରାଯାଉଛି, ଯାହାକୁ ଆମେରିକା ସମସ୍ତ ଦେଶ ପାଇଁ ଲାଗୁ କରୁଛି।

ଯଦି ଜୁଲାଇ ୯ ସୁଦ୍ଧା କୌଣସି ଚୁକ୍ତି ନ ହୁଏ, ତେବେ ଆମେରିକା ବୟନ ଶିଳ୍ପ, ଔଷଧ ଏବଂ ଅଟୋ ଯଶ ସମେତ ଭାରତୀୟ ସାମଗ୍ରୀ ଉପରେ ୨୬% ଶୁଳ୍କ ଲାଗୁ କରିପାରେ। ଏହା ଭାରତୀୟ ରପ୍ତାନିକାରୀଙ୍କୁ କ୍ଷତି ପହଞ୍ଚାଇବ। ଜବାବରେ ଭାରତ ମଧ୍ୟ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିପାରେ, ଯାହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧି କରିପାରେ। ଆଲୋଚନା ଏବେ ବି ଚାଲିଛି। ଜୁନରେ ଦିଲ୍ଲୀରେ ଅନୁଷ୍ଠିତ ଆଲୋଚନାରେ ଡିଜିଟାଲ୍ ବାଣିଜ୍ୟ ଏବଂ ସୀମା ଶୁଳ୍କ ସୁବିଧା ଭଳି ପ୍ରସଙ୍ଗରେ ସହମତି ହୋଇଥିଲା। ଯଦି ଆମେରିକା ଭାରତୀୟ ସାମଗ୍ରୀ ଯେପରିକି କପଡ଼ା ଏବଂ ଜୋତା ଉପରେ ୧୦% ଶୁଳ୍କ ପ୍ରଦାନ କରେ ତେବେ ଭାରତ କିଛି କୃଷି ଉତ୍ପାଦ ଏବଂ ଯାନବାହାନ ଉପରେ ଶୁଳ୍କ ହ୍ରାସ କରିବାକୁ ବିଚାର କରୁଛି, କିନ୍ତୁ ଜିଏମ୍ ଖାଦ୍ୟ ଏବଂ କ୍ଷୀର ପରି ପ୍ରସଙ୍ଗଗୁଡ଼ିକ ଏକ ଅଚଳାବସ୍ଥା ରହିଛି। ଅପରପକ୍ଷେ ଭାରତ ଏବଂ ଆମେରିକା ଉଭୟ ଏହି ଚୁକ୍ତିକୁ ଶୀଘ୍ର ଚୂଡ଼ାନ୍ତ କରିବାକୁ ଚାହାଁନ୍ତି, କିନ୍ତୁ ଭାରତ ଏହାର ଚାଷୀ ଏବଂ ସ୍ଥାନୀୟ ଶିଳ୍ପକୁ ସୁରକ୍ଷା ଦେବାକୁ ପ୍ରାଥମିକତା ଦେଉଛି। ଯଦି ଚୁକ୍ତି ହୁଏ ନାହିଁ, ତେବେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ରେ ଆମେରିକାର ଇସ୍ପାତ ଏବଂ ଆଲୁମିନିୟମ ଶୁଳ୍କ ବିରୁଦ୍ଧରେ ଅଭିଯୋଗ କରିପାରିବ। ଦୁଇ ଦେଶ ସମ୍ଭବତଃ ତିନୋଟି ପର୍ଯ୍ୟାୟରେ ଚୁକ୍ତି ସମାପ୍ତ କରିବାକୁ ଚେଷ୍ଟା କରିବେ। ପ୍ରଥମ ପର୍ଯ୍ୟାୟ ଜୁଲାଇ ସୁଦ୍ଧା, ଦ୍ୱିତୀୟ ପର୍ଯ୍ୟାୟ ସେପ୍ଟେମ୍ବର-ନଭେମ୍ବର ସୁଦ୍ଧା ଏବଂ ତୃତୀୟ ପର୍ଯ୍ୟାୟ ପରବର୍ତ୍ତୀ ବର୍ଷ ପାଇଁ ଧାର୍ଯ୍ୟ କରାଯାଇଛି।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।


**ମୀନ:** ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୫୬୪- ରାଣୀ ଦୁର୍ଗାବତୀଙ୍କ ବିୟୋଗ।
- ୧୭୯୩- ଫ୍ରାନ୍ସ ପ୍ରଥମ ଥର ପାଇଁ ରିପବ୍ଲିକାନ୍ ସମ୍ବିଧାନକୁ ଆପଣାଇଲା।
- ୧୯୧୮- କାନାଡ଼ାର ମଣ୍ଟ୍ରିଲ୍ ଓ ଟରଣ୍ଟୋ ମଧ୍ୟରେ ଏୟାରମେଲ୍ ସେବା ଆରମ୍ଭ ହେଲା।
- ୧୯୮୨- ସୋଭିଏତ୍ ସଂଘ ସୋୟୁଜ୍ ଟି-୬ ଲଞ୍ଚ କଲା।
- ୧୯୬୬- ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆ ବିମାନ ସ୍ୱିଜରଲ୍ୟାଣ୍ଡରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ପ୍ରାଣହାନି।

## ଆଜି ବାହୁଡ଼ିଥିଲେ

# ଜନନାୟକ ନବକୃଷ୍ଣ ଚୌଧୁରୀ



ନବକୃଷ୍ଣ ଚୌଧୁରୀ ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ବାଦ୍ ତାଙ୍କର ଏକ ବ୍ୟାପକ ପରିଚୟ ଥିଲା। ସେ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଏବଂ ସର୍ବୋଦୟ ନେତା। ଉଭୟ ବ୍ୟକ୍ତିଗତ ଓ ସାମାଜିକ କ୍ଷେତ୍ରରେ ସାଧୁତା, ନୈତିକତା, ସରଳତା, ପରୋପକାର ଓ ସତ୍ୟବାଦିତା ଦୃଷ୍ଟିରୁ ସେ ସମଗ୍ର ଦେଶରେ ଏକ ବିରଳ ରାଜନେତା ଥିଲେ। ନବକୃଷ୍ଣ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଗୋକୁଳାନନ୍ଦ ଚୌଧୁରୀ ଜଣେ ଓକିଲ ଥିଲେ। ନବକୃଷ୍ଣ ପ୍ୟାରୀମୋହନ ଏକାଡେମୀରେ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ। ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ। ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ସାବରମତୀ ଆଶ୍ରମରେ ଦଶମାସର ରହଣି ତାଙ୍କୁ ସଚ୍ଚୋଟ ଲୋକସେବକ ହେବାରେ ସାହାଯ୍ୟ କରିଥିଲା ଏବଂ ଓଡ଼ିଶା ଫେରି ଆସି ସାଧାରଣ ଲୋକଙ୍କ ବିକାଶ କାର୍ଯ୍ୟରେ ଲାଗିଥିଲେ। ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ। ସେଠାରେ ତାଙ୍କର ମାଳତୀ ସେନ୍‌ଙ୍କ ସହ ପରିଚୟ ହୋଇଥିଲା। ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିବାହ ପରେ ଦୁହେଁ ଆସି ଜଗତସିଂହପୁର ଅନ୍ତର୍ଗତ ତରିକୁଦ ଗ୍ରାମରେ ବାସ କରିଥିଲେ। ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳାଉଥିଲେ। କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ 'ସାରଥି' ଏବଂ ତା ପରେ 'କୃଷକ' ନାମକ ପତ୍ରିକା ବାହାର କରିଥିଲେ। ଜମିଦାର ଘରେ ଜନ୍ମ ନେଇଥିବା ନବକୃଷ୍ଣ ତାଙ୍କର ସମସ୍ତ ଜମି ଭୂଦାନ ଆନ୍ଦୋଳନବେଳେ ଦାନ କରିଦେଇଥିଲେ। ୧୯୩୭ରେ ନୂତନ ଓଡ଼ିଶା ବିଧାନସଭା ନିର୍ବାଚନରେ ତିର୍ତ୍ତୋଲ ଏରସମା ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହୋଇଥିଲେ। ୧୯୪୬ରେ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇ ସେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ହୋଇଥିଲେ। ଶେଷରେ ୧୯୫୦ରେ ନବକୃଷ୍ଣ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେଲେ। ଏହି ସମୟ ଭିତରେ ସେ ଭାଗଚାଷୀ ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ। ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଆଜୀବନ ଶୋଷିତ ଶ୍ରେଣୀର ସପକ୍ଷରେ କାର୍ଯ୍ୟ କରିଥିବା ଏହି ଜନନେତା ୧୯୮୪ ମସିହା ଆଜିର ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ନୃତ୍ୟ ପ୍ରବୀଣା ସଂଯୁକ୍ତା



ସ୍ୱାଧୀନତୋତ୍ତର ଓଡ଼ିଶାରେ ଯେଉଁ ନୃତ୍ୟାଙ୍ଗନାମାନେ ଓଡ଼ିଶୀକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ସଂଯୁକ୍ତା ପାଣିଗ୍ରାହୀ ଅନ୍ୟତମ। ନିଜର କଠୋର ସାଧନା ଓ ଅଧ୍ୟବସାୟ ଦ୍ୱାରା ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ଓଡ଼ିଶୀ ନୃତ୍ୟର ଜଣେ ସଫଳତମ ନୃତ୍ୟଶିଳ୍ପୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଓଡ଼ିଶୀକୁ ଭାରତ ସମେତ ସମଗ୍ର ବିଶ୍ୱରେ ଆଦୃତ କରାଇବା ପାଇଁ ସେ ଆମେରିକା, ଫିଲିପାଇନ୍ସ, ୟୁକେ, ଇସ୍ରାଇଲ, ଗ୍ରୀସ୍ ଆଦି ଦେଶଗୁଡ଼ିକ ଭ୍ରମଣ କରିଥିଲେ। ତାଙ୍କ ନୃତ୍ୟ ପ୍ରତିଭା ଓ ନୃତ୍ୟ କଳା ପ୍ରତି ଅବଦାନ ସ୍ୱରୂପ ତାଙ୍କୁ ୧୯୭୫ ମସିହାରେ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା। ୧୯୭୬ରେ ମଧ୍ୟ ସେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ। ସଂଯୁକ୍ତାଙ୍କର ଜନ୍ମ ୨୪ ଅଗଷ୍ଟ, ୧୯୪୪ ମସିହାରେ ବ୍ରହ୍ମପୁରର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ଅଭିରାମ ମିଶ୍ର ଓ ମାତାଙ୍କ ନାମ ଶକୁନ୍ତଳା ମିଶ୍ର। ବାଲ୍ୟ ସମୟରୁ ତାଙ୍କ ଭିତରେ ନୃତ୍ୟ ପ୍ରତିଭା ବିକଶିତ ହୋଇଥିଲା। ମାତ୍ର ତାଙ୍କ ପିତାଙ୍କ ବିରୋଧ ସତ୍ତ୍ୱେ ମା' ତାଙ୍କୁ ନୃତ୍ୟ ପାଇଁ ପ୍ରୋତ୍ସାହିତ କରିଥିଲେ। ମା'ଙ୍କ ପ୍ରେରଣା ବଳରେ ସଂଯୁକ୍ତା ଚାରି ବର୍ଷ ବୟସରେ ଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ୧୯୫୦-୧୯୫୩ ମସିହା ମଧ୍ୟରେ ତାଙ୍କୁ ତିନି ତିନି ଥର ସର୍ବଶ୍ରେଷ୍ଠ ଶିଶୁ କଳାକାର ଭାବେ ଅଭିହିତ କରାଯାଇଥିଲା। ୧୯୫୨ ମସିହାରେ ସେ ଅନ୍ତରାଷ୍ଟ୍ରୀୟ ଶିଶୁ ଚଳଚ୍ଚିତ୍ର ସମାରୋହରେ ପ୍ରଥମ ପୁରସ୍କାର ଜିତିଥିଲେ। ନୃତ୍ୟରେ ଭଲ ପ୍ରଶିକ୍ଷଣ ପାଇଁ ତାଙ୍କ ମା' ତାଙ୍କୁ ଚେନ୍ନାଇରେ କଳାକ୍ଷେତ୍ରକୁ ପଠାଇଥିଲେ। ସେଠାରେ ସେ ୬ବର୍ଷ ପର୍ଯ୍ୟନ୍ତ ଭାରତନାଟ୍ୟମ୍ ଓ କଥକ ଶିକ୍ଷା ଲାଭ କରିଥିଲେ। ୧୪ବର୍ଷ ବୟସରେ ସେ ଓଡ଼ିଶା ଫେରି ଆସି ଓଡ଼ିଶୀ ନୃତ୍ୟର ବିକାଶ ଦିଗରେ ଧ୍ୟାନ ଦେଇଥିଲେ। ୧୯୬୦ ମସିହାରେ ୧୬ବର୍ଷ ବୟସରେ ସଙ୍ଗୀତଜ୍ଞ ରଘୁନାଥ ପାଣିଗ୍ରାହୀଙ୍କୁ ବିବାହ କରିଥିଲେ। ରଘୁନାଥଙ୍କ ସହିତ ଦେଶ ବିଦେଶରେ ନୃତ୍ୟ ପରିବେଷଣ କରି ଯଶ ଓ ଖ୍ୟାତିର ସର୍ବୋଚ୍ଚ ସ୍ଥାନରେ ସଂଯୁକ୍ତା ପହଞ୍ଚି ପାରିଥିଲେ। ନିଜର ଚେଷ୍ଟା ବଳରେ ସେ ଓଡ଼ିଶୀ ନୃତ୍ୟକୁ ବିଶ୍ୱସ୍ତରରେ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଦେବାରେ ସଫଳ ହୋଇଥିଲେ। ୧୯୯୭ ମସିହା ଆଜିର ଦିନରେ ଏହି ମହାନ୍ ନୃତ୍ୟଶିଳ୍ପୀଙ୍କ ମୃତ୍ୟୁ ହୋଇଥିଲା।

# ଘୁଞ୍ଚିପାରେ 'ପରମସୁନ୍ଦରୀ' ରିଲିଜ୍ ଡେଟ୍



ବଲିଉଡ୍ ଅଭିନେତା ଅଜୟ ଦେବଗନଙ୍କ ଫିଲ୍ମ 'ସନ୍ ଅଫ୍ ସର୍ଦ୍ଦାର୍-୨' ଆସନ୍ତା ଜୁଲାଇ ୨୫ ତାରିଖରେ ରିଲିଜ୍ ହେବ। ଏହି ଦିନ ଜାହ୍ନବୀ କପୁର ଓ ସିଦ୍ଧାର୍ଥ ମଲହୋତ୍ରାଙ୍କ ଫିଲ୍ମ 'ପରମସୁନ୍ଦରୀ' ମଧ୍ୟ ମୁକ୍ତିଲାଭ କରିବ। ଇତିମଧ୍ୟରେ 'ପରମସୁନ୍ଦରୀ'ର ନିର୍ମାତା ଅଜୟଙ୍କ ଷ୍ଟାରଡମ୍ ଓ 'ସନ୍ ଅଫ୍ ସର୍ଦ୍ଦାର'ର ସଫଳତାକୁ ଦେଖି ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅଜୟଙ୍କ ଯୋଗୁଁ ତାଙ୍କ ଫିଲ୍ମକୁ ବଡ଼ ଧରଣର କ୍ଷତି ସହିବାକୁ ପଡ଼ିପାରେ ବୋଲି ଏହାର ନିର୍ମାତା ଭାବୁଛନ୍ତି। ପ୍ରଯୋଜକ ଦିନେଶ ବିଜାନ ଫିଲ୍ମର ସଫଳତା ନେଇ ବେଶ୍ ଆଶାବାଦୀ ଅଛନ୍ତି। ଅପରପକ୍ଷରେ ଜୁଲାଇ ମାସରେ ଅନେକଗୁଡ଼ିଏ ରୋମାଣ୍ଟିକ୍ କମେଡି ଫିଲ୍ମ ରିଲିଜ୍ ହେଉଥିବାରୁ ଏହା 'ପରମସୁନ୍ଦରୀ'ର ବିଜିନେସ୍‌କୁ ପ୍ରଭାବିତ କରିପାରେ ବୋଲି ଦିନେଶ ଭାବୁଛନ୍ତି। ତେବେ ଦିନେଶ ଏହାକୁ ଅଗଷ୍ଟରେ ରିଲିଜ୍ କରିବା ପାଇଁ ଯୋଜନା କରୁଛନ୍ତି। ଅପରପକ୍ଷରେ 'ୱାର୍-୨', 'ଧଡକ-୨' ମଧ୍ୟ ଅଗଷ୍ଟ ମାସରେ ରିଲିଜ୍ ହେବ। ଏଦୁଇଟି ଫିଲ୍ମ ମଧ୍ୟ 'ପରମସୁନ୍ଦରୀ'ର ବିଜିନେସ୍‌କୁ ପ୍ରଭାବିତ କରିପାରେ। କିନ୍ତୁ ଏଯାଏଁ ଏହି ଫିଲ୍ମ କେବେ ମୁକ୍ତିଲାଭ କରିବ ସେନେଇ ଦିନେଶ ସ୍ପଷ୍ଟ ଭାବେ କିଛି କହି ନାହାନ୍ତି। କିଛି ଦିନ ପୂର୍ବରୁ ଫିଲ୍ମର ଫାଷ୍ଟ ଲୁକ୍ ସାମ୍ନାକୁ ଆସିଥିଲା। ଉଭୟ ଜାହ୍ନବୀ ଓ ସିଦ୍ଧାର୍ଥ ଦକ୍ଷିଣ ଭାରତୀୟ ପୋଷାକ ପରିପାଟୀରେ ବେଶ୍ ଭଲ ଦେଖାଯାଉଛନ୍ତି। ସବୁଠୁ ବଡ଼ କଥା ହେଲା ସିଦ୍ଧାର୍ଥ ଓ ଜାହ୍ନବୀଙ୍କ ଯୋଡ଼ି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି।




# ସଠିକ୍ ଖାଦ୍ୟ ସଂରକ୍ଷଣରୁ ରୋଗମୁକ୍ତ ରହିବେ ପ୍ରାଣୀ

**ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ରହିଥାଏ। ଏହି ଦିନରେ ଅତ୍ୟଧିକ ଆର୍ଦ୍ରତା ଓ ଚାରିଆଡେ ପାଣି ଜମି ରହୁଥିବାରୁ ପ୍ରାଣୀଙ୍କ ଖାଦ୍ୟକୁ କବକ ଓ ଜୀବାଣୁ ଆଦି ଶୀଘ୍ର ସଂକ୍ରମିତ କରିଥାନ୍ତି। ଉକ୍ତ ପଚା ସଢ଼ା ଖାଦ୍ୟ ଖାଇ ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି। ତେଣୁ ଅନ୍ୟଦିନ ତୁଳନାରେ ବର୍ଷାଦିନେ ପ୍ରାଣୀଙ୍କ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏହିଦିନେ ସଠିକ୍ ଉପାୟରେ ଚାଷୀଭାଇମାନେ ଖାଦ୍ୟ ସଂରକ୍ଷଣ କରିପାରିବେ।**

ଅଧିକାଂଶ ପ୍ରାଣୀଙ୍କ ଖାଦ୍ୟକୁ ନ ଶୁଖାଇ ଏହାକୁ ସଂରକ୍ଷଣ କରି ଦିଅନ୍ତି। ସେହିପରି ଖୋଲା ଓଦାଳିଆ ସ୍ଥାନରେ ଖାଦ୍ୟ ରଖିବା, ଓଦା ଖାଦ୍ୟରେ କବକ ତଥା ପୋକ ସଂକ୍ରମଣ ହେବା, ଖାଦ୍ୟକୁ ସଫା ଓ ସ୍ୱଚ୍ଛ ସ୍ଥାନରେ ନ ରଖିବା କାରଣରୁ ଏହା ନଷ୍ଟ ହୋଇଥାଏ। ଏହି ବିଷାକ୍ତ ତଥା ଦୂଷିତ ଖାଦ୍ୟ ଖାଇବା ଯୋଗୁ ଗାଈଗୋରୁଙ୍କଠାରେ ପତଳା ଝାଡ଼ା ହେବା, ଶରୀରରୁ ଜଳୀୟଅଂଶ କମିଯିବା, ଦୁର୍ବଳ ଅନୁଭବ କରି ଖାଇବା ପିଇବା କମାଇ ଦେବା, ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ। ବିଶେଷ କଥା ହେଉଛି, ସଢ଼ା ବା ପଚା ଖାଦ୍ୟରେ ଅଫ୍ଲାଟକ୍ସିନ, ମାୟକୋଟକ୍ସିନ ପରି ହାନିକାରକ କବକ ଉତ୍ପନ୍ନ ହୋଇଥାଏ। ଏହାକୁ ଖାଇବା ଦ୍ୱାରା ପ୍ରାଣୀଙ୍କର ପେଟଜନିତ ସମସ୍ୟା ହେବାର ଭୟ ଅଧିକ ରହିଥାଏ।

ତେଣୁ ପ୍ରାଣୀଙ୍କ ଖାଦ୍ୟ ସାଇତିବା ପାଇଁ ସର୍ବଦା ଉଚ୍ଚ, ଶୁଖିଲା ଓ ବାୟୁଚଳାଚଳ ହୋଇପାରୁଥିବା ସ୍ଥାନ ଚୟନ କରନ୍ତୁ। ବାଉଁଶ, କାଠ କିମ୍ବା ଇଟା ସାହାଯ୍ୟରେ ଥାକ କରି ସେଥିରେ ଖାଦ୍ୟ ରଖିବା ସବୁଠୁ ଭଲ ବିକଳ୍ପ। ଖାଦ୍ୟ ସାଇତିବା ପରେ ଏହା ଉପରେ ପ୍ଲାଷ୍ଟିକ୍ ସିଟ୍ କିମ୍ବା ପାଲ ଘୋଡାଇବା ନିହାତି ଆବଶ୍ୟକ। ଖାଦ୍ୟର ଯାଞ୍ଚ କରି ଏହାକୁ ମଝିରେ ମଝିରେ ଶୁଖାଇ ପାରିବେ। ଖାଦ୍ୟ ସାଇତା ଯାଉଥିବା ସ୍ଥାନରେ ନିମ୍ବପତ୍ର ପୁଟୁଳା କିମ୍ବା ଶୁଖିଲା ପତ୍ରକୁ ଖାଦ୍ୟରେ ମିଶାଇ ରଖିବା ଦ୍ୱାରା ସଂକ୍ରମଣରୁ ରକ୍ଷା କରାଯାଇପାରେ। ସେହିପରି ଘାସ କାଟିବା ପରେ ୩ରୁ ୫ଦିନ ଖରାରେ ଶୁଖାଇବା ଜରୁରି। ଶୁଖିଲା ଘାସକୁ ସଠିକ୍ ଢଙ୍ଗରେ ରଖିବା ଦ୍ୱାରା ଏହା ଦୀର୍ଘ ସମୟ ଭଲ ରୁହେ। ଏନେଇ ପ୍ରତି ୧୫ରୁ ୨୦ ଦିନରେ ଚାରାର ସ୍ଥିତି ଯାଞ୍ଚ କରି ପାରିବେ। ବର୍ଷାଦିନେ ପ୍ରାଣୀଙ୍କ ପାଇଁ ଖାଦ୍ୟ ଉପଲବ୍ଧତା ଏବଂ ଗୁଣବତ୍ତା ଦୁଇଟିକୁ ଗୁରୁତ୍ୱ ଦେବା ଆବଶ୍ୟକ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ସମୟରେ ଫସଲରେ କୀଟନାଶକ ସିଞ୍ଚନ ଓ ଜଳସେଚନ ବନ୍ଦ ରଖନ୍ତୁ।
- ତଳିଘେରା ପାଇଁ ବଛା ଯାଇଥିବା ଜମିକୁ ୩ରୁ ୪ଥର ହଳ କରି ଘାସ ବାଛି ଦିଅନ୍ତୁ। ବୁଣାଧାନ ପାଇଁ ଶେଷ ଓଡ଼ ଚାଷ ସମୟେ ଏକର ପ୍ରତି ୮ କୁଇଣ୍ଟାଲ ଖତ ପ୍ରୟୋଗ କରନ୍ତୁ।
- ସଅଳ କିମ୍ବା ମଧ୍ୟମ ଋତୁରେ ଦେଖାଯାଉଥିବା ମରୁଡ଼ିକୁ ଏଡ଼ାଇବା ପାଇଁ ବର୍ଷା ଜଳ ସଂଗ୍ରହ ପ୍ରକଳ୍ପଗୁଡିକୁ ମରାମତି କରନ୍ତୁ।
- ବିହନ ବୁଣିବା ଆଗରୁ ଏକ କେଜି ହରଡ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ।
- ବାଇଗଣ ତଳିଘେରାରେ ଘରାକଟା ରୋଗ ହେଲେ, ଶୁଖିଲା ପାଗ ଦେଖି ୧୦ଲିଟର ପାଣିରେ ୨୦ ଗ୍ରାମ ମେଟାଲାଗଜିଲ ଓ ମାଙ୍କୋଜେବ ମିଶାଇ ଏହି ଦ୍ରବଣକୁ ଝରା ଦ୍ୱାରା ମାଟିକୁ ଭିଜାନ୍ତୁ।
- ଭେଣ୍ଡି ବିହନ ଲଗାଇବା ସମୟରେ ଏକର ପ୍ରତି ୭୦ କିଗ୍ରା ଡିଏପି, ୧୧ କିଗ୍ରା ମ୍ୟୁରେଟ ଅଫ୍ ପଟାସ ସହିତ ୧୨ କିଗ୍ରା ୟୁରିଆ ସାର ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୪୫ ସେମି ଏବଂ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ।

# ଗଛର ଯତ୍ନ ନେବ ଆପ୍



**ସମ୍ପ୍ରତି ବାଲ୍‌କୋନି, ଛାତ, ଘର ଅଗଣାରେ ଅଧିକାଂଶ ବ୍ୟକ୍ତି କଣ୍ଟେନର ଗାର୍ଡେନିଂ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବିଶେଷ ଦେଖାଶୁଣା କରିବାକୁ ପଡ଼େ। ହେଲେ ଯେତେବେଳେ କାମ ବା ଛୁଟି ବିତାଇବାକୁ ଜଣେ ଦୀର୍ଘ ସମୟ ବାହାରକୁ ଯାଆନ୍ତି, ଗଛର ଦେଖାରଖା ଓ ପାଣି ଦେବାକୁ ନେଇ ଚିନ୍ତିତ ରହିଥାନ୍ତି। ହେଲେ ଏବେ ଏହି ସମସ୍ୟାକୁ ଦୂର କରିବାକୁ ବିଭିନ୍ନ ପ୍ରକାର ସ୍ମାର୍ଟ ଆପ୍ ଉପଲବ୍ଧ ରହିଛି।**

**ପ୍ଲାଣ୍ଟସ୍ନାପ:** ଗଛ ଚିହ୍ନଟ କରିବାକୁ ପ୍ଲାଣ୍ଟସ୍ନାପ ଆପ୍ ବହୁତ ଉପଯୋଗୀ। ଫୋନ୍ କ୍ୟାମେରାରେ ଗଛର ଫଟୋ ନେଇ ଏହାର ନାଁ ଏବଂ ଦେଖାରଖା ବିଷୟରେ ଏହି ଆପ୍ ସୂଚନା ଦେଇଥାଏ। ତେଣୁ ଜଣେ ବାହାରେ ଥିଲେ ବି ଏହି ଆପ୍ ବ୍ୟବହାର କରି ଗଛର କିପରି ଯତ୍ନ ନିଆଯାଇ ପାରିବ ତଥା ଗଛକୁ କେଉଁ ସମୟରେ ପାଣି ଆବଶ୍ୟକ ସେ ବିଷୟରେ ଜାଣି ପାରିବେ।

**ୱାଟରବଟ:** ୱାଟରବଟ୍ ଆପ୍‌ଟି ଗଛରେ ପାଣି ଦେବାକୁ ରିମାଇଣ୍ଡର ସେଟ୍ କରିଥାଏ। ତେଣୁ ଜଣେ ଗଛର ପ୍ରଜାତି ଏବଂ ଏହାର ଆବଶ୍ୟକ ଅନୁସାରେ ଜଳସିଞ୍ଚନର କାର୍ଯ୍ୟସୂଚୀ ବନାଇ ପାରିବେ। ଆପ୍‌ରେ ନୋଟିଫିକେସନ ପଠାଇବାର ସୁବିଧା ଥିବାରୁ ଜଣେ ବାହାରେ ଥାଇ ବି ଘରର ଅନ୍ୟ ସଦସ୍ୟଙ୍କ ଦ୍ୱାରା ଗଛକୁ ପାଣି ଦେଇପାରିବେ।

**ଗାର୍ଡେନାଇଜ୍:** ଗାର୍ଡେନାଇଜ୍ ଆପ୍ ସମସ୍ତ ଗଛର ସୂଚନାକୁ ପଞ୍ଜିକରଣ କରିଥାଏ। ଏହାର ଦେଖାରଖା ପାଇଁ ରେକର୍ଡ କରି ମଧ୍ୟ ରଖିଥାଏ। ଏହି ଆପ୍ ମଧ୍ୟ ଗଛର ବୃଦ୍ଧି, ପାଣି ଦେବାର ସମୟ, ଖତ ପ୍ରୟୋଗ ଆଦି ବିଷୟରେ ମନେ ପକାଇଥାଏ। ତେଣୁ ଜଣେ ଦୂରରେ ଥାଇ ବି ଘରର ଅନ୍ୟ ସଦସ୍ୟଙ୍କୁ ଯୋଗାଯୋଗ କରି ଗଛର ସଠିକ ଯତ୍ନ ନେଇପାରିବେ।

**ଫ୍ଲୋରିଶ୍:** ଫ୍ଲୋରିଶ୍ ସ୍ମାର୍ଟ ଆପ୍‌ଟି ଜଳବାୟୁ ଅନୁସାରେ ଗଛର ଯତ୍ନ ନେବାକୁ ସୂଚନା ଦେଇଥାଏ। ଏହା ପାଣିପାଗ ପରିବର୍ତ୍ତନ ଅନୁସାରେ କେଉଁ ଗଛକୁ କେତେ ପାଣି ଆବଶ୍ୟକ, କେଉଁ ଦିନ ଖତ ପ୍ରୟୋଗ କରିବା ତଥା ରୋଗପୋକର ସମ୍ଭାବନା ବିଷୟରେ ପରାମର୍ଶ ଦିଏ। ଏହି ଆପ୍‌ଟି ବଗିଚା ଥିବା ସ୍ଥାନର ପାଣିପାଗକୁ ଟ୍ରାକ୍ କରି ଫୋନ୍‌କୁ ମେସେଜ୍ ପଠାଇଥାଏ। ଏହାଦ୍ୱାରା ଜଣେ ଦୂରରୁ ଥାଇ ବି ଗଛର ଯତ୍ନ ନେଇ ପାରନ୍ତି। ଆବଶ୍ୟକ ମୁତାବକ ଗଛକୁ ଜଳ ଯୋଗାଣ କରିହୁଏ।

**ସ୍ମାର୍ଟ ପ୍ଲାଣ୍ଟ କେୟାର:** ସ୍ମାର୍ଟ ପ୍ଲାଣ୍ଟ କେୟାର ଆପ୍‌ଟି ଗଛରେ ରୋଗ ଏବଂ ପୋକକୁ ଚିହ୍ନଟ କରି ଏହାର ନିରାକରଣ ପାଇଁ ସୂଚନା ଦେଇଥାଏ। ଏହି ଆପ୍‌ରେ ଜଳ ସିଞ୍ଚନ ଏବଂ ଖତ ପ୍ରୟୋଗ ପାଇଁ ରିମାଇଣ୍ଡର ସୁବିଧା ରହିଛି। ତେଣୁ ଆପ୍ ମାଧ୍ୟମରେ ସମସ୍ତ ଗଛର ଦେଖାରଖା ସହଜ ହୁଏ।

# ଗ୍ରୋବ୍ୟାଗ୍‌ରେ ଆଭାକାଡୋ





**ଆଭାକାଡୋ ଏକ ବିଦେଶୀ ଫଳ। ଏହିଫଳରେ ପ୍ରୋଟିନ୍, ଫାଇବର, ପୋଷକତତ୍ତ୍ୱ ଭରପୁର ମାତ୍ରାର ମିଳିଥାଏ। କୁଣ୍ଡରେ ଆଭାକାଡୋ ଲଗାଇବା ତ ସମସ୍ତେ ଜାଣନ୍ତି, ଗ୍ରୋବ୍ୟାଗ୍‌ରେ ଏହି ଫଳ ଗଛ ଲଗାଇବାର ଟ୍ରେଣ୍ଡ ଏବେ ବଢୁଛି।**

ଗ୍ରୋ ବ୍ୟାଗ୍ ମଜବୁତ୍, ସମ୍ପ୍ରସାରଣ ଏବଂ ହାଲୁକା ହୋଇଥାଏ। ଏଥିରେ ମାଟି ଭର୍ତ୍ତି କରି ବାଲ୍‌କୋନି, ଛାତ, ଅଗଣା, ଝରକା କୋଣ ପାଖେ ରଖାଯାଇପାରିବ। ଗ୍ରୋ ବ୍ୟାଗ୍‌ରେ ଗଛ ଲଗାଇଲେ ଜଳ ନିଷ୍କାସନ ଭଲ ହୁଏ। ମୂଳ ମଜବୁତ୍ ହୋଇଥାଏ। ଏହା ପରିବେଶ ଅନୁକୂଳ। ତେଣୁ ୧୮x୧୮ ଇଞ୍ଚ ମଜବୁତ୍ ଗ୍ରୋ ବ୍ୟାଗ୍‌ରେ ୫୦% ମାଟି, ୩୦ % ଗୋବର ଖତ ଏବଂ ୨୦% ବାଲି ମିଶାଇ ଆଭାକାଡୋ ଚାରା କିମ୍ବା ବିହନକୁ ଅଙ୍କୁରିତ କରି ଲଗାଯାଇଥାଏ। ଆଭାକାଡୋକୁ ନିୟମିତ ୫ରୁ ୬ ଘଣ୍ଟା ଖରା ଏବଂ ପାଣିର ଆବଶ୍ୟକ ହୋଇଥାଏ। ସେଥିପାଇଁ ପ୍ରତି ମାସରେ ଖତ କିମ୍ବା ଜିଆଖତ ପ୍ରୟୋଗ କରାଯାଇପାରିବ। ରୋଗ ପୋକ ନିୟନ୍ତ୍ରଣ ପାଇଁ ନିମ୍ବତେଲ ସିଞ୍ଚନ ଉତ୍ତମ ବିକଳ୍ପ। ଗଛ ଲଗାଇବାର ୩ ରୁ ୪ ବର୍ଷ ପରେ ଗଛ ଫଳ ଦେବା ଆରମ୍ଭ କରେ।





● ମହିଳା ଏସିଆ କପ୍‌ରେ ପ୍ୟାରୀଙ୍କ ୫ ଗୋଲ

## ମଙ୍ଗୋଲିଆକୁ ୧୩-୦ରେ ହରାଇଲା ଭାରତ



ବ୍ୟାଙ୍କକ୍, ୨୩।୬ (ଏଜେନ୍ସି): ମଙ୍ଗୋଲିଆକୁ ୧୩-୦ ଗୋଲରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ଏଏଫ୍‌ସି ମହିଳା ଏସିଆ କପ କ୍ୱାଲିଫାୟର୍ସରେ ବୃହତ୍ ବିଜୟ ହାସଲ କରିଛି। ସୋମବାର ଦଳ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ପ୍ୟାରୀ ଖାଖା ଷ୍ଟାର ବନିଥିଲେ। ସେ ଏକାକୀ ୫ଟି ଗୋଲ ଦେଇଥିଲେ। ଚିଆଙ୍ଗ ମାଇ ଷ୍ଟାଡିୟମ୍‌ର ୭୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ଟୁର୍ଣ୍ଣାମେଣ୍ଟ ଧୂମଧାମରେ ଖେଳାଯାଇଛି। ଭାରତର ତାହା ଦ୍ୱିତୀୟ ମ୍ୟାଚ୍ ୬ ଦିନ ପରେ ତିମୋର ଲେଷ୍ଟେ ସହ ଖେଳିବ। ଏହି ଗ୍ରୁପ୍‌ରେ ସାମିଲ ହୋଇଥିବା ଅନ୍ୟ ଦଳଗୁଡିକ ହେଲେ, ଇରାକ ଓ ଥାଇଲାଣ୍ଡ। ଗ୍ରୁପ୍‌ରେ ଚାମ୍ପିଅନ ଦଳ ଏସିଆ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

## ମୁମ୍ବଇ ଛାଡ଼ିବେ ପୃଥ୍ୱୀ ଶ’

ମୁମ୍ବଇ, ୨୩।୬ (ଏଜେନ୍ସି): ଯୁବ ଓପନର ପୃଥ୍ୱୀ ଶ’ ଚଳିତ ସିଜନରେ ମୁମ୍ବଇ କ୍ରିକେଟ ଦଳ ଛାଡ଼ିବେ। ସେ ଅନ୍ୟ ଏକ ରାଜ୍ୟରୁ ଭଲ ପ୍ରସ୍ତାବ ପାଇଥିବାରୁ ମୁମ୍ବଇ କ୍ରିକେଟ ସଂଘ (ଏମ୍‌ସିଏ)କୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ମାଗିଥିଲେ। ମୁମ୍ବଇ ଛାଡିବାକୁ ପୃଥ୍ୱୀ କରିଥିବା ଆବେଦନକୁ ଏମ୍‌ସିଏ ଗ୍ରହଣ କରିଛି ଓ ନୋ ଅବଜେକ୍ସନ ସାର୍ଟିଫିକେଟ ପ୍ରଦାନ କରିଛି। କିନ୍ତୁ ସେ କେଉଁ ରାଜ୍ୟରୁ ଖେଳିବେ ତାହା ଜଣାପଡ଼ିନାହିଁ। ଗତବର୍ଷ ଫିଟ୍‌ନେସ କାରଣରୁ ତାଙ୍କୁ ରଣଜୀ ଦଳରୁ ବାଦ୍ ଦିଆଯାଇଥିଲା। ତାହା ପରଠାରୁ ସେ ଏମ୍‌ସିଏ ଉପରେ କ୍ଷୁବ୍ଧ ହୋଇଥିଲେ। ଚଳିତ ସିଜନରେ ଟିମ୍ ଇଣ୍ଡିଆନ ଓପନର ଯଶସବୀ ଜୟସ୍ୱାଲ ମୁମ୍ବଇ ଛାଡ଼ି ଗୋଆରେ ଖେଳିବାକୁ ଆବେଦନ କରିଥିଲେ। କିନ୍ତୁ ପରେ ସେ ମୁମ୍ବଇ ପକ୍ଷରୁ ଖେଳିବେ ବୋଲି ୟୁ ଟର୍ଣ୍ଣ ନେଇଥିଲେ।

● ମେଜର କ୍ରିକେଟ ଲିଗ୍

## ୱାଶିଂଟନ ଫ୍ରିଡମ୍ ବିଜୟୀ

ଡଲାସ,୨୩।୬ (ଏଜେନ୍ସି): ମିଚେଲ ଓୱେନଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ସୋମବାର ସକାଳେ ଖେଳାଯାଇଥିବା ମେଜର କ୍ରିକେଟ ଲିଗ୍‌ର ୧୩ତମ ମ୍ୟାଚ୍‌ରେ ୱାଶିଂଟନ ଫ୍ରିଡମ ୭ ୱିକେଟରେ ଟେକ୍ସାସ ସୁପର କିଙ୍ଗସ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଓୱେନ ୩୩ ରନ୍‌ରେ ୩ଟି ଓ ଗ୍ଲେନ୍ ମ୍ୟାକ୍ସୱେଲ ୩୫ ରନ୍‌ରେ ୨ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟରେ ୨୨୦ ରନ୍ କରିଥିଲା। ଜବାବରେ ଓୱେନଙ୍କ ୫୨ ବଲ୍‌ରେ ୮୯ ଓ ଆନ୍ଦ୍ରିଏସ୍ ଗାଉସ୍‌ଙ୍କ ୪୫ ବଲ୍‌ରେ ଅପରାଜିତ ୮୦ ରନ୍ ବଳରେ ୱାଶିଂଟନ ଫ୍ରିଡମ୍ ୧୯.୪ ଓଭରରେ ୩ ୱିକେଟ ହରାଇ ୨୨୩ ରନ୍ କରିବା ସହ ୭ ୱିକେଟରେ ମ୍ୟାଚ୍ ଜିତିଥିଲା। ପୂର୍ବରୁ ଖେଳାଯାଇଥିବା ଦ୍ୱାଦଶ ଲିଗ୍ ମ୍ୟାଚ୍‌ରେ ଭାରତୀୟ ଖେଳାଳି ଉନ୍ମୁକ୍ତ ଚାନ୍ଦଙ୍କ ୫୮ ବଲ୍‌ରେ ଅପରାଜିତ ୮୬ ଓ ସୈଫ ବାଦରଙ୍କ ୩୨ ବଲ୍‌ରେ ୫୪ ରନ୍ ସଂଗୃହୀତ ହେବା ଫଳରେ ଲସ୍ ଆଞ୍ଜେଲ୍ସ ନାଇଟ୍ ରାଇଡର୍ସ ୬ ୱିକେଟରେ ସିଆଟଲ ଓର୍କାସକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଓର୍କାସ ୬ ୱିକେଟରେ ୧୭୭ ରନ୍ କରିଥିଲା। ଜବାବରେ ଲସ୍ ଆଞ୍ଜେଲ୍ସ ନାଇଟ୍ ରାଇଡର୍ସ ୧୮.୨ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୭୮ ରନ୍ ସଂଗ୍ରହ କରିନେଇଥିଲା।

ଗୋଟିଏ ଟେଷ୍ଟରେ ୫ ଶତକ; ଇଂଲଣ୍ଡ ଆଗରେ ୩୭୧ ରନ୍‌ର ଟାର୍ଗେଟ୍

# ରାହୁଲ, ପନ୍ତଙ୍କ ଦମ୍‌ଦାର୍ ଶତକ



ଲିଡ୍ସ, ୨୩।୬ (ଏଜେନ୍ସି)

ଲୋକେଶ ରାହୁଲ (୧୩୭) ଓ ଋଷଭ ପନ୍ତ୍ (୧୧୮)ଙ୍କ ଶତକ ସହାୟତାରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଭାରତ ଘରୋଇ ଇଂଲଣ୍ଡ ଆଗରେ ୩୭୧ ରନ୍‌ର ଟାର୍ଗେଟ ଦେଇଛି। ଏହି ମ୍ୟାଚ୍‌ରେ ଆସନ୍ତାକାଲି ଶେଷ ଦିନ ହୋଇଥିଲାବେଳେ ଇଂଲଣ୍ଡକୁ ଏହି ଲକ୍ଷ୍ୟ ହାସଲ କରିବାକୁ ହେବ। ମ୍ୟାଚ୍‌ର ଚତୁର୍ଥ ଦିନରେ ରାହୁଲ ଓ ପନ୍ତ୍ ୪ର୍ଥ ୱିକେଟ ଯୋଡିରୁ ୧୯୫ ରନ୍ ଉଠାଇବା ଫଳରେ ଦ୍ୱିତୀୟ ଇନିଂସରେ ଭାରତ ୩୬୪ ରନ୍ କରିବାକୁ ସମର୍ଥ ହୋଇଥିଲା। ପୂର୍ବରୁ ପ୍ରଥମ ଇନିଂସରେ ଭାରତର ୪୭୧ ରନ୍ ଜବାବରେ ଇଂଲଣ୍ଡ ୪୬୫ ରନ୍ କରିଥିଲା। ଏହା ଫଳରେ ଭାରତ ପ୍ରଥମ ଇନିଂସରେ ମାତ୍ର ୬ ରନ୍‌ରେ ଆଗୁଆ ରହିଥିଲା। ଏହି ମ୍ୟାଚ୍‌ରେ ଭାରତର ପ୍ରଥମ ଇନିଂସରେ ୩ଟି ଓ ଦ୍ୱିତୀୟ ଇନିଂସରେ ୨ଟିକୁ ମିଶାଇ ମୋଟ ୫ଟି ଶତକ ସଂଗୃହୀତ ହୋଇଛି। ଯାହାକି ଭାରତର ଟେଷ୍ଟ ଇତିହାସରେ ପ୍ରଥମଥର ଦେଖିବାକୁ ମିଳିଛି। ସେହିପରି ଭାରତର ତାରକା ୱିକେଟରକ୍ଷକ ମହେନ୍ଦ୍ର ସିଂ ଧୋନି ଯାହା କରି ପାରି ନ ଥିଲେ ତାହା ପନ୍ତ୍ ଏଠାରେ କରି ଦେଖାଇଛନ୍ତି। ସେ ଭାରତର ପ୍ରଥମ ତଥା ଜିମ୍ବାୱେର ଆଣ୍ଡି ଫ୍ଲାୱାରଙ୍କ ପରେ ବିଶ୍ୱର ଦ୍ୱିତୀୟ ୱିକେଟରକ୍ଷକ ଭାବେ ଗୋଟିଏ ଟେଷ୍ଟରେ ୨ଟି ଶତକ ହାସଲ କରିଛନ୍ତି। ଏହା ବ୍ୟତୀତ ପନ୍ତ୍ ଭାରତର ୭ମ ବ୍ୟାଟର ଭାବେ ଏହି ସଫଳତା ପାଇଛନ୍ତି। ଅନ୍ୟମାନେ ହେଲେ ବିଜୟ ହଜାରେ, ସୁନିଲ ଗାଭାସ୍କର, ରାହୁଲ ଦ୍ରାବିଡ୍, ବିରାଟ କୋହଲି, ଆଜିଙ୍କ୍ୟ ରାହାଣେ, ରୋହିତ ଶର୍ମା। ଏମାନଙ୍କ ମଧ୍ୟରୁ ଗାଭାସ୍କର ୩ଥର ଓ ଦ୍ରାବିଡ୍ ୨ଥର ଏଭଳି ସଫଳତା ପାଇଛନ୍ତି।

ଏହି ମ୍ୟାଚ୍‌ର ଚତୁର୍ଥ ଦିନରେ ଭାରତ ତାହାର ଅସମାପ୍ତ ଦ୍ୱିତୀୟ ଇନିଂସ ୨ ୱିକେଟରେ ୯୦ ରନ୍‌ରୁ ସତର୍କତାର ସହ ଖେଳି ଆରମ୍ଭ କରିଥିଲା। କିନ୍ତୁ ଅଧିନାୟକ ଗିଲ୍ ମାତ୍ର ୮ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ରାହୁଲ ଓ ପନ୍ତ୍ ଭାରତର ସ୍କୋରକୁ ୨୮୭ ରନ୍‌ରେ ପହଞ୍ଚାଇବା ପରେ ଯୋଡି ଭାଙ୍ଗିଥିଲା। ୧୧୮ ରନ୍ କରି ପନ୍ତ୍ ଆଉଟ ହୋଇଥିଲେ। ପ୍ରଥମ ଇନିଂସରେ ତାଙ୍କ ବ୍ୟାଟ୍‌ରୁ ୧୩୪ ରନ୍ ମିଳିଥିଲା। ପନ୍ତଙ୍କ ଆଉଟ ହେବାର ୪୬ ରନ୍ ପରେ ରାହୁଲଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସର ପରିସମାପ୍ତି ଘଟିଥିଲା। ରାହୁଲ ୨୪୭ ବଲ୍ ଖେଳି ୧୮ ଚୌକା ସହ ଗିଲ୍‌ଙ୍କ ପରି ପ୍ଲେଡ୍ ଅନ୍ ହୋଇଯାଇଥିଲେ। ଏହା ଫଳରେ ତାଙ୍କ ୱିକେଟ ସହ ଭାରତ ତାହାର ଶେଷ ୫ଟି ୱିକେଟ ୩୧ ରନ୍ ମଧ୍ୟରେ ହରାଇଥିଲା। ପ୍ରଥମ ଇନିଂସରେ ମଧ୍ୟ ଭାରତ ୪୧ ରନ୍‌ରେ ଶେଷ ୭ଟି ୱିକେଟ ହରାଇଥିଲା। ରବୀନ୍ଦ୍ର ଜାଡେଜା ଅପରାଜିତ ୨୫ ରନ୍ କରିଥିଲାବେଳେ ୨୦ ରନ୍ କରି କରୁନ ନାୟାର ଦ୍ୱିତୀୟ ସୁଯୋଗ ହାତଛଡ଼ା କରିଛନ୍ତି। ଶାର୍ଦ୍ଦୁଳ ୪ ରନ୍ କରିଥିଲାବେଳେ ଅନ୍ୟ ୩ ପେସର ଖାତା ଖୋଲି ପାରି ନାହାନ୍ତି। ଇଂଲଣ୍ଡ ପକ୍ଷରୁ ବ୍ରାଇଡନ୍ କାର୍ସ, ଜୋଶ ଟଙ୍ଗ୍ ୩ଟି ଲେଖାଏଁ ୱିକେଟ ପାଇଛନ୍ତି।



### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୪୭୧
(ଗିଲ-୧୪୭, ପନ୍ତ୍-୧୩୪, ଜୟସ୍ୱାଲ-୧୦୧, ଷ୍ଟୋକ୍ସ-୪/୬୬, ଟଙ୍ଗ୍-୪/୮୬)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୪୬୫
(ପୋପ୍-୧୦୬, ବ୍ରୁକ୍-୯୯, ଡକେଟ-୬୨, ବୁମ୍‌ରା-୫/୮୩, କ୍ରିଷ୍ଣା-୩/୧୨୮, ସିରାଜ- ୨/୧୨୨)।
**ଭାରତ ଦ୍ୱିତୀୟ ଇନିଂସ**: ୩୬୪
(ରାହୁଲ-୧୩୭, ପନ୍ତ୍-୧୧୮, ଟଙ୍ଗ୍-୩/୭୨, କାର୍ସ-୩/୮୦, ବସିର-୨/୯୦)।

### ଗୋଟିଏ ଟେଷ୍ଟରେ ୨ଟି ଶତକ: ପନ୍ତ୍ ୭ମ ଭାରତୀୟ

| ଖେଳାଳି | ପ୍ରଥମ | ଦ୍ୱିତୀୟ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ମାସ ଓ ବର୍ଷ |
|---|---|---|---|---|---|
| ବିଜୟ ହଜାରେ | ୧୧୬ | ୧୪୫ | ଅଷ୍ଟ୍ରେଲିଆ | ଆଡିଲେଡ୍ | ଜାନୁଆରୀ,୧୯୪୮ |
| ସୁନୀଲ ଗାଭାସ୍କର | ୧୨୪ | ୨୨୦ | ୱେଷ୍ଟଇଣ୍ଡିଜ୍ | ପୋର୍ଟ-ଅଫ୍-ସ୍ପେନ୍ | ଏପ୍ରିଲ,୧୯୭୧ |
| ସୁନୀଲ ଗାଭାସ୍କର | ୧୧୧ | ୧୩୭ | ପାକିସ୍ତାନ | କରାଚି | ନଭେମ୍ବର,୧୯୭୮ |
| ସୁନୀଲ ଗାଭାସ୍କର | ୧୦୭ | ୧୮୨* | ୱେଷ୍ଟଇଣ୍ଡିଜ୍ | କୋଲକାତା | ଡିସେମ୍ବର,୧୯୭୮ |
| ରାହୁଲ ଦ୍ରାବିଡ୍ | ୧୯୦ | ୧୦୩* | ନ୍ୟୁଜିଲାଣ୍ଡ | ହାମିଲଟନ | ଜାନୁଆରୀ,୧୯୯୯ |
| ରାହୁଲ ଦ୍ରାବିଡ୍ | ୧୧୧ | ୧୩୫ | ପାକିସ୍ତାନ | କୋଲକାତା | ମାର୍ଚ୍ଚ ୨୦୦୫ |
| ବିରାଟ କୋହଲି | ୧୧୫ | ୧୪୧ | ଅଷ୍ଟ୍ରେଲିଆ | ଆଡିଲେଡ୍ | ଡିସେମ୍ବର, ୨୦୧୪ |
| ଆଜିଙ୍କ୍ୟ ରାହାଣେ | ୧୨୭ | ୧୦୦* | ଦକ୍ଷିଣ ଆଫ୍ରିକା | ଦିଲ୍ଲୀ | ଡିସେମ୍ବର ୨୦୧୫ |
| ରୋହିତ ଶର୍ମା | ୧୭୬ | ୧୨୭ | ଦକ୍ଷିଣ ଆଫ୍ରିକା | ବିଶାଖାପାଟଣା | ଅକ୍ଟୋବର, ୨୦୧୯ |
| ଋଷଭ ପନ୍ତ୍ | ୧୩୪ | ୧୧୮ | ଇଂଲଣ୍ଡ | ହେଡିଂଲେ | ଜୁନ୍, ୨୦୨୫ |

## ମାଷ୍ଟର୍ସ କପ୍ ହକି ସେମିରେ ଓଡ଼ିଶା

ଭୁବନେଶ୍ୱର, ୨୩।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍‌ର ପୁରୁଷ ବିଭାଗରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର କ୍ୱାର୍ଟର ଫାଇନାଲରେ ଓଡ଼ିଶା ୬-୨ ଗୋଲ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଅଧିନାୟକ ଲାଜରୁସ ବାର୍ଲା ଓ ଅନିଲ କୁଲୁ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଅପରପକ୍ଷରେ ମାଷ୍ଟର୍ସ କପ୍‌ର ମହିଳା ବିଭାଗରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ସୋମବାର ପୁଲ୍-ବି’ରେ ଓଡ଼ିଶା ଏହାର ଶେଷ ମ୍ୟାଚରେ ୩-୨ ଗୋଲ୍‌ରେ ହରିୟାଣାକୁ ମାତ୍ ଦେଇଥିଲା। ଓଡ଼ିଶା ପାଇଁ ରଞ୍ଜିତା ବେଗ୍ ୨ଟି ଓ ସରିତା ରୋଶନ ମିଞ୍ଜ ଗୋଟିଏ ଗୋଲ୍ ଦେଇଥିଲେ। ପ୍ରକାଶଯୋଗ୍ୟ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଖେଳାଳିଙ୍କୁ ନେଇ ପ୍ରଥମଥର ଲାଗି ମାଷ୍ଟର୍ସ କପ୍ ଖେଳାଯାଉଛି।

## ଶକ୍ତିସ୍ୱରୂପ ଏଏସସିଏ ଲେଭଲ୍-୧ କୋଚ୍

 କଟକ,୨୩।୬(ସମିସ): ଓଡ଼ିଶାର ଦ୍ୱିତୀୟ ପ୍ରଶିକ୍ଷକ ଭାବେ ଶକ୍ତିସ୍ୱରୂପ ଦାଶ ଅଷ୍ଟ୍ରେଲିଆନ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ ଆସୋସିଏସନ(ଏଏସ୍‌ସିଏ) ଲେଭଲ-୧ କୋଚ୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତରଫରୁ ଏହି ଅନୁବନ୍ଧିତ କୋର୍ସ ଆୟୋଜନ କରାଯାଇଥିଲା। ଶକ୍ତିସ୍ୱରୂପଙ୍କ ପୂର୍ବରୁ ପୂର୍ଣ୍ଣେନ୍ଦୁ ଜେନା ରାଜ୍ୟର ପ୍ରଥମ ପ୍ରଶିକ୍ଷକ ଭାବେ ଏହି ସଫଳତା ହାସଲ କରିଥିଲେ। ଏଏସ୍‌ସିଏ ଲେଭଲ-୧ କୋର୍ସ ଖେଳାଳିଙ୍କ କ୍ଷେତ୍ରରେ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂର ମୌଳିକ ଶିକ୍ଷା ପ୍ରଦାନ କରିଥାଏ। ପୁରୀରେ ଜନ୍ମିତ ଶକ୍ତିସ୍ୱରୂପ ଗତ ସିଜନରେ ଓଡ଼ିଶା ୧୬ବର୍ଷରୁ କମ୍ ଦଳର ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ରହିଥିଲେ। ଏଏସ୍‌ସିଏ ଲେଭଲ-୧ ସଫଳତା ସହିତ ସେ ବିସିସିଆଇ ସିଓଇ କ୍ରିକେଟ ସ୍ପେସିଫିକ୍ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କାର୍ଯ୍ୟକ୍ରମରେ ଭାଗ ନେବା ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଶକ୍ତିସ୍ୱରୂପଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ମିନି ଗଲ୍ଫ

## ବିକାଶ, ସୌମ୍ୟାଶ୍ରୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ




ଭୁବନେଶ୍ୱର, ୨୩।୬ (ସମିସ): ଜାତୀୟ ବରିଷ୍ଠ ମିନି ଗଲ୍ଫର ୧୦ମ ସଂସ୍କରଣ ଚଳିତ ମାସ ୨୫ରୁ ନାଗପୁରରେ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାର ୧୦ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣ ପୁରୁଷ ଓ ମହିଳା ଖେଳାଳି ରହିଛନ୍ତି। ବିକାଶ ଚନ୍ଦ୍ର ପଟ୍ଟନାୟକ ପୁରୁଷ ଦଳର ଅଧିନାୟକ ରହିଥିବାବେଳେ ସେ ମଧ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ପୁରୁଷ ଦଳରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ପଟ୍ଟନାୟକ, ଗିରିଜା ଶଙ୍କର ଭଞ୍ଜ, କୁମାର ଦେବଦତ୍ତ ଓ କୁମାର ଦୈବଜିତ ରହିଛନ୍ତି। ସେହିଭଳି ସୌମ୍ୟାଶ୍ରୀ ରଥଙ୍କୁ ଓଡ଼ିଶା ମହିଳା ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଦଳରେ ଅନିକା ପଟ୍ଟନାୟକ, ଆଦିତି ପାଟିଲ, ରେଶମା ମାଝୀ ଓ ଆଇଶା ଘଟୁଆଳ ସ୍ଥାନ ପାଇଛନ୍ତି। ଅଭିସ୍ୱା ପଣ୍ଡା ପ୍ରଶିକ୍ଷକ ଓ ଲତା ସମର୍ଥା ମ୍ୟାନେଜର ଭାବେ ମହିଳା ଦଳ ସହ ଗସ୍ତ କରିଛନ୍ତି। ଓଡ଼ିଶା ଦଳ ସୋମବାର ନାଗପୁର ଯାତ୍ରା କରିଛି। ଦଳର ସଫଳତା କାମନା କରି ଓଡ଼ିଶା ମିନି ଗଲ୍ଫ ସଂଘ ପକ୍ଷରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

## ଟପ୍ସରେ ସାମିଲ ହେଲେ ଶ୍ରାବଣୀ, ଅନିମେଶ



ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଓଡ଼ିଶାର ତାରକା ଧାବକ ଅନିମେଶ କୁଜୁର ଓ ଧାବିକା ଶ୍ରାବଣୀ ନନ୍ଦ କେନ୍ଦ୍ର କ୍ରୀଡ଼ା ବିଭାଗର ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ସେହିଭଳି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଓଡ଼ିଶାର ଜିମ୍ନାଷ୍ଟ ପ୍ରଣତୀ ନାୟକଙ୍କୁ ଟାର୍ଗେଟ୍ ଏସିଆନ୍ ଗେମ୍ସ ଗ୍ରୁପ୍ (ଟାଗ୍)ରେ ସାମିଲ କରାଯାଇଛି।

୨୨ ବର୍ଷୀୟ ଅନିମେଶ ଗତ ମାସ ପ୍ରାରମ୍ଭରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ୨୦୦ ମିଟର ରେସ୍‌କୁ ୨୦.୩୨ ସେକେଣ୍ଡରେ ଶେଷ କରି ନୂଆ ଜାତୀୟ ରେକର୍ଡ ସହ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଟପ୍ସ ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଥିବା ଭାରତୀୟ ୪ ଗୁଣା ୧୦୦ ମିଟର ରିଲେ ଟିମ୍‌ରେ ଶ୍ରାବଣୀ ରହିଛନ୍ତି। ଶ୍ରାବଣୀଙ୍କ ବ୍ୟତୀତ ଅଭିନ୍ୟା ରାଜରଜନ, ସ୍ନେହା ଶାନୁଭାଲ୍ଲି ଓ ନତ୍ୟା ଗାନ୍ଧେ ରିଲେ ଦଳର ସଦସ୍ୟା ରହିଛନ୍ତି। ଟପ୍ସ ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଥିବା କ୍ରୀଡ଼ାବିତ୍‌ଙ୍କୁ ପଦକ ଆଶାୟୀ ଭାବେ କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ମାସିକ ୨୫ ହଜାର ଟଙ୍କାର ଭତ୍ତା ପ୍ରଦାନ କରାଯିବ। ଜିମ୍ନାଷ୍ଟ ପ୍ରଣତୀଙ୍କ ସମେତ ତ୍ରିପୁରାର ପ୍ରତିଷ୍ଠା ସାମନ୍ତା ଟାର୍ଗେଟ୍ ଏସିଆନ୍ ଗେମ୍ସ ଗ୍ରୁପ୍ (ଟାଗ୍)ରେ ସ୍ଥାନ ପାଇଛନ୍ତି।

# ହକିକୁ ଲଳିତ୍‌ଙ୍କ ଅଲ୍‌ବିଦା




ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି)

ଭାରତୀୟ ହକି ଦଳର ଭେଟେରାନ ଫରୱାର୍ଡ ଲଳିତ ଉପାଧ୍ୟାୟ ଶେଷରେ ଅନ୍ତର୍ଜାତୀୟ ହକିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଲଳିତ ଅଗ୍ରଭାଗରେ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳି ରହିଆସିଥିଲେ। ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ଭାରତକୁ କାଂସ୍ୟ ପଦକ ବିଜୟୀ କରାଇବାରେ ଲଳିତ୍‌ଙ୍କ ଅବଦାନ ଉଲ୍ଲେଖନୀୟ ରହିଥିଲା। ଲଳିତ ତାଙ୍କ ଅବସର ବାର୍ତ୍ତାରେ ଲେଖିଛନ୍ତି, ‘ଏହି ଯାତ୍ରା ଏକ ଛୋଟିଆ ଗାଁରୁ ଆରମ୍ଭ ହୋଇଥିଲା। ଦୁଇ ଦୁଇଥର ଅଲିମ୍ପିକ ପୋଡିୟମରେ ଠିଆ ହେବା ଅବିସ୍ମରଣୀୟ ରହିଥିଲା। ୨୬ ବର୍ଷ ପରେ ମୋ ସହର ବାରାଣାସୀରୁ ଅଲିମ୍ପିଆନ ହେବା ମୋ ପାଇଁ ବେଶ୍ ସମ୍ମାନଜନକ ଥିଲା’।

ବାରାଣାସୀରେ ଜନ୍ମିତ ଲଳିତ ୨୦୧୪ ବିଶ୍ୱକପ୍‌ରେ ଖେଳି ଅନ୍ତର୍ଜାତୀୟ ହକିରେ ପାଦ ଥାପିଥିଲେ। ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଜୁନ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ସେ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ୩୧ ବର୍ଷୀୟ ଲଳିତ ତାଙ୍କ ୧୧ ବର୍ଷର ଜ୍ୱାଜଲ୍ୟମୟ କ୍ୟାରିୟରରେ ଭାରତୀୟ ହକିର ଏକାଧିକ ସ୍ମରଣୀୟ ମୁହୂର୍ତ୍ତରେ ସାମିଲ ରହିଥିଲେ। ସେ ଭାରତ ପାଇଁ ୧୮୩ ମ୍ୟାଚ୍ ଖେଳି ୬୭ଟି ଗୋଲ୍ ସ୍କୋର କରିଛନ୍ତି। ଦୁଇଟି ଅଲିମ୍ପିକ୍ସ ପଦକ ବ୍ୟତୀତ ଲଳିତ ୨୦୧୬ ଏସିଆନ ଚାମ୍ପିଅନ୍ସ ଟ୍ରଫି ଓ ୨୦୧୭ ଏସିଆ କପ୍ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟ ରହିଥିଲେ। ସେହିଭଳି ଭୁବନେଶ୍ୱରରେ ୨୦୧୭ରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ଫାଇନାଲ୍ସରେ କାଂସ୍ୟ ବିଜୟୀ ଭାରତୀୟ ଦଳରେ ସେ ଥିଲେ। ୨୦୨୧ରେ ତାଙ୍କୁ ଅର୍ଜୁନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଲଳିତ ବର୍ତ୍ତମାନ ଉତ୍ତର ପ୍ରଦେଶ ପୁଲିସରେ ଡେପୁଟୀ ଏସ୍‌ପି ଭାବେ କାର୍ଯ୍ୟରତ ରହିଛନ୍ତି। ଲଳିତଙ୍କ ଅବସରକୁ ନେଇ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ‘ଲଳିତ ଆମ ପିଢ଼ିର ସବୁଠୁ ଉତ୍ସର୍ଗୀକୃତ ଫରୱାର୍ଡମାନଙ୍କ ମଧ୍ୟରୁ ଅନ୍ୟତମ। ଅଲିମ୍ପିକ୍ ହେଉକି କୌଣସି ଲିଗ୍ ମ୍ୟାଚ୍ ହେଉ ସେ ସର୍ବଦା ଗର୍ବର ସହିତ ଭାରତୀୟ ଜର୍ସି ପରିଧାନ କରିଥାନ୍ତି।’

## ଖୋର୍ଦ୍ଧା ଜିଲ୍ଲା ଚେସ୍ ଶନିବାର

ଭୁବନେଶ୍ୱର, ୨୩।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ଜିଲ୍ଲା ୧୩ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଶନିବାର ଓ ରବିବାର ଦୁଇଦିନ ଧରି ଘାଟିକିଆ ସ୍ଥିତ ଏପିଜେ ସ୍କୁଲ ପରିସରରେ ଖେଳାଯିବ। ଏଥିରେ ୩୨ଟି ଟ୍ରଫି ଓ ୪୦ଟି ଚେସ୍ ବହି ପ୍ରଦାନ କରାଯିବ ବୋଲି ଆୟୋଜକ ସଂଘର ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ଏଣ୍ଟ୍ରି ଫି ୫୦୦ ଟଙ୍କା ସହ ସ୍ୱୟଂଶୁ ସତ୍ୟକାମଙ୍କୁ ମୋବାଇଲ ନଂ- ୯୯୩୭୦-୦୭୯୪୫ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

## ନିଶାନ୍ତ ବିଶ୍ୱାଳ ଚାମ୍ପିଅନ




ଭୁବନେଶ୍ୱର,୨୩।୬ (ସମିସ): ବରିଷ୍ଠ ଖେଳାଳି ନିଶାନ୍ତ ବିଶ୍ୱାଳ ଏଠାରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର-୨୦୨୫ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ସାଲିଆସାହିସ୍ଥିତ ଭିଣ୍ଟେଜ୍ କ୍ଲବ୍ ପରିସରରେ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲରେ ନିଶାନ୍ତ ୬-୪ ଫ୍ରେମ୍‌ରେ ଟାଇଟଲ ଫେବରାଇଟ୍ ଆଶୁତୋଷ ପାଢ଼ୀଙ୍କୁ ପରାସ୍ତ କରି ଟାଇଟଲ ଜିତିନେଇଥିଲେ। କ୍ୟାରିୟରର ୭ମ ଟାଇଟଲ ଜିତିଥିବା ଏହି ଚାମ୍ପିଅନଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ଆଶୁତୋଷଙ୍କୁ ରନର ଅପ୍ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ମିଳିଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଶୁତୋଷ ୫-୨ ଫ୍ରେମ୍‌ରେ ଚିରାଗ ଅରୋରାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ରବିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ନିଶାନ୍ତ ମଧ୍ୟ ୫-୨ ଫ୍ରେମ୍‌ରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରି ଦ୍ୱିତୀୟ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଖେଳ ଶେଷରେ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତଥା ବିଏସ୍ଏଓ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଗୋବିନ୍ଦ ଶର୍ମା, ଭିଣ୍ଟେଜ୍ କ୍ଲବ୍‌ର ଦୁଇ ମାଲିକ ତଥା ଖେଳାଳି ଅମିୟ ରଞ୍ଜନ ନାୟକ ଓ ସତ୍ୟଦୀପ ଦାସ୍ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଓ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ସାଭପତି ତାରାରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ସମିର ଅଲି ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS